


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ଯା ଦେବୀ ସର୍ବଭୂତେଷୁ...

ବାଲେଶ୍ୱର ❑ ବୁଧବାର ୧୩ ମଇ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 13 May 2026

Vol.No. 36 ■ No.125 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଲା

ସାଗରିକା

(ବିଷୁବସଂଖ୍ୟା)

ଡିଜିଟାଲ ଫର୍ମାଟରେ

ମଧ୍ୟ ଉପଲବ୍ଧ...

ପ୍ରାପ୍ତିସ୍ଥାନ: ନଲେଜ ସେଣ୍ଟର, ବସଷ୍ଟାଣ୍ଡ ସାମ୍ନା, ବାଲେଶ୍ୱର

website : sagarika.in.net


## ଚୀନ୍ ଗସ୍ତବେଳେ ପାକିସ୍ତାନରେ ଦୁଇଘଣ୍ଟା ଅଟକିପାରନ୍ତି ଟ୍ରମ୍ପ



ନୂଆଦିଲ୍ଲୀ,୧୨/୫ : ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବୁଧବାର ଦିନ ଚୀନ୍ ଗସ୍ତରେ ଯାଉଥିବା ସମୟରେ ପାକିସ୍ତାନରେ କିଛି ସମୟ ଅଟକିବେ ବୋଲି ଆଶା କରାଯାଉଛି । ପାକିସ୍ତାନର ପ୍ରତିରକ୍ଷା ମନ୍ତ୍ରୀ ଖଓ୍ୱାଜା ଆସିଫ୍ କହିଛନ୍ତି ଯେ, ଟ୍ରମ୍ପ ଇସଲାମାବାଦରେ ପ୍ରାୟ ଦୁଇ ଘଣ୍ଟା ବିତାଇପାରନ୍ତି। ତଥାପି, ଆସିଫ୍ ଏହାକୁ ସରକାରୀ ଭାବରେ ନିଶ୍ଚିତ କରିନାହାନ୍ତି। ସେ କହିଛନ୍ତି ଯେ, ଏହା ଆଶା କରାଯାଉଛି କିନ୍ତୁ ସରକାରଙ୍କ ପକ୍ଷରୁ ସେ ଏହାକୁ ନିଶ୍ଚିତ କରିପାରିବେ ନାହିଁ । ଆସିଫ୍ ଏକ ଟିଭି ଚ୍ୟାନେଲରେ ଏହି ବିବୃତି ଦେଇଛନ୍ତି। ପାକିସ୍ତାନୀ ଗଣମାଧ୍ୟମ ଦାବି କରିଛି ଯେ, ଡୋନାଲ୍ଡ ଟ୍ରମ୍ପ ଚୀନ୍ ଯିବା ସମୟରେ କିଛି ଘଣ୍ଟା ପାଇଁ ପାକିସ୍ତାନରେ ରହଣି କରିପାରନ୍ତି। ସେ ନୁର ଖାନ ଏୟାର ବେସରେ ଅବତରଣ କରିବାର ସମ୍ଭାବନା ଅଛି। ଟ୍ରମ୍ପଙ୍କ ପାକିସ୍ତାନରେ ରହଣି ଆଶା କରାଯାଉଛି କାରଣ ସେ ସମ୍ପ୍ରତି ପାକିସ୍ତାନର ସେନା ମୁଖ୍ୟ ଏବଂ ପ୍ରଧାନମନ୍ତ୍ରୀ ଶାହବାଜ ସରିଫଙ୍କୁ ପ୍ରଶଂସା କରିଛନ୍ତି। ଟ୍ରମ୍ପ ଇରାନ-ଆମେରିକା ବିବାଦରେ ମଧ୍ୟସ୍ଥତା କରିବାରେ ପାକିସ୍ତାନର ଭୂମିକାକୁ ମଧ ପ୍ରଶଂସା କରିଛନ୍ତି। ଯଦି ଡୋନାଲ୍ଡ ଟ୍ରମ୍ପ ଇସଲାମାବାଦରେ ଅଟକିଯାଆନ୍ତି, ତେବେ ଏହା ଦୁଇ ଦଶନ୍ଧି ମଧ୍ୟରେ ଜଣେ ଆମେରିକୀୟ ରାଷ୍ଟ୍ରପତିଙ୍କ ପ୍ରଥମ ପାକିସ୍ତାନ ଗସ୍ତ ହେବ। ପୂର୍ବରୁ, ଜର୍ଜ ଡବ୍ଲ୍ୟୁ ବୁଶ ଆଫଗାନିସ୍ତାନ ଯୁଦ୍ଧ ସମୟରେ ପାକିସ୍ତାନ ଗସ୍ତ କରିଥିଲେ । ପରବର୍ତ୍ତୀ ଆମେରିକା ରାଷ୍ଟ୍ରପତି ବାରାକ ଓବାମା, ଜୋ ବାଇଡେନ ଏବଂ ନିଜେ ଡୋନାଲ୍ଡ ଟ୍ରମ୍ପ ସେମାନଙ୍କର ପ୍ରଥମ କାର୍ଯ୍ୟକାଳରେ ପାକିସ୍ତାନ ଗସ୍ତ କରିନଥିଲେ। ସାମ୍ପ୍ରତିକ ବର୍ଷଗୁଡ଼ିକରେ ଆମେରିକା ରାଷ୍ଟ୍ରପତି ଏବଂ ଉଚ୍ଚ ପଦାଧିକାରୀମାନେ ପାକିସ୍ତାନ ଗସ୍ତକୁ ଏଡ଼ାଇ ଦେଇଛନ୍ତି, କିନ୍ତୁ ପାକିସ୍ତାନ ପ୍ରତି ଟ୍ରମ୍ପଙ୍କ ଆଭିମୁଖ୍ୟ ଭିନ୍ନ ରହିଛି। ଟ୍ରମ୍ପ ପ୍ରଶାସନ ପାକିସ୍ତାନ ସହିତ ସମ୍ପର୍କ ଉନ୍ନତ କରିଛି। ସେ ଅସୀମ ମୁନିରଙ୍କୁ ତାଙ୍କର ପ୍ରିୟ ଫିଲ୍ଡ ମାର୍ଶାଲ ବୋଲି ଉଲ୍ଲେଖ କରିଛନ୍ତି। ସମ୍ପ୍ରତି, ସେ କହିଥିଲେ ଯେ, ଇରାନ ଏବଂ ଆମେରିକା ମଧ୍ୟରେ ପାକିସ୍ତାନ ଭଲ କାମ କରିଛି ଏବଂ ସେ ଇସଲାମାବାଦ ଗସ୍ତ କରିବା ନେଇ ଚିନ୍ତା କରିବେ। ହ୍ୱାଇଟ୍ ହାଉସ୍ ପ୍ରମୁଖ ଉପ-ପ୍ରେସ୍ ସଚିବ ଆନ୍ନା କେଲି କହିଛନ୍ତି, ଟ୍ରମ୍ପଙ୍କ ଗସ୍ତ ଅତ୍ୟନ୍ତ ପ୍ରତୀକାତ୍ମକ ଗୁରୁତ୍ୱ ବହନ କରୁଛି।

◆◆ପୃଷ୍ଠା ୭

## ଲଘୁଚାପ ସକ୍ରିୟ : ପାଣିପାଗ ବିଭାଗର ସୂଚନା, ବାତ୍ୟା ଆଶଙ୍କା କମ୍, ରହିବ ବର୍ଷାର ପ୍ରଭାବ

ଭୁବନେଶ୍ୱର, ୧୨/୫ (ନି.ପ୍ର): ଦକ୍ଷିଣ ପଶ୍ଚିମ ବଙ୍ଗୋପସାଗର ନିକଟରେ ସକ୍ରିୟ ରହିଛି ଲଘୁଚାପ କ୍ଷେତ୍ର। ଘନୀଭୂତ ହୋଇ ଅବପାତର ରୂପ ନେଇପାରେ। ବାତ୍ୟାର ଆଶଙ୍କା କମ ରହିଛି। କିନ୍ତୁ ଓଡ଼ିଶାରେ ବର୍ଷାର ପ୍ରଭାବ ରହିବ। ଉପକୂଳ ଅଞ୍ଚଳରେ ମେଘୁଆ ପାଗ ସହ ଆଭ୍ୟନ୍ତରୀଣ ଓଡ଼ିଶାରେ ବି କାଳବୈଶାଖୀ ଦେଖିବାକୁ ମିଳିପାରେ। ପାଣିପାଗ ବିଶେଷଜ୍ଞଙ୍କ ଅନୁସାରେ ବଙ୍ଗୋପସାଗରରେ ତାପମାତ୍ରା ଅଧିକ ସହ ଉପର ବାୟୁମଣ୍ଡଳରେ ପବନର ବେଗ ଅଧିକ ରହିଛି। ପବନର ବେଗ କମିଲେ ବାତ୍ୟା ପ୍ରଭାବ ରହିବ। ପବନ ନ କମିଲେ ବାତ୍ୟା ଆଶଙ୍କା ରହିବ ନାହିଁ। ଏଥର ଶୀଘ୍ର ଆସିପାରେ ମୌସୁମୀ। ଚଳିତ ସପ୍ତାହ ଶେଷ ଆଡ଼କୁ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ଆଣ୍ଡାମାନ ଛୁଇଁବା ସମ୍ଭାବନା ରହିଛି। ସାଧାରଣତଃ ମେ ୨୦ରେ ଆଣ୍ଡାମାନ ଛୁଇଁଥାଏ ମୌସୁମୀ। କିନ୍ତୁ ବର୍ତ୍ତମାନ ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ସକ୍ରିୟ ଥିବା ଲଘୁଚାପ କ୍ଷେତ୍ର ଧୀରେ ଧୀରେ ଘନୀଭୂତ ହେଉଥିବା ବେଳେ ମୌସୁମୀ ବାୟୁକୁ ଅଗ୍ରସର କରାଇବାରେ ସହାୟକ ହେବ। ଫଳରେ ଆଣ୍ଡାମାନରେ ଆଗୁଆ ପ୍ରବେଶ କରିବ ମୌସୁମୀ। ଦକ୍ଷିଣ-ପୂର୍ବ ଓ ଦକ୍ଷିଣ-ପଶ୍ଚିମକୁ ଗତି କରି ତାମିଲନାଡୁ ଉପକୂଳ ମୁହାଁ ହେବ ଲଘୁଚାପ। ସେଠାରୁ ରିକର୍ଭ କରି ମିଆଁମାର ଯିବ। ଫଳରେ ଜଳୀୟବାଷ୍ପ ବିନା ଓଡ଼ିଶାରେ ଏଇ ସପ୍ତାହରେ ପ୍ରବଳ ଗରମ ହେବ। ଉଚ୍ଚ ତାପମାତ୍ରା ସାଙ୍ଗକୁ ଗୁଳୁଗୁଳି ଜାରି ରହିବ।

## ମାଓ ଡମ୍ପ ଠାବ : ୨୮ଟି ଅତ୍ୟାଧୁନିକ ବନ୍ଧୁକ, ୧ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଜବତ

ମାଲକାନଗିରି, ୧୨/୫ (ନି.ପ୍ର): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡର ନାରାୟଣପୁର ପୁଲିସକୁ ମିଳିଛି ବଡ ସଫଳତା। ଜିଲ୍ଲା ନକ୍ସଲ ମୁକ୍ତ ବୋଲି କୁହାଯାଉଥିଲେ ମଧ ଏବେ ମଧ ଜଂଗଲରେ ନକ୍ସଲ ଦ୍ୱାରା ବଙ୍କର ଏବଂ ଡମ୍ପ (ମହଜୁଦ) କରି ଲୁଚାଇ କରି ରଖାଯାଇଥିବା ଅତ୍ୟାଧୁନିକ ବନ୍ଧୁକ ଓ ବିସ୍ଫୋରକ ସହ ୧କୋଟିରୁ ଉର୍ଦ୍ଧ୍ୱ ନଗଦ ଟଙ୍କା ଜବତ କରାଯାଉଛି। ସୂଚନାନୁସାରେ, ସୁରକ୍ଷାକର୍ମୀ ବିଶେଶ ସୂତ୍ରରୁ ଖବର ପାଇ ନାରାୟଣପୁର ସୀମାନ୍ତ ଆବୁଝମାଡ ଜଂଗଲରେ ଚଢ଼ାଉ କରିଥିଲେ। ଜଂଗଲର ବିଭିନ୍ନ ସ୍ଥାନରେ ଯାଞ୍ଚ କରାଯାଉଥିବା ବେଳେ ଏକ ବଡ ଡମ୍ପକୁ ଠାବ କରିଥିଲେ ଯବାନ। ଏହି ଡମ୍ପରୁ ଏକେ-୪୭, ଏସ୍ଏଲ୍ଆର,

◆◆ପୃଷ୍ଠା ୭

## ଅପରାଧ ଉପରମୁହାଁ ପରେ ତତ୍ପର ପୁଲିସ ବିଭାଗ: ଝାରସୁଗୁଡ଼ାରେ ୨ ଏନକାଉଣ୍ଟର



ଭୁବନେଶ୍ୱର, ୧୨/୫ (ନି.ପ୍ର): ଆଇନ ଶୃଙ୍ଖଳା ବିଗିଡ଼ିବା ପରେ ଆକ୍ସନ୍ ମୋଡ୍‌ରେ ପୁଲିସ । ଝାରସୁଗୁଡ଼ା ପୁଲିସର ବଡ଼ କାର୍ଯ୍ୟାନୁଷ୍ଠାନ। ୨ ହତ୍ୟା ଅଭିଯୁକ୍ତକୁ ଏନକାଉଣ୍ଟର କରାଯାଇଥିବା ବେଳେ, ନୟାଗଡ଼ ଜିଲ୍ଲାର ଓଡ଼ଗାଁ ଓ ଗଣିଆ ହତ୍ୟାକାଣ୍ଡ ମାମଲାରେ ବି ତଦନ୍ତକୁ ତ୍ୱରାନ୍ୱିତ କରାଯାଇଛି। ସେପଟେ ବାଲିଅନ୍ତା ସୌମ୍ୟରଞ୍ଜନ ସ୍ୱାଇଁ ଭିଡ଼ ହତ୍ୟା ଘଟଣାରେ ବଢ଼ିଛି ଗିରଫଦାରୀ ସଂଖ୍ୟା। ଝାରସୁଗୁଡ଼ା ବେଲପାହାଡ଼ରେ ରାହୁଲ ମହନ୍ତ ନାମକ ଯୁବକଙ୍କୁ ହତ୍ୟା ଘଟଣାରେ, ୨ ମୁଖ୍ୟ ଅଭିଯୁକ୍ତକୁ ଏନ୍‌କାଉଣ୍ଟର କରିଛି ପୁଲିସ । ପୁଲିସ ବନ୍ଧୁକରୁ ଗୁଳି ଖାଇଛନ୍ତି ସୁନୀଲ ମହାନନ୍ଦ ଓ ଚାନ୍ଦ ବନଛୋର। ଗତକାଲି ବେଲପାହାଡ଼ ଗାନ୍ଧୀନଗରରେ ରାହୁଲଙ୍କ ବାଇକ୍ ଏକ କାରକୁ ଧକ୍କା ଦେବା ଘଟଣାକୁ ନେଇ, ଦିନ ଦ୍ୱିପହରରେ ଘଟିଥିଲା ନିର୍ମମ ହତ୍ୟାକାଣ୍ଡ । ଏହି ମାମଲାରେ କାର ଡ୍ରାଇଭର ସମେତ ୩ ଜଣଙ୍କୁ ଗିରଫ କରିଥିଲା ପୁଲିସ । ହେଲେ ଫେରାର୍ ଥିଲେ ଭୁଜାଲିରେ

◆◆ପୃଷ୍ଠା ୭

## କବି ପ୍ରଭାତ ନଳିନୀଙ୍କ ସ୍ମୃତି ସଭା



ଭଦ୍ରକ, ୧୨/୫ (ନି.ପ୍ର): ଡ. ପ୍ରଭାତନଳିନୀ ମହାପାତ୍ର ଏକାଧାରରେ ଜଣେ ଶିକ୍ଷାବିତ୍, କବି, ଗବେଷକ, ଆଧ୍ୟାତ୍ମବାଦୀ ତଥା ସାମାଜିକ ପ୍ରତିବଦ୍ଧତା ଥିବା ବ୍ୟକ୍ତିତ୍ୱ ଥିଲେ, ସ୍ଥାନୀୟ ଭାଗବତ ମଣ୍ଡପ ଠାରେ ଗାଳ୍ପିକ ପବିତ୍ର ପାଣିଗ୍ରାହୀଙ୍କ ସଞ୍ଚାଳନାରେ ତାଙ୍କ ଏକାଦଶାହରେ ଅନୁଷ୍ଠିତ ସ୍ମୃତିସଭାରେ ଉପସ୍ଥିତ ବିଶିଷ୍ଟ ବ୍ୟକ୍ତିମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଏହା ପ୍ରକାଶ କରିଛନ୍ତି । ଡ. ଶଶଧର ଦାସ, ଡ. ମନୀନ୍ଦ୍ର ମହାନ୍ତି, ଡ. ଗୋଲକ ବିହାରୀ ସାହୁ, ଅଜୟ ନାୟକ, ଡା. ରବୀନ୍ଦ୍ର କୁମାର ନାୟକ, ମାନସ ମହାପାତ୍ର, ଶୈଳବାଳା ମହାପାତ୍ର, କୈଳାଶ ଚନ୍ଦ୍ର ପଣ୍ଡା, ଗୀତାରାଣୀ ଆଇଚ, ସୁଚିତ୍ର ପାଣିଗ୍ରାହୀ, ଡା ସୁକାନ୍ତି ମହାପାତ୍ର, ଡ. ସୋମା ଚାନ୍ଦ, ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ଓ ସଂଗ୍ରାମ ଆଚାର୍ଯ୍ୟ, ବିଜୟ ବହଳୀ, ଅଟଳି ବିହାରୀ ନାୟକ, ସୃଷ୍ଟିଧର ପରିଡ଼ା, ସମରେନ୍ଦ୍ରନାଥ ମହାପାତ୍ର, ମମତା ମହାପାତ୍ର, କଲ୍ୟାଣୀ ନନ୍ଦ, ସ୍ମୃତି ଦାସ, ହରମୋହନ କୁଅଁର, ଲଲାଟେନ୍ଦୁ ମହାନ୍ତି, କୈଳାସ ମହାପାତ୍ର, ଡ. ଅବନୀ ପ୍ରଧାନ, ଅରୁଣ ଖିଲାର, ଚୈତାଳି ଖିଲାର, ସଂଯୁକ୍ତା ବଳ, ମନୋରମା ରାୟ, ଜାନକୀ ପାଢ଼ୀ, ମନୋରଂଜନ ଦାସ, ଅଭିଜିତ ନାୟକ, ଗୌରାଙ୍ଗ ବାରିକ, ସ୍ନେହଲତା ବେହେରା, କମଳାକାନ୍ତ ସ୍ୱାଇଁ, ଗୟାଧର ପଣ୍ଡା, ରମେଶ ଚନ୍ଦ୍ର ଦାସ, ବିପ୍ଳବ ହୋତା,

◆◆ପୃଷ୍ଠା ୭

## ବାଲିଅନ୍ତା ସୌମ୍ୟ ମୃତ୍ୟୁ ଘଟଣାର ସମୀକ୍ଷା କଲେ ଡିଜିପି

ଭୁବନେଶ୍ୱର, ୧୨/୫ (ନି.ପ୍ର): ବାଲିଅନ୍ତାରେ ସୌମ୍ୟ ମୃତ୍ୟୁ ଘଟଣାରେ ପୋଲିସ୍ ଡିଜି ଓ୍ୱାଇ ବି ଖୁରାନିଆ ସମୀକ୍ଷା କରିଛନ୍ତି। ସମୀକ୍ଷା ପରେ ଡିଜିପି କହିଛନ୍ତି ଯେ ବାଲିଅନ୍ତା ହତ୍ୟା ଘଟଣାରେ ପ୍ରାଥମିକ ରିପୋର୍ଟ ହସ୍ତଗତ ହୋଇଛି । ଘଟଣାସ୍ଥଳରେ ପର୍ଯ୍ୟାପ୍ତ ପୋଲିସ ନଥିବାରୁ ଏଭଳି ଘଟଣା ଘଟିଥିଲା। ଏଭଳି ଘଟଣାର ପୁନରାବୃତି ନହେବା ଉପରେ ଗୁରୁତ୍ୱ ଦିଆଯାଉଛି। ଏହା ବ୍ୟତୀତ ନୟାଗଡ଼, ବେଲପାହାଡ଼ ଘଟଣାରେ ଡିଜି ରିପୋର୍ଟ ମାଗିଛନ୍ତି। ବାଲେଶ୍ୱର ଓ ସୋର ହତ୍ୟା ମାମଲା ନେଇ ମଧ ରିପୋର୍ଟ ମାଗିଛନ୍ତି ଡିଜିପି।

## ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଓଡ଼ିଶାକୁ ମିଳିଲା ଜାତୀୟ ପୁରସ୍କାର

ଭୁବନେଶ୍ୱର, ୧୨/୫ (ନି.ପ୍ର): ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଓଡ଼ିଶାକୁ ଉର୍କ୍ଷତା ପାଇଁ ଜାତୀୟ ପୁରସ୍କାର ମିଳିଛି। ଏଥିପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମ୍ପୃକ୍ତ ବିଭାଗୀୟ ଅଧିକାରୀ, ଯନ୍ତ୍ରୀ ଏବଂ ଏହି କାର୍ଯ୍ୟରେ ନିୟୋଜିତ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସୋସିଆଲ ମିଡିଆ ସାଇଟ୍ ଏକ୍ସରେ ପୋଷ୍ଟ କରି ମୁଖ୍ୟମନ୍ତ୍ରୀ ଲେଖିଛନ୍ତି ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାର ରଜତ ଜୟନ୍ତୀ ଅବସରରେ ଓଡ଼ିଶାକୁ 'କନେକ୍ଟିଙ୍ଗ୍ ମାକ୍ସିମମ୍ ହାବିଟେସସନସ୍ ' ବର୍ଗରେ ମିଳିଥିବା ଜାତୀୟ ସ୍ୱୀକୃତି ଅତ୍ୟନ୍ତ ଗୌରବର ବିଷୟ। ଓଡ଼ିଶାର ପ୍ରଗତି ପ୍ରତି ମାନ୍ୟବର ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଜୀଙ୍କ ସ୍ୱତନ୍ତ୍ର ଦୃଷ୍ଟିଭଙ୍ଗୀ ଏବଂ କେନ୍ଦ୍ର ସରକାରଙ୍କ ନିରନ୍ତର ସହଯୋଗ ଯୋଗୁଁ ଆଜି ଆମ ରାଜ୍ୟ ଗ୍ରାମୀଣ ଭିତ୍ତିଭୂମି କ୍ଷେତ୍ରରେ ଏହି ସଫଳତା ହାସଲ କରିଛି। କେନ୍ଦ୍ରୀୟ ଯୋଜନାର ସଫଳ ରୂପାୟନ ମାଧ୍ୟମରେ ରାଜ୍ୟର ପ୍ରତିଟି ଅଞ୍ଚଳକୁ ବିକାଶର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ଆମେ ପ୍ରୟାସ ଜାରି ରଖିଛୁ।

## ନିଟ୍-ୟୁଜି ୨୦୨୬ ପରୀକ୍ଷା ବାତିଲ୍: ଅନିୟମିତତାର ତଦନ୍ତ କରିବ ସିବିଆଇ

### ନାସିକରୁ ପ୍ରିଂଟିଂ ପ୍ରେସ ମାଲିକ ଗିରଫ





ନୂଆଦିଲ୍ଲୀ,୧୨/୫ : ଜାତୀୟ ପରୀକ୍ଷା ଏଜେନ୍ସି (ଏନ.ଟି.ଏ.) ଏନ.ଇଇଟି.-ୟୁ. ଜି. ୨୦୨୬ ପରୀକ୍ଷାକୁ ବାତିଲ୍ କରି ପୁନର୍ବାର ପରୀକ୍ଷା କରିବାକୁ ନିଷ୍ପତି ନେଇଛି। ପରୀକ୍ଷାରେ ହୋଇଥିବା ଅନିୟମିତତା ଏବଂ ତଦନ୍ତକାରୀ ସଂସ୍ଥାଗୁଡ଼ିକରୁ ମିଳିଥିବା ସୂଚନା ଆଧାରରେ ଏଜେନ୍ସି ଏହି ନିଷ୍ପତି ନେଇଛି। ଏଥିସହ, କେନ୍ଦ୍ର ସରକାର ଏହି ମାମଲାର ସମ୍ପୂର୍ଣ୍ଣ ତଦନ୍ତ କେନ୍ଦ୍ରୀୟ ଅନୁସନ୍ଧାନ ବ୍ୟୁରୋ (ସିବିଆଇ)କୁ ହସ୍ତାନ୍ତର କରିଛନ୍ତି। ମଙ୍ଗଳବାର ଦିନ ଏକ ବିବୃତିରେ ଏନ୍. ଟି. ଏ. କହିଛି ଯେ ଏନ.ଇଇଟି.-ୟୁ. ଜି. ୨୦୨୬ ପରୀକ୍ଷାର ପ୍ରକ୍ରିୟା ବର୍ତମାନର ପରିସ୍ଥିତିରେ ସ୍ଥାୟୀ ହୋଇପାରିବ ନାହିଁ। ପରୀକ୍ଷା ବ୍ୟବସ୍ଥାରେ ସ୍ୱଚ୍ଛତା, ନିରପେକ୍ଷତା ଏବଂ ଛାତ୍ରଛାତ୍ରୀଙ୍କ ବିଶ୍ୱାସ ବଜାୟ ରଖିବା ପାଇଁ ପରୀକ୍ଷାକୁ ବାତିଲ୍ ଏବଂ ପୁନର୍ବାର ଆୟୋଜନ କରିବାର ନିଷ୍ପତି ନିଆଯାଇଛି। ନୂତନ ପରୀକ୍ଷା ତାରିଖ ଏବଂ ପୁନଃ ଜାରି କରାଯାଇଥିବା ଆଡମିଟ୍ କାର୍ଡର କାର୍ଯ୍ୟସୂଚୀ ଶୀଘ୍ର ଅଫିସିଆଲ୍ ଚ୍ୟାନେଲ୍ ମାଧ୍ୟମରେ ଘୋଷଣା କରାଯିବ। କେବଳ ସରକାରୀ ସୂଚନା ଉପରେ ନିର୍ଭର କରିବାକୁ ଏବଂ ସୋସିଆଲ ମିଡ଼ିଆରେ ପ୍ରସାରିତ ଅପ୍ରମାଣିତ ଖବରକୁ ଏଡ଼ାଇବାକୁ ପରୀକ୍ଷାର୍ଥୀ ଏବଂ ଅଭିଭାବକ ମାନଙ୍କୁ ନିବେଦନ କରିଛି। ସରକାର ମାମଲାର ବିସ୍ତୃତ ତଦନ୍ତକୁ ସିବିଆଇକୁ

◆◆ପୃଷ୍ଠା ୭

## ମୁଖ୍ୟମନ୍ତ୍ରୀ ହେବା ପରେ ବିଜୟଙ୍କ ପ୍ରଥମ ବଡ଼ ନିଷ୍ପତ୍ତି: ବନ୍ଦ ହେବ ରାଜ୍ୟର ୭୧୭ ମଦ ଦୋକାନ





ନୂଆଦିଲ୍ଲୀ,୧୨/୫ : ତାମିଲନାଡୁର ମୁଖ୍ୟମନ୍ତ୍ରୀ ହେବା ପରେ ଥାଲାପତି ବିଜୟ ନିଜର ପ୍ରଥମ ପ୍ରଶାସନିକ ନିଷ୍ପତ୍ତି ନେଇଛନ୍ତି। ଯୋଶେଫ ବିଜୟ ମଙ୍ଗଳବାର ରାଜ୍ୟର ୭୧୭ ସରକାରୀ ମଦ ଦୋକାନ ବନ୍ଦ କରିବା ନିଷ୍ପତ୍ତି ଉପରେ ମୋହର ମାରିଛନ୍ତି। ବିଭିନ୍ନ ଧର୍ମାନୁଷ୍ଠାନ, ଶିକ୍ଷାନୁଷ୍ଠାନ ଓ ବସ ଷ୍ଟାଣ୍ଡ ନିକଟରେ ଏହି ମଦ ଦୋକାନ ଗୁଡ଼ିକ ରହିଥିଲା। ଏବେ ବିଜୟ ମୁଖ୍ୟମନ୍ତ୍ରୀ ହେବା କ୍ଷଣି ସେଗୁଡ଼ିକ ବନ୍ଦ କରିବାକୁ କହିଛନ୍ତି। ମନ୍ଦିର, ମସଜିଦ, ଚର୍ଚ୍ଚ, ସ୍କୁଲ, କଲେଜ ଓ ବସ ଷ୍ଟାଣ୍ଡର ୫୦୦ ମିଟର ପରିଧି ମଧ୍ୟରେ ଚାଲୁଥିବା ସମସ୍ତ ତାମିଲନାଡୁ ରାଜ୍ୟ ମାର୍କେଟିଂ କର୍ପୋରେସନ(ତାସମାକ) ଆଉଟ ଲେଟକୁ ବନ୍ଦ କରିବାକୁ ବିଜୟ ଦସ୍ତଖତ କରିଥିବା ନିର୍ଦ୍ଦେଶନାମାରେ ଅଧିକାରୀମାନଙ୍କୁ କୁହାଯାଇଛି। ଆସନ୍ତା ୨ ସପ୍ତାହରେ ଏହି ମଦ ଦୋକାନଗୁଡ଼ିକ ଯେମିତି ବନ୍ଦ ହୋଇ ସାରିଥିବ, ସେନେଇ ବିଜୟ କଡ଼ା ଭାଷାରେ ଅଧିକାରୀମାନଙ୍କୁ ଜଣାଇ ଦେଇଛନ୍ତି। ତାମିଲନାଡୁ ସରକାରଙ୍କ ତଥ୍ୟ ଅନୁସାରେ, ଏବେ ରାଜ୍ୟରେ ୪,୭୬୫ ତାସମାକ ମଦ ଦୋକାନ ରହିଛି। ଏହା ମଧ୍ୟରୁ ୭୧୭ଟି ଦୋକାନକୁ ବନ୍ଦ କରିବାକୁ ଚିହ୍ନଟ କରାଯାଇଛି। ଏହା ମଧ୍ୟରୁ ୨୭୬ଟି ମଦ ଦୋକାନ ଧର୍ମାନୁଷ୍ଠାନ ନିକଟରେ ରହିଥିବା ବେଳେ ୧୮୬ଟି ଶିକ୍ଷାନୁଷ୍ଠାନ ଓ ୨୫୫ଟି ଦୋକାନ ବସ ଷ୍ଟାଣ୍ଡ ନିକଟରେ ରହିଛି। ବିଜୟ ମୁଖ୍ୟମନ୍ତ୍ରୀ ଭାବେ ଦାୟିତ୍ୱ ନେବାର କିଛି ଘଣ୍ଟା ମଧ୍ୟରେ ହିଁ ମଦ ଦୋକାନ ଗୁଡ଼ିକ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛନ୍ତି। ଏହା ବିଜୟ ସରକାରଙ୍କ ସାମାଜିକ ସଂସ୍କାର ନୀତିର ଅଂଶବିଶେଷ। ତାସମାକ ହେଉଛି ରାଜ୍ୟର ସବୁଠାରୁ ବଡ଼ ରାଜସ୍ୱ ଉତ୍ସ। ତେଣୁ ୭୧୭ଟି ମଦ ଦୋକାନ ବନ୍ଦ କରିବା ନିଷ୍ପତ୍ତି ନିଶ୍ଚିତ ଭାବେ ତାମିଲନାଡୁ ସରକାରଙ୍କ ଆର୍ଥିକ ସ୍ଥିତିକୁ ପ୍ରଭାବିତ କରିବ। ବିଜୟ ମୁଖ୍ୟମନ୍ତ୍ରୀ ହେବା ପୂର୍ବରୁ ଲୋକଙ୍କ ପାଇଁ ଅନେକ ଯୋଜନା ଘୋଷଣା କରିଥିଲେ। ଏବେ ସେଗୁଡ଼ିକ ଆର୍ଥିକ ସଙ୍କଟରେ ସାମ୍ନା କରିବାର ମଧ ଯଥେଷ୍ଟ ଆଶଙ୍କା ପ୍ରକାଶ ପାଇଛି। ତେବେ ବିଜୟଙ୍କ ମଦ ଦୋକାନ ବନ୍ଦ ନିଷ୍ପତ୍ତିକୁ ବିଭିନ୍ନ ରାଜନୀତିକ ଦଳ ଓ ନେତା ସ୍ୱାଗତ କରିଛନ୍ତି। ଯେଉଁମାନେ ଦୀର୍ଘ ସମୟ ଧରି ମଦ ନୀତିରେ ସଂସ୍କାର ଆଣିବାକୁ ଦାବି କରୁଥିଲେ,

◆◆ପୃଷ୍ଠା ୭

# ସେଲ୍, ଆରଏସପି ଅଧିନସ୍ଥ ଇସ୍ପାତ ଜେନେରାଲ ହସ୍ପିଟାଲକୁ ମିଳିଲା ସମ୍ମାନଜନକ ଏନଏବିଏଚ ମାନ୍ୟତା




ରାଉରକେଲା, ୧୨/୦୫ (ନି.ପ୍ର): ସେଲ୍, ରାଉରକେଲା ଇସ୍ପାତ କାରଖାନା (ଆରଏସପି) ଅଧିନସ୍ଥ ଇସ୍ପାତ ଜେନେରାଲ୍ ହସ୍ପିଟାଲ୍ (ଆଇଜିଏଚ)କୁ ସମ୍ମାନଜନକ ନ୍ୟାସନାଲ୍ ହସ୍ପିଟାଲ୍ସ ଆଣ୍ଡ୍ ହେଲ୍ଥକେୟାର୍ ପ୍ରୋଭାଇଡର୍ସ (ଏନଏବିଏଚ) ମାନ୍ୟତା ମିଳିଛି। ଏହି ମାନ୍ୟତା ଚିକିତ୍ସା କ୍ଷେତ୍ରରେ ଉତ୍କର୍ଷ, ରୋଗୀ ସୁରକ୍ଷା ଏବଂ ଗୁଣାତ୍ମକ ସ୍ୱାସ୍ଥ୍ୟସେବା ପ୍ରଦାନ ଦିଗରେ ଆଇଜିଏଚର ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ଅଟେ।

ଉଲ୍ଲେଖଯୋଗ୍ୟ ଯେ, ଓଡ଼ିଶାର ପ୍ରମୁଖ ସ୍ୱାସ୍ଥ୍ୟସେବା ପ୍ରତିଷ୍ଠାନଗୁଡିକ ମଧ୍ୟରୁ ଆଇଜିଏଚ ଅନ୍ୟତମ ଅଟେ। ଯାହା ନିରନ୍ତର ଭାବରେ ରୋଗୀ-କୈନ୍ଦ୍ରିକ ଚିକିତ୍ସା ସେବା ପ୍ରଦାନ କରିବାରେ ବ୍ୟାପକ ପ୍ରଚେଷ୍ଟା କରୁଛି। ଭାରତୀୟ ଗୁଣବତ୍ତା ପରିଷଦର ତତ୍ତ୍ୱାବଧାନରେ ପ୍ରଦାନ କରାଯାଇଥିବା ଏହି ଏନଏବିଏଚ ମାନ୍ୟତା ଆଇଜିଏଚ ରେ ସ୍ୱାସ୍ଥ୍ୟସେବା ପରିଚାଳନା, ରୋଗୀ ସୁରକ୍ଷା, ସଂକ୍ରମଣ ନିୟନ୍ତ୍ରଣ ଏବଂ କାର୍ଯ୍ୟକ୍ଷମ ଦକ୍ଷତାରେ ପାଳନ କରାଯାଉଥିବା ଜାତୀୟ ସ୍ତରର ମାନଦଣ୍ଡକୁ ପ୍ରତିଫଳିତ କରେ।

ଏହି ସଫଳତା ପ୍ରମାଣ ଆଧାରିତ କ୍ଲିନିକାଲ୍ ଅଭ୍ୟାସ ନିର୍ଦ୍ଦେଶାବଳୀ (ସିଜିପିଏସ) ଏବଂ ମାନକ କାର୍ଯ୍ୟକ୍ଷମ ପ୍ରକ୍ରିୟା (ଏସଓପିଏସ) ଗ୍ରହଣ କରିବା ସହ ରୋଗୀଙ୍କର ଆଡମିଶନ୍ ଠୁ ନେଇ ଡିସଚାର୍ଜ ପର୍ଯ୍ୟନ୍ତ ସମସ୍ତ ସୁବିଧା ଏବଂ ଉନ୍ନତ ଯତ୍ନ ପ୍ରଦାନ କରିବାରେ ଆଇଜିଏଚ ର ପ୍ରତିବଦ୍ଧତାକୁ ସ୍ପଷ୍ଟ କରେ। ଏହି ମାନ୍ୟତା ପ୍ରକ୍ରିୟାକରଣରେ ଔଷଧ ପରିଚାଳନା ପ୍ରଣାଳୀକୁ ସୁଦୃଢ଼ କରିବା, ଶଲ୍ୟ ଚିକିତ୍ସାଗତ ସୁରକ୍ଷା ଅଭ୍ୟାସକୁ ବୃଦ୍ଧି କରିବା ଏବଂ ଦୃଢ଼ ସଂକ୍ରମଣ ନିବାରଣ ମାନକ କାର୍ଯ୍ୟକାରୀ କରିବା ମଧ୍ୟ ଅନ୍ତର୍ଭୁକ୍ତ ଥିଲା। ସେହିପରି ଗୁଣାତ୍ମକ ପରିବର୍ତ୍ତନର ଅଂଶ ଭାବରେ, ଆଇଜିଏଚ ବ୍ୟାପକ ଭିତ୍ତିଭୂମିରେ ଉନ୍ନତିକରଣ, ସଂରଚିତ ଏବଂ ସନ୍ଧାନଯୋଗ୍ୟ ଡକ୍ୟୁମେଣ୍ଟେସନ୍ ସିଷ୍ଟମର ପ୍ରଚଳନ ଏବଂ ବିକଶିତ ସ୍ୱାସ୍ଥ୍ୟସେବା ମାନଦଣ୍ଡ ସହିତ ସମନ୍ୱୟ ରଖିବା ପାଇଁ ଡାକ୍ତର, ନର୍ସ ଏବଂ ପାରାମେଡିକାଲ୍ କର୍ମଚାରୀମାନଙ୍କୁ ନିରନ୍ତର ତାଲିମ ଉପରେ ଗୁରୁତ୍ୱ ଦେଇଛି। ସୂଚନା ଯୋଗ୍ୟ ଯେ, ଏହି ଏନଏବିଏଚ ମାନ୍ୟତା ଅନ୍ୟ ଅଗ୍ରଣୀ କର୍ପୋରେଟ୍ ହସ୍ପିଟାଲ୍ ସହିତ ତୁଳନୀୟ ଉଚ୍ଚ-ଗୁଣବତ୍ତା ଚିକିତ୍ସା ମାନଦଣ୍ଡକୁ ସୁନିଶ୍ଚିତ କରି ସରକାରୀ ସ୍ୱାସ୍ଥ୍ୟସେବା ସେବା ପ୍ରତି ଜନସାଧାରଣଙ୍କ ବିଶ୍ୱାସକୁ ଆହୁରି ମଜବୁତ କରିଥାଏ। ଏହି ପ୍ରମାଣପତ୍ର ଆଇଜିଏଚରେ ଆୟୁଷ୍ମାନ ଭାରତ (ପିଏମ-ଜେଓ୍ୱାଇ) ସମେତ ବିଭିନ୍ନ ସରକାରୀ ସ୍ୱାସ୍ଥ୍ୟସେବା ଯୋଜନା ଅଧୀନରେ ହସ୍ପିଟାଲର ଯୋଗ୍ୟତାକୁ ବୃଦ୍ଧି କରିବ ବୋଲି ମଧ୍ୟ ଆଶା କରାଯାଉଛି, ଯାହାଦ୍ୱାରା ସମାଜର ଏକ ବୃହତ ବର୍ଗ ଲାଭବାନ ହେବ। ଏହି ଐତିହାସିକ ସଫଳତା ଅଞ୍ଚଳର ସାର୍ବଜନୀନ ସ୍ୱାସ୍ଥ୍ୟସେବା ପ୍ରତିଷ୍ଠାନ ଆଇଜିଏଚ ପାଇଁ ଏକ ନୂତନ ମାନଦଣ୍ଡ ସ୍ଥାପନ କରିଛି, ଯାହା ଆଇଜିଏଚ ରେ ରୋଗୀ ସୁରକ୍ଷା ଏବଂ ଗୁଣାତ୍ମକ ସେବା ନିଶ୍ଚିତ କରିବା ଦିଗରେ ଆଇଜିଏଚ ର ପ୍ରତିବଦ୍ଧତାକୁ ପୁନରାବୃତ୍ତି କରେ।

# ଗରଦପୁର ବ୍ଲକ ଅଫିସରେ ଅବ୍ୟବସ୍ଥା

କେନ୍ଦ୍ରାପଡ଼ା, ୧୨/୦୫ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ଗରଦପୁର ବ୍ଲକ୍ କାର୍ଯ୍ୟାଳୟ ପରିସରରେ ଅବ୍ୟବସ୍ଥା ଚରମ ସୀମାରେ ପହଂଚିଥିବା ଦେଖିବାକୁ ମିଳିଛି। ବ୍ଲକ୍ ଅଫିସ ଘରର କାନ୍ଥରେ ବର ଗଛ ଓ ବିଭିନ୍ନ ଲତା ମାଡ଼ି ବସିଥିବାବେଳେ, ଅଫିସ ଭିତରେ ଅଳିଆ ଆବର୍ଜନା ଜମା ହୋଇ ରହିଛି। ଏହା ଫଳରେ ସାପ, ବେଙ୍ଗ ସହ ବିଭିନ୍ନ ଜୀବଜନ୍ତୁଙ୍କ ଆସ୍ଥାନ ପାଲଟିଥିବାରୁ କର୍ମଚାରୀ ଓ ସାଧାରଣ ଲୋକ ଭୟଭୀତ ଅବସ୍ଥାରେ ରହୁଛନ୍ତି। ବିଶେଷକରି ବର ଗଛର ଚେର କାନ୍ଥ ଭିତରକୁ ପଶି ଧୀରେ ଧୀରେ କାନ୍ଥ ଫାଟୁଥିବାରୁ ଅଫିସ ଘରର ସୁରକ୍ଷା ପ୍ରତି ବିପଦ ସୃଷ୍ଟି ହୋଇଛି। ଅନ୍ୟପଟେ ସ୍ୱଚ୍ଛତାର ଅଭାବ ଯୋଗୁଁ ସରକାରଙ୍କ "ସ୍ୱଚ୍ଛ ଭାରତ" ଅଭିଯାନ କେବଳ କାଗଜ କଲମରେ ସୀମିତ ରହିଥିବା ଭଳି ଚିତ୍ର ଏଠାରେ ପ୍ରତିଫଳିତ ହେଉଛି। ସ୍ଥାନୀୟ ଲୋକମାନେ ତୁରନ୍ତ ଅଫିସ ପରିସର ସଫା କରିବା ସହ କାନ୍ଥରେ ଥିବା ବର ଗଛ ଓ ଲତା କାଟିବାକୁ ଦାବି କରିଛନ୍ତି। ପ୍ରଶାସନ ଏଥିପ୍ରତି ଶୀଘ୍ର ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# ପ୍ରବାସୀ ଶ୍ରମିକ ସଚେତନତା ସଭା ଓ ଅନ୍ୟାନ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ

ନୂଆପଡ଼ା, ୧୨/୦୫ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକର ବାଦି ଗ୍ରାମ ପଂଚାୟତରେ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ସଭାପତିତ୍ୱରେ ଗ୍ରାମ ପଂଚାୟତ ସ୍ତରୀୟ ପ୍ରବାସୀ ଶ୍ରମିକ ନିରାକରଣ ପାଇଁ ଏକ ସଚେତନତା ଶିବିର ଆଜି ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଅ, ଉପ ଜିଲ୍ଲାପାଳ ସୁର୍ମି ସୋରେନ, ତହସିଲଦାର ନରସିଂହ ଗଦବା ପ୍ରମୁଖ ଅତିଥି ହିସାବରେ ଯୋଗଦେଇଥିଲେ କ୍ଷ ସଭାରେ ବିଭିନ୍ନ ବିଭାଗର ଜିଲ୍ଲା ସ୍ତରୀୟ ଅଧିକାରୀ ଯୋଗଦେଇ ଶ୍ରମିକ, କୃଷକ, ମହିଳା ତଥା ଜନସାଧାରଣଙ୍କ ପାଇଁ ଥିବା ବିଭିନ୍ନ ବିଭାଗୀୟ ଲୋକାଭିମୁଖୀ ଯୋଜନା ସମ୍ବନ୍ଧରେ ଅବଗତ କରାଇଥିଲେ। ପ୍ରଥମେ ସମାରୋହରେ ଝିଅ ପାଇଁ ଗଛଟିଏ ଏବଂ ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଜିଲ୍ଲାପାଳ ନବ ଜାତକ ଶିଶୁ କନ୍ୟାକୁ କୋଳରେ ଧରି ତାହାର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଶିଶୁର ପିତାମାତାଙ୍କୁ ଉପହାର ସହିତ ନୂତନ ବୃକ୍ଷ ଚାରା ପ୍ରଦାନ କରିଥିଲେ। ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ କାର୍ଯ୍ୟକ୍ରମରେ ଗାଁର ଗର୍ଭବତୀ ମହିଳାଙ୍କୁ ଫଳମୂଳ, ପନିପରିବା, ପୃଷ୍ଟିକର ଖାଦ୍ୟ ଏବଂ ବିଭିନ୍ନ ଉପହାର ଅତିଥି ମାନେ ଭେଟି ଦେଇଥିଲେ। ଏହି ଅବସରରେ, ସ୍ଥାନୀୟ କଳାକାରମାନଙ୍କ ଦ୍ୱାରା ପାଲା ପରିବେଷଣ କରାଯାଇ ପ୍ରବାସୀ ଶ୍ରମିକ ନିରାକରଣ ଓ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ସଚେତନତା ସୃଷ୍ଟି କରା ଯାଇଥିଲା। ସ୍କୁଲ ପିଲାମାନଙ୍କ ଦ୍ୱାରା ନୃତ୍ୟ ପରିବେଶଣ କରାଯାଇ ଜନସଚେତନତା ସୃଷ୍ଟି କରା ଯାଇଥିଲା। ଶିବିରରେ ଜିଲ୍ଲାପାଳ ସମସ୍ତଙ୍କୁ ଉଦବୋଧନ ଦେଇ କହିଲେ ଯେ ସରକାରଙ୍କ ପକ୍ଷରୁ ବହୁତ ଜନ ମଙ୍ଗଳକାରୀ ତଥା କର୍ମ ନିଯୁକ୍ତି ଯୋଜନା ଜିଲ୍ଲାରେ ଉପଲବ୍ଧ ଅଛି। ସେ ଗ୍ରାମବାସୀଙ୍କୁ ପ୍ରବାସୀ ଶ୍ରମିକ ଭାବରେ ନ ଯାଇ ଘରେ ରହି ଏହାର ଲାଭ ଉଠାଇବା ପାଇଁ ଆହ୍ୱାନ ଦେଇଥିଲେ। ସେ ଛୋଟ ପିଲାଙ୍କୁ ଶିଶୁ ଶ୍ରମିକ ଭାବେ ନିୟୋଜିତ ନକରି ସ୍କୁଲ୍ ପଠେଇବା ପାଇଁ ବାପା ମାଁ ମାନଙ୍କୁ କହିଥିଲେ। ସେହିପରି, ଗାଁ କୁ ଏକକ ବ୍ୟବହୃତ ପ୍ଲାଷ୍ଟିକ ମୁକ୍ତ ରଖିବାକୁ ସେ ଆହ୍ୱାନ ଦେଇଥିଲେ। ଏହି ଅବସରରେ, ହିତାଧିକାରୀ ଶ୍ରମିକଙ୍କୁ ମନରେଗା ଯୋଜନାରେ ୧୦୦ରୁ ଅଧିକ ଦିନ କାମ କରିଥିବାରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ, ପକ୍ଷୀ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଶିବିରକୁ ଖଡ଼ିଆଳ ବିଡ଼ିଓ ମିଳନ କୁମାର ଝାଙ୍କର, ତହସିଲଦାର ନରସିଂହ ଗଦବା, ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ଏସ ଗୀତା, ସ୍ଥାନୀୟ ସରପଂଚ, ପଂଚାୟତିରାଜ ବିଭାଗ, ଜଙ୍ଗଲ ବିଭାଗ ପ୍ରମୁଖ ମିଳିତ ଭାବରେ ଆୟୋଜନ କରିଥିଲେ। ଜିଲ୍ଲାରେ ଥିବା ବିଭିନ୍ନ ସରକାରୀ ଯୋଜନା ବିଷୟରେ ବୁଝାଇବା ସହ ଏହାର ଲାଭ ନେବା ପାଇଁ ମଧ୍ୟ ଜିଲ୍ଲାପାଳ ତାହାଙ୍କୁ ପରାମର୍ଶ ଦେଇଥିଲେ।

# ପାଣି ପାଉଚରେ ରହୁନି ଏକ୍ସପାରୀ ଡେଟ୍: ପ୍ରଶାସନର ଚଢ଼ାଉ ଦାବି

ଜୟପୁର, ୧୨/୦୫ (ନି.ପ୍ର): ଗ୍ରୀଷ୍ମ ପ୍ରବାହରେ ଜଳୁଛି ସାରା ରାଜ୍ୟ , ଖରା ତାତିରୁ ତ୍ରାହି ପାଇବା ପାଇଁ କୋରାପୁଟ ଜିଲାରେ ଥଣ୍ଡା ପାନୀୟରେ ବେଶ ଚାହିଦା ମଧ୍ୟ ବୃଦ୍ଧି ପାଇଛି । ଏହାର ସୁଯୋଗ ନେଇ କୋରାପୁଟ, ଜୟପୁର, ସେମିଳିଗୁଡା, ବୋରିଗୁମ୍ମା, କୋଟପାଡରେ ବହୁ ଅସାଧୁ ବ୍ୟବସାୟୀ ଯାବତୀୟ ବେନାମୀ ଥଣ୍ଡା ପାନୀୟ ବିକ୍ରି କରୁଥିବାର ନଜରକୁ ଆସିଛି । ପାଣି ବୋତଲ ହେଉ କିମ୍ବା ପାଣି ପାଉଚ ଗୁଡିକରେ କୌଣସି ବି ଏକ୍ସପାରି ଲେବୁଲ ମଧ୍ୟ ରହୁନାହିଁ । ଏହାର ଶୁଦ୍ଧତା ନେଇ ଗ୍ରାହକ ମାନେ ମଧ୍ୟ ସନ୍ଦେହରେ ପଡୁଛନ୍ତି । ପ୍ରଶାସନ ପକ୍ଷରୁ ଏହାକୁ ଜମା ଯାଞ୍ଚ କରାଯାଉନଥିବାରୁ ବିଭିନ୍ନ ରୋଗ ସଂକ୍ରମଣର ଆଶଙ୍କା ଦେଖା ଦେଇଛି । ଗ୍ରାମାଞ୍ଚଳର ଛୋଟ ଛୋଟ ଦୋକାନରୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ ନକଲି ଥଣ୍ଡା, ପାନୀୟ ସୋଡ଼ା, ପାଣି ପାଉଚରେ ଅପମିଶ୍ରିତ ସାମଗ୍ରୀର ଚାହିଦା ସହ ବିକ୍ରି ମଧ୍ୟ ବୃଦ୍ଧି ପାଇଛି । ଯାହାକି ଜନସାଧାରଣ ମାନଙ୍କ ପାଇଁ ବିପଦ ସୃଷ୍ଟି କରୁଛି । ବିନା ଲାଇସେନ୍ସରେ ଏକାଧିକ ବିଭିନ୍ନ ଚିହ୍ନିତ କମ୍ପାନୀ ଲୋଗରେ ନକଲି ସୋଡ଼ା, ପାଣି ବୋତଲ, ପାଣି ପାଉଚ, ବେଧଡକ ବିକ୍ରି ଚାଲିଛି । ଏମାନଙ୍କ ଉପରେ ଜିଲ୍ଲା ପ୍ରସାଶନ କିମ୍ବା ସ୍ୱାସ୍ଥ୍ୟ ବିଭାଗ ଅଙ୍କୁଶ ନ ଥିବା ହେତୁ ସାଧାରଣରେ ଅସନ୍ତୋଷ ଦେଖାଦେଇଛି । ଜିଲ୍ଲା ଖାଦ୍ୟ ନିରାପତ୍ତା ଓ ଜନସ୍ୱାସ୍ଥ୍ୟ ବିଭାଗର ସ୍ଥାଣୁତା ପାଲଟି ଯାଇଥିବା ମଧ୍ୟ ଅଭିଯୋଗ ହେଉଛି । ନିମ୍ନମାନର ପାଣି ବୋତଲ, ପାଣି ପାଉଚ, ପାନୀୟ ଜଳ ପିଇବା ଦ୍ୱାରା ଲୋକେ ଚର୍ମ ଓ ପେଟ ରୋଗରେ ଆକ୍ରାନ୍ତ ହେଉଥିବା ପରିଲକ୍ଷିତ ହେଉଛି । ବଜାରରେ ବିକ୍ରି ହେଉଥିବା ପାଣି ବୋତଲ, ପାଣି ପାଉଚ, ଥଣ୍ଡା ବୋତଲରେବ୍ୟବହାର ବିଧି ସମ୍ପର୍କରେ କୌଣସି ସୂଚନା ନାହିଁ । ଏହି ସବୁ ପ୍ରସ୍ତୁତ ଓ ବିକ୍ରି ପାଇଁ ଲାଇସେନ୍ସ ଓ ଅନେକ ନିୟମ ରହିଛି । କିଛି ବେନାମୀ ପାଣି କମ୍ପାନୀ ଯେ କୌଣସି ଉପାୟରେ ଫୁଡ ଲାଇସେନ୍ସ ହାତେଇ ଦୀର୍ଘ ଦିନ ଧରି ବେପାର କରୁଛନ୍ତି । ଉକ୍ତ ଥଣ୍ଡା ଜାତୀୟ ।ଣି ବୋତଲ, ପାଣି ପାଉଚ ଗୁଡ଼ିକ କିଛି ଦିନ ରହିଯିବା ପରେ ଗନ୍ଧ ବାହାରୁଥିବା ବେଳେ ତାହା ଅନ୍ୟ ପ୍ରକାରର ସ୍ୱାଦ ହେଉଛି । ଅନ୍ୟପଟେ ଦେଖିବାକୁ ଗଲେ ପାଣି ବୋତଲ ଦାମ ମଧ୍ୟ ଭିନ୍ନ ଭିନ୍ନ କେଉଁଠି ୧୦ଟଙ୍କା ରେ ବିକ୍ରି ହେଉଥିବା ବେଳେ କେଉଁଠି ୨୦ ଟଙ୍କାରେ ମଧ୍ୟ ମନଇଚ୍ଛା ବିକ୍ରୀ ହେଉଥିବା ଦେଖିବାକୁ ମିଳୁଛି । ଜିଲ୍ଲା ଖାଦ୍ୟ ନିରାପତ୍ତା ବିଭାଗ ଓ ସ୍ୱାସ୍ଥ୍ୟ ବିଭାଗ ଏହି କ୍ଷେତ୍ରରେ ଜଳର ନମୁନା ସଂଗ୍ରହ କରି ପରୀକ୍ଷାଗାରକୁ ପଠାଇବା ବୁଦ୍ଧିଜୀବି ଙ୍କ ମହଲରେ ଦାବି ହେଉଛି । ବେଧଡକରେ ଚାଲିଛି ନକଲି ଥଣ୍ଡା, ପାଣି ବୋତଲ, ପାଣି ପାଉଚ କାରବାର । ଜିଲ୍ଲା ପ୍ରଶାସନ ଏଥି ପ୍ରତିଦୃଷ୍ଟିଦେଇ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଜନସଚେତନତା କରିବା ମଧ୍ୟ ସାଧାରଣ ରେ ଦାବି ଜୋର ଧରିଛି ।

# ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଜନ ଶୁଣାଣୀ ଶିବିର

କେନ୍ଦ୍ରାପଡ଼ା, ୧୨/୦୫ (ନି.ପ୍ର): ଜିଲ୍ଲାପାଳ ଏବଂ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ମହାକାଳପଡ଼ା ବ୍ଲକରେ ଆଜି ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ସାଧାରଣ ଲୋକମାନେ ନିଜ ନିଜ ସମସ୍ୟା ଓ ଅଭିଯୋଗଗୁଡ଼ିକୁ ସିଧାସଳଖ ଭାବେ ଜିଲ୍ଲା ପ୍ରଶାସନଙ୍କ ନଜରକୁ ଆଣିଥିଲେ। ଆଜିର ଶିବିରରେ ମୋଟ ୨୬ଟି ଅଭିଯୋଗ ପଞ୍ଜିକୃତ ହୋଇଥିବାବେଳେ, ସେଥିମଧ୍ୟରୁ ୨୧ଟି ବ୍ୟକ୍ତିଗତ ଏବଂ ୦୫ଟି ସାମୂହିକ ଅଭିଯୋଗ ଥିଲା। ତନ୍ମଧ୍ୟରୁ ୨ଟି ଅଭିଯୋଗର ତୁରନ୍ତ ସମାଧାନ କରାଯାଇଥିଲା ଏବଂ ଅନ୍ୟାନ୍ୟ ଅଭିଯୋଗଗୁଡ଼ିକୁ ଶୀଘ୍ର ନିଷ୍ପତି ପାଇଁ ସମ୍ପର୍କିତ ବିଭାଗକୁ ପଠାଯାଇଛି। ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଜଣଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ଏହି ଶିବିରରେ ଜିଲ୍ଲାପାଳ ରଘୁରାମ ଆର୍. ଆୟର, ଆରକ୍ଷୀ ଅଧିକ୍ଷକ ସିଦ୍ଧାର୍ଥ କାଟାରିଆ, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ, ଏବଂ ଡେପୁଟି କଲେକ୍ଟର(ସାଧାରଣ ଓ ବିବିଧ) ସରୋଜ କୁମାର ବେହେରାଙ୍କ ସହିତ ଅନ୍ୟାନ୍ୟ ଜିଲ୍ଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଦୁର୍ଘଟଣାରେ ପପୁ ମୃତ: ହତ୍ୟା କରି ଦୁର୍ଘଟଣାର ରୂପ ଦେଇଥିବା ଅଭିଯୋଗ

ବଲାଙ୍ଗିର, ୧୨/୦୫ (ନି.ପ୍ର): ବଲାଙ୍ଗିର-ସୋନପୁର ରାସ୍ତା ବନବାହାଲ ଛକ ନିକଟରେ ଏକ ମୋଟରସାଇକେଲ ଦୁର୍ଘଟଣାରେ ଜଣକର ମୃତ୍ୟୁ ହୋଇଥିବା ଜଣାପଡିଛି । ଦୁର୍ଘଟଣାକୁ ନେଇ ମୃତକଙ୍କ ପରିବାର ଲୋକେ ଏହା ଏକ ହତ୍ୟାକାଣ୍ଡ ହୋଇଥିବା ବେଳେ ଏହାକୁ ଦୁର୍ଘଟଣାର ରୂପ ଦିଆଯାଉଥିବା ପୋଲିସ ଆଗରେ ଅଭିଯୋଗ କରି କହିଛନ୍ତି।

ବଲାଙ୍ଗୀର ଜିଲା ପୁଇଁତଲା ଥାନାରେ ସୋନପୁର ଜିଲା ତରଭା ଥାନା ଅନ୍ତର୍ଗତ ଝାରତରଭା ଗାଁର ମାଲୁ ବାରିକ ନିଜ ପୁଅ ପପୁ ବାରିକଙ୍କୁ ହତ୍ୟା କରାଯାଇଥିବା ନେଇ ଥାନାରେ ଅଭିଯୋଗ କରିଥିଲେ । ପୁଇଁତଲା ଥାନା ପୋଲିସ ହତ୍ୟାକାଣ୍ଡ ଅଭିଯୋଗକୁ ନ ଶୁଣିବାରୁ ମୃତକଙ୍କ ପରିବାର ଲୋକେ ବଲାଙ୍ଗୀର ସଦର ଏସଡିପିଓ ସରୋଜ ଉପାଧ୍ୟାୟଙ୍କ ଅଫିସକୁ ଆସି ପପୁଙ୍କୁ ଷଡ଼ଯନ୍ତ୍ର କରି ହତ୍ୟା କରାଯାଇଥିବା ଅଭିଯୋଗ କରିଛନ୍ତି । ତରଭାର ଆଶିଷ ସାହୁଙ୍କ ଇଲେକଟ୍ରୋନିକ୍ସ ଦୋକାନରେ କାମ କରୁଥିଲେ ପପୁ । ଗତକାଲି ସକାଳୁ ଦୋକାନକୁ କାମ କରିବା ପାଇଁ ଆସିଥିବାବେଳେ ଆଉ ସେ ଘରକୁ ଫେରିନଥିଲେ । ରାତିରେ ଦୋକାନ ମାଲିକ ପରିବାର ଲୋକଙ୍କୁ ଫୋନ କରି ପପୁଙ୍କର ଦୁର୍ଘଟଣାରେ ମୃତ୍ୟୁ ହୋଇଥିବା ଖବର ଦେଇଥିଲେ । ତା'ପରେ ଆଉ ମାଲିକର ଦେଖାଦର୍ଶନ ନାହିଁ । ପରିବାର ଲୋକେ ବଲାଙ୍ଗୀର ଭୀମଭୋଇ ମେଡିକାଲ କଲେଜ ହସ୍ପିଟାଲକୁ ଆସି ଦେଖିବା ବେଳକୁ ପୋଷ୍ଟମର୍ଟମ ଓ୍ୱାର୍ଡରେ ପପୁଙ୍କ ମୃତଦେହ ରଖାଯାଇଛି । ପପୁ ବାଇକ ଚଲାଇ ଜାଣେ ନାହିଁ । କିନ୍ତୁ ମାଲିକ କହୁଛନ୍ତି ବାଇକରେ ବଲାଙ୍ଗୀର-ସୋନପୁର ଟୋଲଗେଟ୍ ନିକଟରେ ଦୁର୍ଘଟଣା ଘଟି ପପୁଙ୍କ ଜୀବନ ଚାଲିଯାଇଛି । କିନ୍ତୁ ଦୁର୍ଘଟଣା ସମୟରେ ମୃତ ପପୁ ସାଙ୍ଗରେ ଥିବା ଅନ୍ୟ ଜଣେ ଯୁବକଙ୍କ ମୋଟରସାଇକେଲ ଦୁର୍ଘଟଣାରେ କୌଣସି ଆଘାତ ହୋଇନାହିଁ। ପପୁଙ୍କ ମୋବାଇଲ ସୁରକ୍ଷିତ ରହିଛି। କିନ୍ତୁ ବାଇକଟି ଭାଙ୍ଗି ଯାଇଛି । ତେଣୁ ହତ୍ୟା ପରେ ଦୁର୍ଘଟଣାର ରୂପ ଦିଆଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି । ଏ ନେଇ ବଲାଙ୍ଗୀର ସଦର ଏସଡିପିଓଙ୍କ ଠାରେ ପରିବାର ଲୋକେ ଅଭିଯୋଗ କରିବା ପରେ ପୁଇଁତଲା ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି ।

# ଜମନକିରା ବ୍ଲକରେ ଜନ ଅଭିଯୋଗ ଶୁଣାଣି

ସମ୍ବଲପୁର, ୧୨/୦୫ (ନି.ପ୍ର): ସମ୍ବଲପୁର ଜିଲ୍ଲା ଜମନକିରା ବ୍ଲକ କାର୍ଯ୍ୟାଳୟ ଠାରେ ଆଜି ସମ୍ବଲପୁର ଜିଲ୍ଲାପାଳଙ୍କ ଏକ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି । ଏହି ଶିବିରରେ ମୋଟ୍ ୭୨ଟି ଆବେଦନ ଗ୍ରହଣ କରାଯାଇଥିଲା, ସେଥି ମଧ୍ୟରୁ ୪୫ଟି ଆବେଦନ ବ୍ୟକ୍ତିଗତ ସମ୍ବନ୍ଧୀୟ ଥିବାବେଳେ ୨୭ଟି ସମସ୍ୟା ଗୋଷ୍ଠୀଗତ ସମସ୍ୟା ସହିତ ଜଡିତ ଥିଲା । ଏହି ଜନ ଅଭିଯୋଗ ଶୁଣାଣି କରିବା ପରେ ଜିଲ୍ଲାପାଳ ଜଣେ ହିତାଧିକାରୀଙ୍କୁ ଜିଲ୍ଲା ରେଡକ୍ରସ ପାଣ୍ଠିରୁ ୫୦ ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରିଥିଲେ ।

# ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ଚନ୍ଦନଯାତ୍ରା ଉଦଯାପିତ: ଅନ୍ଧାରରେ ଚାପ ଖେଳିଲେ ଚଳନ୍ତି ପ୍ରତିମା

କେନ୍ଦ୍ରାପଡ଼ା, ୧୨/୦୫ (ନି.ପ୍ର): କେନ୍ଦ୍ରାପଡ଼ାର ଆରାଧ୍ୟ ଦେବ ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ୨୧ ଦିନ ବ୍ୟାପି ଚନ୍ଦନଯାତ୍ରା ଉଦଯାପିତ ହୋଇଯାଇଛି। ପରମ୍ପରା ଅନୁଯାଇ କେନ୍ଦ୍ରାପଡ଼ାରେ ୪୨ ଦିନ ବ୍ୟାପି ଚନ୍ଦନଯାତ୍ରା ଅନୁଷ୍ଠିତ ହେଉଥିବାବେଳେ ୨୧ ଦିନ ବାହାର ଚନ୍ଦନଯାତ୍ରା ଓ ପରବର୍ତ୍ତୀ ୨୧ ଦିନ ଭିତର ଚନ୍ଦନଯାତ୍ରା ପାଳନ କରା ଯାଇଥାଏ। ଉଦଯାପନ କାର୍ଯ୍ୟକ୍ରମ ଉପଲକ୍ଷେ ଶ୍ରୀଜୀଉଙ୍କ ଚଳନ୍ତି ପ୍ରତିମାକୁ ଏକ ସୁସଜ୍ଜିତ ବିମାନରେ ବିଜେ କରାଯାଇ ୨୨ ପାହାଚ ତଳେ ସ୍ୱତନ୍ତ୍ର ପୂଜା ବିଧାନ ସହ ପଟୁଆର ଭୋଗ ଅର୍ପଣ କରାଯାଇ ଥିଲା। ପରେ ବାଟ ଦେଉଳରେ ଥିବା ମହାବୀର ହନୁମାଜୀଉଙ୍କ ପାଖରେ ପୂଜା ମାର୍ଜନା ପୂର୍ବକ ଶସ୍ତ୍ର ପୂଜା ଅନୁଷ୍ଠିତ ହେବା ପରେ ଚନ୍ଦନ ପୋକରୀ ଅଭିମୁଖେ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ସେବାୟତ ମାନଙ୍କ ପକ୍ଷରୁ ବାଜା, ବାଣ ରୋସଣୀ ସହ ବନାଟି ଖେଳ ଓ ଶସ୍ତ୍ର ଚାଳନା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଶୋଭାଯାତ୍ରା ଚନ୍ଦନ ପୋଖରୀ ନିକଟରେ ପହଁଚିବା ପରେ ଶ୍ରୀଜୀଉଙ୍କୁ ନନ୍ଦା ଓ ଭଦ୍ରା ଯୋଡା ହୋଇଥିବା ୨ଟି ନୌକାରେ ସ୍ଥାପନ କରାଯାଇ ୨୧ଥର ଚନ୍ଦନ ପୋଖରୀରେ ପରିକ୍ରମା କରାଯାଇ ଥିଲା। ପରେ ପରେ ପରମ୍ପରା ଅନୁଯାଇ କେଳି କାକରା ଓ ପଣା ଭୋଗ କରାଯାଇ ବଣ୍ଟନ କରା ଯାଇଥିଲା। କିଛି ସମୟ ବିଶ୍ରାମ ପରେ ଶ୍ରୀଜୀଉଙ୍କ ବିମାନ ମୁଖ୍ୟ ମନ୍ଦିରକୁ ଫେରି ଆସିବା ପରେ ମନ୍ଦିର ରେ ଅନ୍ୟ ନୀତି କାନ୍ତି କରାଯାଇ ପ୍ରାୟ ରାତି ୨ଟା ସୁଦ୍ଧା ବଡସିଂହାର ହୋଇଥିଲା ବୋଲି ଜଣାପଡିଛି। ତେବେ ଏତେ ବଡ ଯାତ୍ରା ସଂପୂର୍ଣ୍ଣ ଅନ୍ଧାର ରେ ପରିଚାଳନା କରାଯାଇ ଥିବାରୁ ଶ୍ରଦ୍ଧାଳୁ ଭକ୍ତ ମାନଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖା ଦେଇଛି। ପୋଖରୀର ଚତୁପାର୍ଶ୍ୱର୍ରେ ଆଲୋକ ବ୍ୟବସ୍ଥା ନଥିବାରୁ ସଂପୂର୍ଣ୍ଣ ଅନ୍ଧାରରେ ବାହାର ଚନ୍ଦନଯାତ୍ରା ସଂପୂର୍ଣ୍ଣ ହୋଇଥିବାରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଦେବେବୋତର ପ୍ରଶାସନିକ ଅବହେଳା କାରଣରୁ ଚନ୍ଦନଯାତ୍ରା ଭଳି ପ୍ରସିଦ୍ଧ ଉତ୍ସବ ଦେଖିବା ପାଇଁ ହଜାର ହଜାର ଜନ ସାଧାରଣ ଉପସ୍ଥିତ ଥିଲେ ମଧ୍ୟ ଅନ୍ଧାର କାରଣରୁ ଗୁରୁତର ଅବସ୍ଥା ମଧ୍ୟରେ ଚନ୍ଦନଯାତ୍ରା ଶେଷ ହୋଇଥିବା ଜଣାପଡିଛି।

# ଟାଟା ପାୱାରର ଶ୍ରମିକ ଛଟେଇ ବିରୋଧରେ ପ୍ରତିବାଦ

କେନ୍ଦୁଝର, ୧୨/୦୫ (ନି.ପ୍ର): କେନ୍ଦୁଝର ଟାଟା ପାୱାର ଅଧିନରେ କାର୍ଯ୍ୟ କରୁଥିବା ତଳ ଶ୍ରେଣୀର ଶ୍ରମିକମାନଙ୍କ ବିରୋଧରେ ଛଟେଇ କରିବାର ବୃହତ ଷଡ଼ଯନ୍ତ୍ର କରିଛି ଟାଟା ପାୱାର ବୋଲି ଏହାର କର୍ମଚାରୀମାନେ ଅଭିଯୋଗ କରିଛନ୍ତି। ଯେତେବେଳେ ଟାଟା ପାୱାର ନେସ୍କୋକୁ ନେଲା ସେତେବେଳେ ୨୫ ପ୍ରତିଶତ ଏଟି ଆଣ୍ଡ ସି କ୍ଷତି ହେଉଥିଲା ଓ ଆଜି ଯୋଉ ଶ୍ରମିକମାନଙ୍କୁ ସେ ଛଟେଇ କରିବାକୁ ଚାହୁଁଛି ସେଇ ଶ୍ରମିକମାନେ ବିଗତ ଦିନରେ ହାଡ଼ଭଙ୍ଗା ପରିଶ୍ରମ କରି ନିଜର ମୁଣ୍ଡ ଝାଳ ତୁଣ୍ଡେ ମାରି ଏଟି ଆଣ୍ଡ ସି କ୍ଷତିକୁ ୭ ପ୍ରତିଶତକୁ କମାଇ ପାରିଛନ୍ତି ବୋଲି ସେମାନେ ପ୍ରକାଶ କରିଛନ୍ତି ଓ ଏଥିପାଇଁ ଏହି କର୍ମଚାରୀମାନଙ୍କୁ ପୁରସ୍କୃତ କରିବା ପରିବର୍ତ୍ତେ ତାଙ୍କୁ ବହିସ୍କୃତ କରୁଛି। ଯୋଉଠି ଆମର ତଳ ଶ୍ରେଣୀର କର୍ମଚାରୀ ୧୦୦୦୦ରୁ ୧୫୦୦୦ ଦରମା ପାଉଛନ୍ତି ସେମାନଙ୍କୁ ଛଟେଇ କରିବାକୁ ଯୋଜନା କରି ନିଜର ଧଳା ହାତୀଙ୍କୁ କୋଟି କୋଟି ଦେଇ ରଖିଛି ବୋଲି ଅଭିଯୋଗ କରିଛନ୍ତି ଓ ଓଡ଼ିଶାର ଶ୍ରମିକମାନଙ୍କୁ ଶୋଷଣ କରି ବାହାରୁ ବଡ଼ ବଡ଼ ଧଳାହାତୀ ପୋଷା ହେଉଛି ସେମାନେ ଅଭିଯୋଗ କରିବା ସହ ଯେଉଁଠି ସରକାର କହୁଛନ୍ତି ଆମେ ଚାକିରୀ ଦେଉଛୁ, ସେଇ ଜାଗାରେ ଟାଟା ପାୱାର ଛଟେଇ କରୁଛି ଓ ତେଣୁ ଆଗାମୀ ଦିନରେ ଟିପିଏନ୍ଓଡିଏଲ୍ ଅଧିନରେ ଥିବା ୮ଟି ସଂଘକୁ ନେଇ ହେଇଥିବା ଶ୍ରମିକ ୟୁନାଇଟେଡ୍ ଫୋରମ ଦ୍ୱାରା ଟାଟା ପାୱାରର ଶ୍ରମିକ ମାରଣ ନୀତି ବିରୋଧରେ ଧାରଣାକୁ ଓହ୍ଲେଇ କେନ୍ଦୁଝର ଜିଲାର ଶ୍ରମିକଙ୍କ ସ୍ୱାର୍ଥ ସହିତ ଉତର ଓଡ଼ିଶାରେ ବିଦ୍ୟୁତ ବଂଟନ ଦାୟିତ୍ୱରେ ଥିବା ଟାଟା ପାୱାର ଅଧିନରେ କାର୍ଯ୍ୟ କରୁଥିବା ସମସ୍ତ ଶ୍ରମିକଙ୍କ ବୃହତ ସ୍ୱାର୍ଥକୁ ଦୃଷ୍ଟିରେ ରଖି ତୁରନ୍ତ ପଦକ୍ଷେପ ନନେଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର ହେବ ଓ ଅସହଯୋଗ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଏନେଇ କୌଣସି ଅଧିକାରୀ କ୍ୟାମେରା ସମ୍ମୁଖରେ ମତାମତ ଦେବାକୁ ମନା କରି ଦେଇଛନ୍ତି।

# ନକଲି ପରିଚୟରେ ଠକେଇ: ଅଭିଯୁକ୍ତ ଗିରଫ

ସମ୍ବଲପୁର, ୧୨/୦୫ (ନି.ପ୍ର): ନିଜକୁ ନୀତି ଆୟୋଗ ଅଧୀନରେ ଥିବା ମାନବାଧିକାର ଫୋରମ୍ର 'ଜିଲା ଅଧ୍ୟକ୍ଷ' ପରିଚୟ ଦେଇ ସମ୍ବଲପୁର ଓ ଅନୁଗୁଳ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ବିଭିନ୍ନ ଢାବା ଓ ହୋଟେଲରୁ ଲକ୍ଷାଧିକ ଟଙ୍କା ଆଦାୟ କରୁଥିବା ଜଣେ ଠକକୁ ରେଢ଼ାଖୋଲ ଥାନା ପୋଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତର ନାମ ସିଦ୍ଧାନ୍ତ ସିଂ ହୋଇଥିଲା ବେଳେ ତାର ସଠିକ୍ ଠିକଣା ଜଣା ପଡ଼ିନାହିଁ । ତେବେ ସମ୍ବଲପୁର ସହରର ଅଇଁଠାପାଲି ବା ବରେହିପାଲି ଅଂଚଳର ଏହି କୁଖ୍ୟାତର ଘର ବୋଲି କୁହାଯାଉଛି। ନିଜର ଏକ ଦାମୀ କାର ସମ୍ମୁଖରେ 'ଜିଲା ଅଧ୍ୟକ୍ଷ, ସମ୍ବଲପୁର, ମାନବ ଅଧିକାର ଫୋରମ୍, ନୀତି ଆୟୋଗ (ଭାରତ ସରକାର) ଦ୍ୱାରା ପଞ୍ଜିକୃତ' ଲେଖାର ଏକ ବୋର୍ଡ ଲଗାଇ ଅତି ନିର୍ଭୟରେ ସେ ବିଭିନ୍ନ ସମୟରେ ବୁଲାବୁଲି କରିଥାଏ । ସମୟ ସୁଯୋଗ ଦେଖି ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ବିଭିନ୍ନ ବଡ଼ବଡ଼ ଢାବା ଓ ହୋଟେଲରେ ଅଚାନକ ପହଂଚି ନିଜକୁ ଜଣେ ବଡ଼ ସରକାରୀ ଅଧିକାରୀ ଭାବେ ପରିଚୟ ଦେଉଥିଲେ। ସମ୍ପୃକ୍ତ ଢାବା ଓ ହୋଟେଲରେ ବେଆଇନ ମଦ, ରୂପଜୀବୀ ଯୋଗାଣ ଓ ଚୋରା ତେଲ କାରବାର କରୁଥିବାର ମିଥ୍ୟା ଅଭିଯୋଗ ଆଣି ଢାବା ଓ ହୋଟେଲର ମାଲିକମାନଙ୍କୁ ଜେଲ ପଠାଇ ଦେବା ଧମକ ଦେଇ ମୋଟା ଅଙ୍କର ଚାନ୍ଦା ଆଦାୟ କରି ଆସୁଥିଲା। ଗତ ମାର୍ଚ୍ଚ ୨୭ ତାରିଖରେ ୫୫ ନମ୍ବର ଜାତୀୟ ରାଜପଥ କଡ଼ରେ ଥିବା ବ୍ରଜ ଢାବାରୁ ୨୦ ହଜାର ଏବଂ ସଞ୍ଜୀବ ଢାବାରୁ ୪୦ ହଜାର ଟଙ୍କା ଠକେଇ କରିଥିଲା । ପୁଣି ଥରେ ଗତ ଶନିବାର ସେ ସାଧୁମୁଣ୍ଡା ସ୍ଥିତ ସଞ୍ଜୀବ ଢାବାକୁ ଆସି ବେଆଇନ କାର୍ଯ୍ୟ କରୁଥିବା ଧମକଚମକ ଦେଇ ଟଙ୍କା ମାଗିବା ସହ ଗାଳିଗୁଲଜ କରି ଜେଲ୍ ପଠାଇ ଦେବାର ଧମକ ଦେଇଥିଲା । ବିଭିନ୍ନ ସମୟରେ ଅର୍ଥ ଶୋଷଣର ଶିକାର ହେଉଥିବା କିଛି ଢାବା ଓ ହୋଟେଲ ମାଲିକଙ୍କ ସନ୍ଦେହ ହେବାରୁ ସେମାନେ ଏକଜୁଟ ହେବାର ପ୍ରସ୍ତୁତି କରୁଥିଲେ । ସାମାନ୍ୟ ପୂର୍ବାଭାସ ପାଇବା ପରେ ଅଭିଯୁକ୍ତ ସିଦ୍ଧାନ୍ତ ଘଟଣା ସ୍ଥଳରୁ ଖସି ପଳାଇଥିଲା। ସନ୍ଦେହ ଦୃଢ଼ୀଭୂତ ହେବାପରେ ଢାବା ମାଲିକ ଅକ୍ରୁର ସାହୁ ଘଟଣା ସମ୍ପର୍କରେ ରେଢାଖୋଲ ଥାନାରେ ଅଭିଯୋଗ କରିଥିଲେ । ଏଭଳି ଅଭିଯୋଗ ପାଇବା ପରେ ରେଢାଖୋଲ ଥାନା ପୋଲିସ ଏନେଇ ଅନୁଗୋଳ ଜିଲାର ରାଜକିଶୋରନଗର, ହଣ୍ଡପା ଓ ଜରପଡ଼ା ଥାନାକୁ ସୂଚନା ଦେଇ ସତର୍କ କରାଇ ଦେଇଥିଲେ । ଜାତୀୟ ରାଜପଥକୁ ନାକାବନ୍ଦୀ କରାଯାଇ ଜରପଡ଼ାରେ ଧୂର୍ତ୍ତ ଅଭିଯୁକ୍ତର କାର୍କୁ ପୋଲିସ ଅଟକାଇ ସିଦ୍ଧାନ୍ତକୁ ଗିରଫ କରିଥିଲା । ପୋଲିସର ଅତର୍କିତ ଏଭଳି କାର୍ଯ୍ୟାନୁଷ୍ଠାନ ଦେଖି କାରର ଚାଳକ ଗାଡ଼ି ଛାଡ଼ି ଫେରାର ହୋଇଯାଇଥିଲା । ପୋଲିସ କାର୍ରେ ଲାଗିଥିବା ନକଲି ବୋର୍ଡ, ମାନବାଧିକାର ଫୋରମ୍ର ନକଲି ପରିଚୟପତ୍ର, ୨ଟି ମୋବାଇଲ ଓ ନଗଦ ୨୦୦୦ ଟଙ୍କା ଜବତ କରିଛି। ତେବେ ଅଭିଯୁକ୍ତ ସିଦ୍ଧାନ୍ତର କୌଣସି ସରକାରୀ ସଂସ୍ଥା ସହ ସମ୍ପୃକ୍ତି ନାହିଁ ବୋଲି ପୋଲିସ ସ୍ପଷ୍ଟ କରିଛି। ଢାବା ମାଲିକ ଅକ୍ରୁରଙ୍କ ଲିଖିତ ଅଭିଯୋଗ ଉପରେ ରେଢ଼ାଖୋଲ ଥାନାରେ ପୋଲିସ ଏକ ମାମଲା ରୁଜୁକରି ଗିରଫ ସିଦ୍ଧାନ୍ତକୁ କୋର୍ଟଚାଲାଣ କରିଛି।

# ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣୀ ଶିବିର ଅନୁଷ୍ଠିତ

ନୂଆପଡ଼ା, ୧୨/୦୫ (ନି.ପ୍ର): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣୀ ଶିବିର ଆଜି ଅନୁଷ୍ଠିତ ହୋଇଯାଇଛି। ଏହି ଅଭିଯୋଗ ଶୁଣାଣୀ ଶିବିରରେ ଜିଲ୍ଲାପାଳ ମଧୁସୂଦନ ଦାଶ, ଆରକ୍ଷୀ ଅଧିକ୍ଷକ ଅମ୍ରିତପାଲ ସିଂ, ବନଖଣ୍ଡ ଅଧିକାରୀ ଏ ମାଧବିଲତା, ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଅ, ଉପ ଜିଲ୍ଲାପାଳ ସୁର୍ମି ସୋରେନ୍ ପ୍ରମୁଖ ଉପସ୍ଥିତ ଥିଲେ। ଆଜି ଶିବିରରେ ୫୬ ଗୋଟି ବ୍ୟକ୍ତିଗତ ଓ ୬ଟି ଗୋଷ୍ଠିଗତ, ମୋଟ ୬୨ଗୋଟି ଅଭିଯୋଗର ଶୁଣାଣୀ ଜିଲ୍ଲାପାଳ କରିଥିଲେ। ସମସ୍ତ ଅଭିଯୋଗ ଉପରେ ତୁରନ୍ତ ପଦକ୍ଷେପ ନେବା ପାଇଁ ସଂପୃକ୍ତ ଜିଲ୍ଲାସ୍ତରୀୟ ଅଧିକାରୀମାନଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ। ସେହିପରି ୩ ଜଣ ଅସହାୟଙ୍କୁ ରେଡ଼କ୍ରସ୍ ପାଣ୍ଠିରୁ ୫,୦୦୦ ଟଙ୍କା ଲେଖାଏଁ ତୁରନ୍ତ ସହାୟତା ପ୍ରଦାନ କରାଯାଇଥିଲା। ଡେପୁଟୀ କଲେକ୍ଟର ଚିନ୍ମୟ ସାଗର ଶିବିର ପରିଚାଳନାରେ ସହଯୋଗ କରିଥିଲେ। ସଭାରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀ, ବିଭିନ୍ନ ବିଭାଗର ଯନ୍ତ୍ରୀ, ଲାଇନ୍ ବିଭାଗ ଅଧିକାରୀ ଓ ବ୍ଲକସ୍ତରୀୟ ଅଧିକାରୀ ଏବଂ କର୍ମଚାରୀ ଓ ବିଭିନ୍ନ ଗଣ ମାଧ୍ୟମର ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅଭିଯୋଗ ଶୁଣାଣୀ ଶିବିର ଉପଲକ୍ଷେ ବ୍ଲକ୍ ପରିସରରେ ବରିଷ୍ଠ ନାଗରିକଙ୍କ ପାଇଁ ଏକ ସ୍ୱାସ୍ଥ୍ୟ ଶିବିର ତଥା ଆୟୁଷ୍ମାନ ଆରୋଗ୍ୟ ଶିବିର ଆୟୋଜନ କରାଯାଇଥିଲା। ଏହି ଅବସରରେ ବାଦି ଗ୍ରାମ ପଂଚାୟତରେ ପ୍ରବାସୀ ଶ୍ରମିକ ସଚେତନତା ଶିବିର, ଝିଅ ପାଇଁ ଗଛଟିଏ, ଗର୍ଭସ୍ଥ ଶିଶୁ ପାଇଁ ଦିନଟିଏ ଓ ପ୍ଲାଷ୍ଟିକ ମୁକ୍ତ ନୂଆପଡ଼ା ଅଭିଯାନ ଉପରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଅଚଳା ବା ଜଳକ୍ରୀଡ଼ା ଏକାଦଶୀ

ଉତ୍କଳାନନ୍ଦ ଅଜୟ କୁମାର ବେହେରା



ଜ୍ୟେଷ୍ଠମାସ କୃଷ୍ଣ ପକ୍ଷ ଏକାଦଶୀକୁ ଅଚଳା ବା ଜଳକ୍ରୀଡ଼ା ଏକାଦଶୀ କୁହାଯାଇଥାଏ । ପୁରାଣ ଅନୁସାରେ ଏହି ଏକାଦଶୀ ବ୍ରତ କରିବା ଫଳ ସ୍ୱରୂପ ବ୍ରହ୍ମହତ୍ୟା, ପରନିନ୍ଦା, ଭୂତ ଯୋନୀ ଜନ୍ମ ନେବା ପାପରୁ ମୁକ୍ତି ମିଳିଥାଏ । ଅଚଳା ଏକାଦଶୀ ଦିନ ପ୍ରାତଃ କାଳରୁ ଉଠି ସ୍ନାନାଦି କାର୍ଯ୍ୟ ସାରିବା ପରେ ଭଗବାନ ବିଷ୍ଣୁ ଏବଂ ମାତା ଲକ୍ଷ୍ମୀଙ୍କ ପୂଜା କରିବା ଆବଶ୍ୟକ । ଏହି ପବିତ୍ର ତିଥିରେ ବିଧିପୂର୍ବକ ନାରାୟଣଙ୍କ ଉପାସନ ସହିତ ଘଣ୍ଟି ଏବଂ ଶଙ୍ଖର ପୂଜା କରିବା ଦ୍ୱାରା ଅଶେଷ ପୂଣ୍ୟ ପ୍ରାପ୍ତି ହୋଇଥାଏ । କାରଣ ଏହି ଦୁଇଟି ଜିନିଷ ଭଗବାନ ବିଷ୍ଣୁଙ୍କ ଅତିପ୍ରିୟ । ଦିନରେ ଉପବାସ ଏବଂ ରାତ୍ରୀ ଜାଗରଣ ପରେ ପରଦିନ ବ୍ରାହ୍ମଣଙ୍କୁ ଦକ୍ଷିଣା ଦେଇ ବିଦାୟ କରିବା ପରେ ବ୍ରତ ଭାଙ୍ଗିବା ଉଚିତ ।

ଏହି ଏକାଦଶୀର ପୃଷ୍ଠ ଦେଶରେ ଏକ ଆଧାତ୍ମିକ ଘଟଣାବଳୀ ଜଡ଼ିତ ରହିଛି। ପ୍ରାଚୀନ କାଳରେ ମହିଧ୍ୱଜ ନାମକ ଜଣେ ଧର୍ମାତ୍ମା ରାଜା ଥିଲେ । ରାଜାଙ୍କ ସାନ ଭାଇ ଅତି ଅନ୍ୟାୟୀ, ଅଧର୍ମୀ ଏବଂ କ୍ରୁର ଥିଲେ । ସେ ନିଜ ବଡ଼ ଭାଇକୁ ନିଜର ସବୁଠୁ ବଡ଼ ଶତ୍ରୁ ବୋଲି ବିବେଚନା କରୁଥିଲେ । ଦିନେ ମଉକା ଦେଖି ବ୍ରଜଧ୍ୱଜ ନିଜ ବଡ଼ଭାଇଙ୍କ ହତ୍ୟତ କରିବା ସହ ତାଙ୍କ ମୃତ ଶରୀରକୁ ଜଙ୍ଗଲରେ ଥିବା ଅଶ୍ୱତ୍ଥ ବୃକ୍ଷ ମୂଳରେ ପୋତି ଦେଲା । ଏହା ବାଦ୍ ରାଜାଙ୍କ ଆତ୍ମା ସେହି ଅଶ୍ୱତଥ ବୃକ୍ଷରେ ବାସ କଲା । ଦିନେ ଧୌମ୍ୟ ଋଷି ସେ ଅଶ୍ୱତଥ ବୃକ୍ଷ ତଳେ ଦେଇ ଯାଉଥିଲେ । ସେ ତପ ବଳରେ ପ୍ରେତର ଜୀବନ ବୃତ୍ତାନ୍ତ ଜାଣି ନେଲେ । ରାଜାଙ୍କ ଆତ୍ମାକୁ ଅଶ୍ୱତ୍ଥ ବୃକ୍ଷରୁ ବାହାର କରି ତାଙ୍କୁ ପରଲୋକ ଯିବାର ଉପଦେଶ ଦେଲେ । ଋଷିଙ୍କ ପରାମର୍ଶ ମାନି ରାଜାଙ୍କ ପ୍ରେତାତ୍ମା ଅଚଳା ଏକାଦଶୀ ବ୍ରତ ରଖିବାରୁ ଦିବ୍ୟ ସ୍ୱରୂପ, ଧାରଣ କରି ସ୍ୱର୍ଗଲୋକ ଚାଲିଗଲା । ଏହି ଦିନ ପୁରୀ ଶ୍ରୀମନ୍ଦିରରେ ଶ୍ରୀଜୀଉଙ୍କ ସ୍ୱତନ୍ତ୍ର ନୀତିକାନ୍ତି ନିର୍ବାହ ହୋଇଥାଏ। ମହାପ୍ରଭୁଙ୍କୁ ଏହି ଏକାଦଶୀ ଦିନ ଦର୍ଶନ କଲେ ଅଶେଷ ପୁଣ୍ୟଫଳ ପ୍ରାପ୍ତ ହୋଇଥାଏ ବୋଲି ବିଶ୍ୱାସ ରହିଛି। ଆନନ୍ଦ ବଜାରରେ ଅସହାୟ ଲୋକମାନଙ୍କୁ କେହି କେହି ମହାପ୍ରସାଦ ସେବନ କରି ଜଗନ୍ନାଥ ଅଷ୍ଟକମ ପାଠ କରିଥାନ୍ତି।

+ସମ୍ପାଦକ 'ନିୟତି' ଅରୁଣୋଦୟ ନଗର,
କଟକ,
ମୋ : ୯୪୩୭୧୦୩୧୨୫୩

# ଆଇନର ଶାସନ, ଭିଡ଼ ହିଂସା, ନ୍ୟାୟ କେଉଁଠି ?

ଯୁଧିଷ୍ଠିର ମହାରଣା



ଆପଣ ଓଡ଼ିଶାରେ ରହୁଛନ୍ତି ତ, ଅନ୍ତତଃ ପକ୍ଷେ ଗତ ଦୁଇଟି ସପ୍ତାହର ଘଟଣାକୁ ଟିକିଏ ମନେପକାଇଲେ। ଆଜିର ଏକ ଅଭାବନୀୟ ଓ ସମାଜ ତତ୍ତ୍ୱଙ୍କ ଭୟଙ୍କର ଦୌରାତ୍ମ୍ୟ ସ୍ୱରୂପ ନୟାଗଡ଼ ଜିଲ୍ଲା ଓଡ଼ଗାଁରେ ପଥର ଚାଲାଣକୁ ବିରୋଧ କରିଥିବା ଜଣେ ଯୁବକଙ୍କୁ ବିଚ୍ ରାସ୍ତାରେ ଦୁଇହାତ ହାଣି ମାଫିଆ ମୃତ୍ୟୁଦଣ୍ଡ ଦେଲେ। ଠିକ ସମାନ କ୍ରମରେ ଗଣିଆ ଥାନା ଅଧୀନରେ ଜଣେ ଅର୍ଦ୍ଧଦଗ୍ଧ ମୃତ ଦେହ ଜବତ ହୋଇଛି। ବାଲିଅନ୍ତାର ବର୍ବରତା ସମଗ୍ର ଜାତୀୟ ଓ ଆନ୍ତର୍ଜାତିକ ଗଣମାଧମରେ ଓଡ଼ିଶାର ପୋଲିସ ବ୍ୟବସ୍ଥା ଓ ଆଇନର ଶାସନ ସମ୍ପର୍କରେ ଛବି ନିଶ୍ଚିନ୍ତ ଭାବରେ ଖରାପ କରିଛି। ଏହା ପୂର୍ବରୁ କଣାସରେ ଏକ ବର୍ବର କାଣ୍ଡ ସଂଗଠିତ ହୋଇଥିଲା। ସମ୍ବଲପୁର ବୁର୍ଲାରେ ବିକି ରୟ ନାମକ ଜଣେ ଯୁବକଙ୍କୁ ଥାନା ପାଖରେ ଗୋଡ଼ାଇ ହଣା ଯିବା ସହ ସୁନ୍ଦରଗଡ଼ର ଭସ୍ମାଥାନା ଅଞ୍ଚଳରେ ବର୍ବରତା ସୀମା ଟେକି ଜଣେ ଯୁବକଙ୍କୁ ରାତି ତମାମ ବାନ୍ଧିକି ପିଟିଲେ ସେହିପରି ରାୟଗଡ଼ା ସହରରେ ଗ୍ୟାଙ୍ଗୱାର ଘଟି ଅପହୃତ ଯୁବକଙ୍କୁ ହତ୍ୟା କରାଯାଇଛି। କିନ୍ତୁ ଏ ସବୁ ଭିତରେ ବାଲିଅନ୍ତା ଘଟଣା ଯେତିକି ହୃଦୟ ବିଦାରକ ସେତିକି ରହସ୍ୟମୟ। ଅତି ଭୟାନକ ମୃତ୍ୟୁଦଣ୍ଡ ପୀଡ଼ିତ କନିଷ୍ଟବଳ ସୌମ୍ୟ ଜଣେ ବଡ଼ିବିଲଡର ଥିଲେ, ତାଙ୍କ ସାଙ୍ଗ ଗଣମାଧମକୁ ଯାହା କହୁଛନ୍ତି ସେ କଥାରେ ତାଳମେଳ ରହୁନି। ତାଙ୍କ ସାଙ୍ଗକୁ ବାତ ମାରୁଥିବାର ସେ ଅନୁଭବ କଲେ ଏକ ଭିଡ଼ିଓରେ ମଧ ସୌମ୍ୟ ଅସ୍ୱାଭାବିକ ବିଚଳିତ ହେଉଥିବାର ଖବର ମୁଁ ବି ଦେଖିଛି। କିନ୍ତୁ ସର୍ବପ୍ରଥମେ ମୁହଁ ଲୁଚାଇ ପରେ ମୁହଁ ଖୋଲି ଦୁଇ ଯୁବତୀ ଗଣମାଧମକୁ ଯେତିକ ମନ୍ତବ୍ୟ ଦେଇଛନ୍ତି ତା'ଭିତରେ 'ସ୍ଥାନୀୟ ଲୋକ' ଶବ୍ଦଟି ସର୍ବାଧିକ ଥର ଘୋଷିତ ଶୁଆ ପରି ଜପିଛନ୍ତି। ଆଉ ଜଣେ ଭଦ୍ରଲୋକ ସୌମ୍ୟ ଗାଡ଼ିରୁ ପଡ଼ିବା ମାତ୍ରେ ଚାବି ଛଡ଼ାଇ ନେଇ ସେ ଯେପରି ଧର୍ଷଣର ଧାରା ବିବରଣୀ ଦେଉଥିଲେ ତେଣୁ ସୌମ୍ୟଙ୍କ ସାଙ୍ଗ ଦୁଇ ପୀଡ଼ିତ କୁହାଯାଉଥିବା ଝିଅ ଏବଂ ସେ ପ୍ରଥମ ଭଦ୍ରବ୍ୟକ୍ତି ଏହି ଚାରି ଜଣଙ୍କ ନାର୍କୋ ଆନାଲେସିସ ହେଉ। ଏ ଘଟଣାରେ ମୁଖ୍ୟମନ୍ତ୍ରୀ ଗୃହସଚିବଙ୍କସହ ଡିଜିଙ୍କୁ କଡ଼ା ତାଗିଦ୍ କରିଛନ୍ତି।

ବାଲିଅନ୍ତା ଘଟଣା ଓଡ଼ିଶା ପୋଲିସର 'ଉଇ କେୟାର, ଉଇ ଡେୟାର' ଦର୍ପଟିକୁ ଡଷ୍ଟବିନ୍‌ରେ ପକାଇ ଦେଇଥିବାର କୁହାଯିବ ନି କି ? ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ଜଣେ ପୋଲିସର କାର୍ଯ୍ୟ କ'ଣ ? ପୋଲିସ ବ୍ୟବସ୍ଥା କାହିଁକି ରହିଛି। କ'ଣ କେବଳ ହେଲମେଟ ପିନ୍ଧିନଥିବା ଲୋକର ଫଟୋ ଉଠାଇବାକୁ ଆଉ ବାଲି ଡମ୍ପରକୁ ଗୋଡ଼ାଇ ହାତ ଚିକ୍କଣ କରିବାକୁ ? ଅନ୍ୟପଟେ ବାଲିଅନ୍ତା ବର୍ବରତା ପୂର୍ବରୁ ଆମ ସମାଜରେ ଝିଅଟିର, ମହିଳାମାନଙ୍କର ସ୍ୱାଭିମାନ, ସମ୍ମାନ, ସୁରକ୍ଷା କେବଳ ଗୁରୁତ୍ୱପୂର୍ଣ୍ଣ ନୁହେଁ ଏହା ସାମାଜିକତା ଠାରୁ ଏକ ସାମ୍ବିଧାନିକ ଦାୟିତ୍ୱବୋଧତା ମଧ। କୌଣସି କ୍ଷେତ୍ରରେ ଝିଅ ମାନଙ୍କପ୍ରତି ବିନ୍ଦୁଏ ବି ଅପମାନ ଅସହ୍ୟ ଏବଂ ଏହାକୁ କେବଳ ଭାଷଣରେ ନୁହେଁ ଏଥି ନିମିତ୍ତ ଏକ ପରିବେଶ ସୃଷ୍ଟି କରିବାର ଦାୟିତ୍ୱ ମଧ ଆମ ସମସ୍ତଙ୍କର।

ଓଡ଼ିଆରେ ଏକ ଲୋକପ୍ରିୟ ଧାଡ଼ିଟି ଅନେକ ଜାଣନ୍ତି - 'ଦେଉଳ ତୋଳି ନାଁ, ବାଟରେ..... ନାଁ'। ଯାହା ହେଉ କେଉଁଥିରେ ନା କେଉଁଥିରେ ତ ନାଁ କରିଛେ। ବାଲିଅନ୍ତା ଘଟଣାକୁ ଗଣମାଧମ ଓ ସୋସିଆଲ ମିଡ଼ିଆ ଅତ୍ୟନ୍ତ ଚର୍ଚ୍ଚିତ କରିଛନ୍ତି। ପୋଲିସ ତଦନ୍ତ କରୁଛି, ଫୋରେନ୍ସିକ, ବ୍ୟବଛେଦ ରିପୋର୍ଟର ସର୍ବଶେଷ ତଥ୍ୟ ପୀଡ଼ିତାଙ୍କ ବୟାନ, ସୌମ୍ୟଙ୍କ ସାଙ୍ଗ ଓ ପ୍ରଥମ ଏହି ତଥ୍ୟକୁ ପ୍ରଚାରିତ କରିଥିବା ସୋସିଆଲ ମିଡ଼ିଆରେ ସେହି ଭଦ୍ରବ୍ୟକ୍ତି ଏବଂ ଏହି ଜଙ୍ଗଲୀ ବର୍ବରତା ଭିଡ଼ ହିଂସା କରିଥିବା ଅସାମାଜିକ ତତ୍ତ୍ୱଙ୍କ ସହିତ ଯେଉଁ ପୋଲିସ ବାବୁ ସେ ପିଲାଟିକୁ ପଛପଟୁ ଧରିଛନ୍ତି (ଯାହାଆମେ ସୋସିଆଲ ମିଡ଼ିଆରେ ଦେଖୁଛୁ) ଏ ସମସ୍ତେ ତଦନ୍ତ ପରିସରରେ ରହିବେ। ସବୁଠାରୁ ଏକ ବ୍ୟତିକ୍ରମ ଘଟଣା ହେଉଛି ଆଶ୍ଚର୍ଯ୍ୟଜନକ ଭାବେ ନାଁ ମୁଖ୍ୟମନ୍ତ୍ରୀ, ନାଁ ଗୃହସଚିବ, ନାଁ ପୋଲିସ ଡିଜି ଏହାକୁ ମବଲିଙ୍ଗିଂ ବା ଭିଡ଼ ହିଂସା ଭାବେ ବିଚାରକୁ ନେଲେଣି। ଭିଡ଼ ହିଂସାର ସଜ୍ଞା କ'ଣ ? ନୂତନ ବିଏନଏସ ଧାରା ୧୦୩ (୨)ରେ ଏଥିରେ ସେ ସବୁ ସ୍ପଷ୍ଟ ଉଲ୍ଲେଖ ରହିଛି। ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଖୋଦ ପ୍ରଥମେ ପିସିଆର ଭ୍ୟାନର ଦୁଇଜଣ ପୋଲିସ କର୍ମଚାରୀ ଓ ପରବର୍ତ୍ତୀ ସମୟରେ ଜଣେ ଅଫିସରଙ୍କ ସହିତ ତମାମ ଚାରିଜଣ ପୋଲିସଙ୍କ ଉପସ୍ଥିତି ରହିଥିବାରୁ ଏହି ମବଲିଙ୍ଗିଂ ଦଫା ଲାଗିଲେ ଏହା ପୋଲିସ ପାଇଁ ଅଡୁଆ ବଢ଼ାଇବ। ମବଲିଙ୍ଗିଂ ମାମଲାରେ ସର୍ବାଧିକ ମୃତ୍ୟୁ ଦଣ୍ଡର ବ୍ୟବସ୍ଥା ରହିଛି। ସୋସିଆଲ ମିଡ଼ିଆରେ ଯେଉଁ ଭିଡ଼ିଓ ଭାଇରାଲ ହେଉଛି ପୋଲିସ ଉପସ୍ଥିତିରେ ହିଁ ସୌମ୍ୟଙ୍କୁ ବନ୍ଧାଯାଇ ମାଡ଼ ମରାଯିବ ସହ ତାଙ୍କ ପାଟିରେ ବାଉଁଶ ଭର୍ତ୍ତି କରାଯାଉଛି। ଏହି ମାମଲାକୁ କ୍ରାଇମ ବ୍ରାଞ୍ଚ ତଦନ୍ତ କରୁଛି, ଶବ ବ୍ୟବଚ୍ଛେଦ ରିପୋର୍ଟ ଠାରୁ ଫରେନ୍ସିକ ସାଇନ୍ସ ଲାବ୍ରୋଟୋରୀ ରିପୋର୍ଟ ଓ ଭାଇରାଲ ଭିଡ଼ିଓ ସବୁ ଅନୁସନ୍ଧାନ କରାଯାଉଛି। ଏହା ହୁଏତ କୁହାଯାଇପାରେ ଜନସଂଖ୍ୟା ତୁଳନାରେ ପୋଲିସ ବ୍ୟବସ୍ଥା ସଂଖ୍ୟା ଆଶାନୁରୂପ ପୋଷ୍ଟ ସବୁ ପୂରଣ ହୋଇନାହିଁ। ମାଓମୁକ୍ତ ଭାରତ କଥା କେବଳ ଭାଷଣବାଜୀରେ ନରହି ଆତଙ୍କଶୂନ୍ୟ, ନିର୍ଭୟ ପରିବେଶ ଟିକିଏ ସମସ୍ତଙ୍କୁ ଲୋଡ଼ା। ବର୍ତ୍ତମାନର ସମୟକୁ ଦେଖିଲେ ପାଦେ ପାଦେ ବିପଦ ହିଁ ବିପଦ। କିଏ ନିଜ ତେଲ ଲୁଣର ଜଞ୍ଜାଳକୁ ନେଇ ଆଉଟପାଉଟୁ ହେଉଥିବାବେଳେ କେଉଁଠି ପ୍ରଶାସନିକ, ପୋଲିସର ଜୁଲମକୁ ସାମ୍ନା କରୁଥିବ। କେନ୍ଦୁଝରର ଜିତୁ ମୁଣ୍ଡାଙ୍କ ଖବର ଇଣ୍ଟରନ୍ୟାସନାଲ ଟ୍ରେଣ୍ଡିଂରେ ଚାଲିଲା। ଜଣେ ସକାଳେ ଚାଲିବା ପାଇଁ ଯାଉ ବା ବାହାରକୁ ବଜାର ସଉଦା ପାଇଁ, ବ୍ୟାଙ୍କ କାରବାର ହେଉ ବା ନିଜ ବ୍ୟବସାୟିକ କାର୍ଯ୍ୟକ୍ରମ ପ୍ରାୟ ଅନେକ କ୍ଷେତ୍ରରେ ଅସୁରକ୍ଷିତ ଦେଖାଯାଉଛି ଚାରିଆଡ଼। ପୋଲିସ ବ୍ୟବସ୍ଥା ବ୍ୟବସ୍ଥିତ ହେଉଛି ବିଭିନ୍ନ ଆଧୁନିକୀକରଣ କରାଯାଉଛି କିନ୍ତୁ ଅପରାଧ କମୁନାହିଁ। ଗତ ଦୁଇ ସପ୍ତାହ ଧରି ସମସ୍ତ ଗଣମାଧମ ଏହି ସୋସିଆଲ ମିଡ଼ିଆ ଏହି ଖବର ସବୁ ଯେଉଁପରି ବ୍ୟାପୁଛି ଓଡ଼ିଶାର ଶାନ୍ତ ପରିବେଶ ଉପରେ ଅଶାନ୍ତ ଗ୍ରହ ପରି ଏହି ଅସାମାଜିକ ତତ୍ତ୍ୱ ମାନଙ୍କ କାର୍ଯ୍ୟ ଆଗତ ସ୍ୱପ୍ନ ସମ୍ଭାବନାକୁ ସବୁ ଚୁରମାର କରିଦେବେନି ତ ?

+ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,
ମୋ : ୯୪୩୭୧୬୩୫୨୮

# ଡିଜିଟାଲ ସାକ୍ଷରତା ଏବଂ ନୈତିକ ଶୁନ୍ୟତା

ଗୋପାଳ ମହାପାତ୍ର



କୌଣସି ରାଷ୍ଟ୍ରର ନିୟତି ତାର ଶିକ୍ଷା ବ୍ୟବସ୍ଥାରୁ ଜଣାପଡିଥାଏ। ଭାରତ ଏକଦା ବିଶ୍ୱଗୁରୁ ଭାବେ ନିଜର ପରିଚୟ ସୃଷ୍ଟି କରିଥିଲା କିନ୍ତୁ ଏବେ କିଂଭୁତ କିମାକାର ବିରୋଧାଭାଷାର ସମୟ ଦେଇ ଗତି କରୁଛି। ଗୋଟିଏ ପଟେ ଆମେ ବିଶ୍ୱର ପ୍ରମୁଖ ଅର୍ଥବ୍ୟବସ୍ଥାରେ ପରିଣତ ହୋଇଛେ ବୋଲି କହୁଛେ କିନ୍ତୁ ଅନ୍ୟ ପଟରେ ଆମର ରାଷ୍ଟ୍ରୀୟ ଚରିତ୍ର ଏବଂ ଶିକ୍ଷାର ମୂଲ୍ୟରେ ଅନେକ ପାର୍ଥକ୍ୟ ଦେଖିବାକୁ ମିଳୁଛି। ଯେତେବେଳେ ଆମ ପାଖରେ ସଂସାଧନ ସିମୀତ ଥିଲା ସେତେବେଳେ ଶିକ୍ଷାର ଉଦେଶ୍ୟଥିଲା ଜ୍ଞାନ ଆହରଣ କରିବା ଏବଂ ଚରିତ୍ରବାନ ହେବା। କିନ୍ତୁ ଆଜିର ସମୟରେ ସଂସାଧନ ଅଧିକ ରହିଛି ହେଲେ ଶିକ୍ଷା ଏକ ଉପଭୋକ୍ତା ବସ୍ତୁରେ ପରିଣତ ହୋଇଯାଇଛି। ଇତିହାସ ସାକ୍ଷୀ ରହିଛି ଯେତେବେଳେ ଭାରତ ଆର୍ଥୀକସ୍ତରରେ ଦୁର୍ବଳ ଥିଲା ସେତେବେଳେ ସମାଜରେ ଶିକ୍ଷା ପ୍ରତି ଏକ ପବିତ୍ର ଦୃଷ୍ଟିକୋଣ ଥିଲା। ସେ ସମୟରେ ମନୋରଞ୍ଜନର ସାଧନ ସିମୀତ ଥିଲା ଏବଂ ରୋଜଗାରର ଅବସର ଅଧିକ ନଥିଲା ଏଣୁ ଶିକ୍ଷାକୁ ଜୀବନର ଏକମାତ୍ର ଉଦ୍ଧାରର ମାର୍ଗ ଭାବେ ବିବେଚନା କରାଯାଉଥିଲା। ସେ ସମୟରେ ଧନୀ-ଗରୀବ ସବୁ ପିଲାଏ ଗୋଟିଏ କକ୍ଷରେ ଶିକ୍ଷା ଗ୍ରହଣ କରୁଥିଲେ। ଶିକ୍ଷା ସାମାଜିକ ମାନ୍ୟତାର ଆଧାର ଥିଲା।

ସେ ସମୟରେ ଶିକ୍ଷକ କେବଳ ମାତ୍ର କର୍ମଚାରୀ ନଥିଲେ ବରଂ ସମାଜର ନୈତିକ ମାର୍ଗଦର୍ଶକ ଥିଲେ। ତାଙ୍କର ଧନ ସମ୍ପତ୍ତିକୁ ନେଇ ନୁହେଁ ବରଂ ତାଙ୍କର ଜ୍ଞାନ ଏବଂ ଚରିତ୍ର ପାଇଁ ତାଙ୍କୁ (ଶିକ୍ଷକଙ୍କୁ) ସମ୍ମାନ ଦିଆଯାଉଥିଲା। ଆର୍ଥୀକ ଉଦାରୀକରଣ ଏବଂ ବୈଶୟିକ ଜ୍ଞାନ କୌଶଳ (ଟେକନିକ୍)ର ବିସ୍ତାର ସମାଜର ଏକ ବଡ଼ ବର୍ଗଙ୍କ ପାଇଁ ଏବେ ବିନା ଔପଚାରିକ ଶିକ୍ଷାରେ ଆଜୀବିକାର ରାସ୍ତା ଖୋଲିଦେଇଛି। ଏବେ ଓଲା- ଉବେର, ଜୋମାଟୋ- ସ୍ୱିଗି ଭଳି ସଂସ୍ଥା ଏବଂ ହଜାର ହଜାର ସୋରୁମ୍‌ରେ ସେଲସମ୍ୟାନ୍ ବା ଡ୍ରେଲିଭରି ବୟ ଭାବରେ କାର୍ଯ୍ୟକରି ରୋଜଗାର କରିବା ସହଜ ହୋଇଯାଇଛି। ଯୁବବର୍ଗ ଭାବିଲେଣି ଯଦି ସେମାନେ ୧୦ମ ବା ଯୁକ୍ତ ଦୁଇ ପାଠ ସରିବା ପରେ ୧୫ରୁ ୨୦ ହଜାର ମାସିକ ରୋଜଗାର କରିବା ପାଇଁ ସକ୍ଷମ ତେବେ ଉଚ୍ଚଶିକ୍ଷା ଏବଂ ଚରିତ୍ର ନିର୍ମାଣର ଜଟିଳ ପ୍ରକ୍ରିୟାରେ ସମୟ ନଷ୍ଟ କରିବେ କାହିଁକି ? ସାମାଜିକ ଗଣମାଧମ (ଫେସବୁକ୍, ଇନଷ୍ଟାଗ୍ରାମ ଏବଂ ହ୍ୱାଟସଆପ୍) ଭଳି ମଞ୍ଚ ମଧ ଏ ଭଳି କଥାକୁ ପ୍ରସାରିତ କରୁଛନ୍ତି। ଲୋକେ ରିଲ୍ ଏବଂ ପୋଷ୍ଟକୁ ଅନ୍ତିମ ସତ୍ୟ ବୋଲି ମାନ ନେଉଛନ୍ତି ଯାହା ଫଳରେ ସେମାନଙ୍କର ଆଲୋଚନାତ୍ମକ ବିଚାର ବା ଚିନ୍ତା ସମାପ୍ତ ହୋଇଯାଇଛି।

ଶିକ୍ଷାର ବ୍ୟବସାୟୀ କରଣ ଏବଂ ଆର୍ଥୀକ ସମ୍ପନ୍ନତା ଶିକ୍ଷାକୁ ଦୁଇ ଭାଗରେ ବାଣ୍ଟିଦେଇଛି। ଧନୀକ ବର୍ଗଙ୍କ ପାଇଁ ଶିକ୍ଷା ଏକ ଆଡ଼ମ୍ବରର ବସ୍ତୁ ପାଲଟିଯାଇଛି। ଉଚ୍ଚହାରର ଫିସ ଦେଇ ଡ଼ିଗ୍ରୀ କିଣାଯାଇପାରେ କିନ୍ତୁ ସଂସ୍କାର, ଅନୁଶାସନ ଏବଂ ବାସ୍ତବିକ ଜ୍ଞାନର ଅଭାବ ରହିଯାଇଥାଏ। ଶିକ୍ଷାର ଉଦେଶ୍ୟ ଏକ ଆଭିଯାତ୍ୟର ସିମ୍ବଲ ହୋଇଗଲାଣି। ସରକାରୀ ସ୍କୁଲ ସବୁର ଅବ୍ୟବସ୍ଥା ଏବଂ ଘରୋଇ ଶିକ୍ଷାନୁଷ୍ଠାନ ମାନଙ୍କର ମହଙ୍ଗା ଫିସ୍ ମଧରେ ଗରୀବ ପିଲାମାନେ କେବଳ କାମଚଳା ସାକ୍ଷରତା ପର୍ଯ୍ୟନ୍ତ ସିମୀତ ହୋଇ ରହିଯାଉଛନ୍ତି। ଟେକନିକର ବିକାଶ କାରଣରୁ ଗୁରୁ ଶିଷ୍ୟ ପରମ୍ପରାର ଅନ୍ତ ଘଟିଛି। ଅନ୍‌ଲାଇନ୍ ଶିକ୍ଷା ଏବଂ ଗୁଗୁଲ ଏବଂ ଜିଜ୍ଞାସା ବା ଜାଣିବାର ଇଚ୍ଛାକୁ ସୁଗମ ଓ ସୁଲଭ କରିଦେଇଛି କିନ୍ତୁ ଜ୍ଞାନ ଏବଂ ବୋଧକୁ ଛଡାଇ ନେଇଛି। ଅନଲାଇନରେ ପରୀକ୍ଷା କରାଯାଉଛି ଓ ଡ଼ିଗ୍ରୀ ମଧ ପ୍ରଦାନ କରାଯାଉଛି। ମିଳୁଥିବା ଏହି ଡିଗ୍ରୀ ଖଣ୍ଡେ କାଗଜ ଠାରୁ ଅଧିକ କିଛି ନୁହେଁ। ଏଥିରେ ଶିକ୍ଷାଲାଭ କରିବାର ତପସ୍ୟା ଏବଂ ଅନୁଶାସନ ନଥାଏ ଯାହା ଗୁରୁଙ୍କ ସାନିଧ୍ୟରୁ ପ୍ରାପ୍ତ ହୋଇଥାଏ।

ଏବେ ଶିକ୍ଷକ (ଗୁରୁ)ଙ୍କୁ ସର୍ଭିସ ପ୍ରୋଭାଇଡ଼ର ବା ସେବା ପ୍ରଦାନକାରୀ ବୋଲି ମାନ ନିଆଯାଉଛି। ଶିକ୍ଷକ ମାନଙ୍କୁ ଶିକ୍ଷା ଦାନ ପରିବର୍ତ୍ତେ ଅନେକ କାର୍ଯ୍ୟରେ ନିୟୋଜିତ କରାଯାଉଛି। ଯେତେବେଳେ ଶିକ୍ଷାର ଉଦେଶ୍ୟ କେବଳ ରୋଜଗାର ବା ଗୁଜୁରାଣ ମେଣ୍ଟାଇବା ଭିତରେ ରହିଯାଏ ସେତେବେଳେ ରାଷ୍ଟ୍ରୀୟ ଚରିତ୍ରର ପତନ ସୁନିଶ୍ଚିତ ହୋଇଥାଏ। ଆଜିକାଲି ସବୁଠି ଅନୁଶାସନହୀନତା ଦେଖିବାକୁ ମିଳୁଛି। ଏକ ତୁଳନାତ୍ମକ ଅଧୟନରୁ ସ୍ପଷ୍ଟ ଯେ ଜାପାନ, ଜର୍ମାନ ଏବଂ ଚୀନ ଭଳି ଦେଶ ଆମଠାରୁ ଆଗରେ ରହିବାର କାରଣ କେବଳ ଧନ ବା ଆର୍ଥୀକ ବ୍ୟବସ୍ଥା ନୁହେଁ ବରଂ ଅନୁଶାସନ ଏବଂ ରାଷ୍ଟ୍ରୀୟ ଗୌରବ ସେମାନଙ୍କ ଶିକ୍ଷାର ମୂଳ ଆଧାର ଯେଉଁଥିପାଇଁ ସେମାନେ ଆମ ଆଗରେ ଅଛନ୍ତି। ଆମ ଦେଶରେ କିନ୍ତୁ ଭିନ୍ନ କଥା ରହିଛି। ବ୍ୟକ୍ତିଗତ ସ୍ୱାର୍ଥକୁ ରାଷ୍ଟ୍ରୀୟହିତର ଉପରେ ରଖାଯାଉଛି।

ଆମେ ଟେକନିକ ଏବଂ ଆର୍ଥୀକ ପ୍ରଗତିର ଯୁଗରୁ ପଛକୁ ଫେରିପାରିବା ନାହିଁ କିନ୍ତୁ ବ୍ୟବସ୍ଥାକୁ ତ ସୁଧାରି ପାରିବା। ଆମ ଶିକ୍ଷା ବ୍ୟବସ୍ଥାର ପାଠ୍ୟକ୍ରମରେ ରାଷ୍ଟ୍ରୀୟ ଚରିତ୍ର ନିର୍ମାଣ, ନୈତିକତା ଏବଂ ନାଗରିକର କର୍ତ୍ତବ୍ୟ ବାବଦରେ ଶିକ୍ଷା ଦିଆଯିବା ଆବଶ୍ୟକ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଶିକ୍ଷକଙ୍କୁ ସମାଜର ଶୀର୍ଷସ୍ଥାନରେ ସ୍ଥାପିତ କରାଯିବା ଦରକାର। ଶିକ୍ଷକ ମାନଙ୍କୁ ଉପଯୁକ୍ତ ସୁବିଧା ସୁଯୋଗ ମିଳିଲେ ସେମାନେ ଚିନ୍ତାମୁକ୍ତ ହୋଇ ଉତ୍ତମ ଶିକ୍ଷା ପ୍ରଦାନ କରିବାରେ ସମର୍ଥ ହେବେ। ଆର୍ଥୀକ ସମ୍ପନ୍ନତା ସହ ଯଦି ସଂସ୍କାର ଏବଂ ଚରିତ୍ର ନରହିବ ତେବେ ସମାଜର ବିନାଶ ଅବଶ୍ୟମ୍ଭାବୀ। ଆମ ଦେଶରେ ଏମିତି ଏକ ବ୍ୟବସ୍ଥାର ଆବଶ୍ୟକତା ରହିଛି ଯେଉଁଠି ଟେକନିକ୍‌ର ଉପଯୋଗ ରହିବ ଓ ତାସହ ଗୁରୁଙ୍କ ଗରିମା ଏବଂ ଅନୁଶାସନ ମଧ ରହିବ। ଯଦି ଆମେ ଆମ ରାଷ୍ଟ୍ରୀୟ ଚରିତ୍ରକୁ ସୁଧାରି ନପାରିବା ତେବେ ଭବିଷ୍ୟତର ପିଢ଼ୀ କେବଳ ସାକ୍ଷର ହେବେ, ଶିକ୍ଷିତ ହୋଇପାରିବେ ନାହିଁ। ରାଷ୍ଟ୍ରର ବାସ୍ତବିକସ୍ଥିତି ଓ ମଜଭୁତି ଜିଡିପିରେ ନୁହେଁ ବରଂ ନାଗରିକଙ୍କ ଆଚରଣ ଏବଂ ନୈତିକତାରେ ନିହିତ ରହିଥାଏ।

ରାମଚନ୍ଦ୍ରପୁର, ରଣପୁର,
ମୋ:୯୪୩୮୪୮୫୦୯୪

# କବିଗୁରୁ ସାଧୁରାମ ଚାନ୍ଦ ମୁର୍ମୁ

ଦଶରଥ ହେମ୍ବ୍ରମ୍



ପୁଣ୍ୟଭୂମି ଭାରତରେ ଯେତେଜଣ ଯୋଗଜନ୍ମା ବରପୁତ୍ର ଜନ୍ମଗ୍ରହଣ କରିଥିଲେ, ସେହିମାନଙ୍କ ମଧ୍ୟରୁ କବିଗୁରୁ ସାଧୁ ରାମଚାନ୍ଦ ମୁର୍ମୁ ହେଉଛନ୍ତି ଅନ୍ୟତମ। ସେ ଥିଲେ ଊନବିଂଶ ଓ ବିଂଶ ଶତାର୍ବ୍ଦୀର ଜଣେ ନିରଳସ ସାନ୍ତାଳୀ ସାହିତ୍ୟ ସାଧକ। କେବଳ ଜଣେ ସାନ୍ତାଳୀ କବି, ଲେଖକ, ଦାର୍ଶନିକ, ସମାଜ ସଂସ୍କାରକ ଭାବେ ସାଧୁ ରାମଚାନ୍ଦ ମୁର୍ମୁ ପରିଚିତ ନଥିଲେ, ସେ ଥିଲେ ସାନ୍ତାଳ ସମାଜ ସାହିତ୍ୟ, ସଂସ୍କୃତି ଓ ଇତିହାସର ଜଣେ ମାର୍ଗଦର୍ଶକ ଏବଂ ବାର୍ତ୍ତାବହ। ଯଦିଓ ସାଧୁରାମ ଚାନ୍ଦ ମୁର୍ମୁ ଆଜି ଇହଜଗତରେ ନାହାନ୍ତି, ତଥାପି ତାଙ୍କର ସାହିତ୍ୟ ସାଧନା, ତ୍ୟାଗ ଓ ଅବଦାନ ଭାରତୀୟ ସାନ୍ତାଳ ସମାଜରେ ଉଜ୍ଜୀବିତ ହୋଇ ରହିଛି ଏବଂ ଭବିଷ୍ୟତ ପାଇଁ ମଧ ରହିବ, ଏଥିରେ କୌଣସି ସନ୍ଦେହର ଆବଶ୍ୟକତା ନାହିଁ। କେବଳ ସାହିତ୍ୟ କ୍ଷେତ୍ରରେ କାହିଁକି, ସମାଜକୁ ପ୍ରଗତି ପଥରେ ଆଗେଇନେବା କ୍ଷେତ୍ରରେ ମଧ ତାଙ୍କର ଉଲ୍ଲେଖନୀୟ ଅବଦାନ ଚିରସ୍ମରଣୀୟ।

ସାଧୁ ରାମଚାନ୍ଦ ମୁର୍ମୁଙ୍କ ଜନ୍ମ ୧୮୯୭ ମସିହା ଏପ୍ରିଲ ୩୦ ତାରିଖରେ ପଶ୍ଚିମବଙ୍ଗର ଅବିଭାଜିତ ମେଦିନୀପୁର ଜିଲ୍ଲାର ସିଲଦା ନିକଟସ୍ଥ କାମାରବାନ୍ଦି ଗ୍ରାମରେ ହୋଇଥିଲା। ସେ ଥିଲେ ପିତା ମୋହନ ମୁର୍ମୁ ଏବଂ କୁନି ମୁର୍ମୁଙ୍କର କନିଷ୍ଠ ସନ୍ତାନ। ତାଙ୍କର ଦୁଇ ବଡ଼ ଭାଇ ଏବଂ ଭଉଣୀ ମଧ ଥିଲେ। ବାଲ୍ୟକାଳରୁ ସାନ୍ତାଳ ସାମାଜରେ ସୁଧାର ଆଣିବାରେ ତାଙ୍କର ପ୍ରଚଣ୍ଡ ନିଷ୍ଠା ରହିଥିଲା। ୧୯୦୬ରୁ ତାଙ୍କର ପ୍ରାଥମିକ ଶିକ୍ଷା ଗ୍ରାମ ବିଦ୍ୟାଳୟରେ ଆରମ୍ଭ କରିଥିଲେ। ବିଦ୍ୟାଳୟରେ ପଢୁଥିବା ସମୟରେ ତାଙ୍କ ମନରେ ଭାବନା ଉଦ୍ରେକ ହେଲା ଯେ ସାନ୍ତାଳ ସମାଜକୁ ମଧ ଅନ୍ୟ ସମାଜ ପରି ଗଢ଼ିତୋଳି ସମଗ୍ର ଭାରତ ବର୍ଷରେ ପରିଚିତ କରାଇବା। ତା' ସହିତ ସାନ୍ତାଳ ସମାଜରେ ରହିଥିବା ଲୋକଗୀତ, ପୌରାଣିକ କାହାଣୀ, ଢଗଢ଼ମାଳୀ, ମୌଖିକ ପରମ୍ପରା, ଇତିହାସଗୁଡ଼ିକ ଲିପିବଦ୍ଧ କରି ମହାଗ୍ରନ୍ଥରେ ପରିଣତ କରିବା ତଥା ସାନ୍ତାଳୀ ସାହିତ୍ୟର ଅଭିବୃଦ୍ଧି ଘଟାଇ ଅନ୍ୟ ସମାଜ ସହିତ ତା'ର ତୁଳନାକୁ ତ୍ୱରାନ୍ୱିତ କରାଇବା। ପାଠ ପଢ଼ିବା ସହିତ ଏହିଭଳି ମହାନ୍ ଭାବନା ମନରେ ରଖି ପ୍ରାଥମିକ ଶିକ୍ଷା ସମାପ୍ତ କରିବା ପରେ ସେ ଭୀମପୁର ସାନ୍ତାଳ ମିଶନ ସ୍କୁଲକୁ ଯାଇଥିଲେ। ସେଠାରେ ସେ ୧୯୧୩ରେ ଉଚ୍ଚ ପ୍ରାଥମିକ (ମଧମ ବଙ୍ଗଳା) ଶିକ୍ଷା ସମାପ୍ତ କରିଥିଲେ। ଉତ୍କଟ ଦାରିଦ୍ର୍ୟ ହେତୁ ଉଚ୍ଚଶିକ୍ଷାରୁ ବଞ୍ଚିତ ହୋଇ ଜୀବିକା ନିର୍ବାହ ପାଇଁ ଚାଷ କାମ ସହିତ ହସ୍ତଶିଳ୍ପ ମଧ ଆରମ୍ଭ କରିଥିଲେ। ସେଥିରେ ସେ ଗୁଜୁରାଣ ମେଣ୍ଟାଇ ଜଣେ ପ୍ରସିଦ୍ଧ ଗାୟକ ଏବଂ ସଂଗୀତଜ୍ଞ ହୋଇପାରିଥିଲେ। ପାରମ୍ପରିକ ସାନ୍ତାଳୀ ଗୀତ ଏବଂ ସଙ୍ଗୀତ ବିଷୟରେ ତାଙ୍କର ଅପାର ଜ୍ଞାନ ରହିଥିଲା। ସେ ନିଜେ ମଧ କିଛି ସ୍ୱର ସୃଷ୍ଟି କରିଥିଲେ। ସେତେବେଳେ କୁହାଯାଉଥିଲା ଯେ ସମଗ୍ର ସିଲଦା ଅଞ୍ଚଳରେ ରାମଚାନ୍ଦ ମୁର୍ମୁଙ୍କ ପରି ବଂଶୀ ଏବଂ ବେହେଲା ବାଦକ କେହି ନଥିଲେ। କେହି ଭାବି ନଥିଲେ ଯେ ଦିନେ ସେ ଜଣେ ପ୍ରସିଦ୍ଧ କବି ହେବେ। ସେତେବେଳର ସାନ୍ତାଳ ସମାଜର ବିପଦପୂର୍ଣ୍ଣ ପରିସ୍ଥିତି ଏବଂ ଅବସ୍ଥା ତାଙ୍କୁ ଲେଖିବାକୁ ବାଧ କରିଥିଲା, ଯାହା ସାହିତପିକମାନଙ୍କ ଲେଖାଗୁଡ଼ିକରୁ ଜଣାଯାଏ। ତଥାପି, ସେ ସବୁକୁ ଖାତିର ନକରି ଆଗକୁ ଆଗ ପାଦ ବଢ଼େଇ ସାନ୍ତାଳୀ ଭାଷାରେ ଅନେକ କବିତା ରଚନା କରି ପ୍ରଖ୍ୟାତ କବି ଭାବେ ଖ୍ୟାତିଲାଭ କରିଥିଲେ। ତାଙ୍କ କୃତିଗୁଡ଼ିକ ପୂର୍ବ ଭାରତରେ ଆଧୁନିକ ସାନ୍ତାଳୀ ସାହିତ୍ୟକୁ ଗଠନ କରିବାରେ ଏବଂ ଆଦିବାସୀ ପରିଚୟକୁ ସଂରକ୍ଷଣ କରିବାରେ ସାହାଯ୍ୟ କରିଥିଲା। ସାନ୍ତାଳୀରେ ଲେଖୁଥିବା ପ୍ରାରମ୍ଭିକ ଏବଂ ସବୁଠାରୁ ପ୍ରଭାବଶାଳୀ ଆଧୁନିକ କବିମାନଙ୍କ ମଧ୍ୟରୁ ସେ ହେଉଛନ୍ତି ଅନ୍ୟତମ।

ସାଧୁ ରାମଚାନ୍ଦ ମୁର୍ମୁ ଉନବିଂଶ ଶତାବ୍ଦୀର ଶେଷଭାଗ ଏବଂ ବିଂଶ ଶତାବ୍ଦୀର ପ୍ରାରମ୍ଭରେ ସାନ୍ତାଳୀ ସାହିତ୍ୟ ଏବଂ ସଙ୍ଗୀତକୁ ପୁନଃଆକୃତି ଦେଇଥିଲେ। ସାନ୍ତାଳୀ ସାହିତ୍ୟର 'କବିଗୁରୁ' ଏବଂ 'ମହାକବି' ଭାବରେ ସେ ଜଣାଶୁଣା। କହିବାକୁ ଗଲେ, ସେ ହେଉଛନ୍ତି ଭାରତର ମହାନ ଆଦିବାସୀ କବିମାନଙ୍କ ମଧ୍ୟରୁ ଜଣେ। ସେ ପ୍ରଥମ ସାନ୍ତାଳୀ କବି ଯିଏ ସଂସ୍କୃତ ଏବଂ ବଙ୍ଗଳା ସାହିତ୍ୟର ଉଚ୍ଚ କାବ୍ୟିକ ପରମ୍ପରାକୁ ସାନ୍ତାଳୀ ମୌଖିକ ପରମ୍ପରାର ଧାରା ଏବଂ ସୌନ୍ଦର୍ଯ୍ୟ ସମ୍ବେଦନଶୀଳତା ସହିତ ମିଶ୍ରଣ କରିଥିଲେ। ଆଦିବାସୀ ସାନ୍ତାଳ ସମ୍ପ୍ରଦାୟକୁ ସେ ଉତ୍ସାହିତ କରିବାସହ ସେମାନଙ୍କର ଶିକ୍ଷା ଓ ସଂସ୍କୃତି କ୍ଷେତ୍ରରେ ମାର୍ଗଦର୍ଶନ କରୁଥିଲେ। ୧୯୨୩ ମସିହାରେ ସାନ୍ତାଳୀ ଭାଷା ପାଇଁ 'ମଜ୍ ଦାନ୍ଧେର୍ ଆଙ୍କ୍' ନାମକ ସାନ୍ତାଳୀ ଲିପି ଆବିଷ୍କାର କରିବାରେ ସେ ହେଉଛନ୍ତି ପ୍ରଥମ ସଫଳ ପୁରୁଷ। ଏହାର ବ୍ୟାପକ ପ୍ରଚାର ପ୍ରସାର କରିବା ତାଙ୍କ ପକ୍ଷରେ ସମ୍ଭବ ହୋଇ ନଥିଲା କିମ୍ବା ତାଙ୍କ ପାଖରେ ସମ୍ବଳ ବି ନଥିଲା, ଫଳରେ ସାନ୍ତାଳ ସମାଜରେ ଉକ୍ତ ଲିପି ଆଦୃତ ହୋଇପାଇଲା ନାହିଁ। ୧୯୨୫ ମସିହାରେ ପଣ୍ଡିତ ରଘୁନାଥ ମୁର୍ମୁ 'ଅଲଚିକି' ଲିପି ଆବିଷ୍କାର କରିଥିଲେ। ସାନ୍ତାଳୀ ସାହିତ୍ୟ, ସଂସ୍କୃତି ଓ ଇତିହାସଗୁଡ଼ିକ ଲେଖିବାରେ ସହଜ ହେବାରୁ 'ଅଲଚିକି' ଲିପିକୁ ଲୋକେ ପସନ୍ଦ କଲେ। ପରବର୍ତ୍ତୀ ସମୟରେ କବିତା, ଗଳ୍ପ, ନାଟକ, ପ୍ରବନ୍ଧ, ରମ୍ୟରଚନା, ଇତିହାସ ପ୍ରଭୃତି ଅଲ୍‌ଚିକି ଲିପିରେ ଲିପିବଦ୍ଧ ହେଲା। କିନ୍ତୁ ସାଧୁ ରାମଚାନ୍ଦ ମୁର୍ମୁଙ୍କ ଦ୍ୱାରା ଆବିଷ୍କୃତ 'ମଜ୍ ଦାନ୍ଧେର୍ ଆଙ୍କ୍' ଲିପିକୁ ଲୋକମାନେ ବ୍ୟବହାର କଲେନାହିଁ। ପଶ୍ଚିମବଙ୍ଗରେ ଥିବା ବେତକୁନ୍ଦ୍ରିଡାହିରେ ଭାରତୀୟ ଆଦିବାସୀ ସଂସ୍କୃତି ଶିକ୍ଷା ପରିଷଦ ଦ୍ୱାରା ଆୟୋଜିତ ପ୍ରଥମ ଆଦିବାସୀ ସମ୍ମିଳନୀର ନିଷ୍ପତ୍ତିକ୍ରମେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ଅଲଚିକି ଲିପିକୁ ସାନ୍ତାଳୀ ଲେଖିବାରେ ମାନ୍ୟତା ଦିଆଗଲା। ଅପରପକ୍ଷରେ କବିଗୁରୁ ସାଧୁ ରାମଚାନ୍ଦ ମୁର୍ମୁଙ୍କ ଦ୍ୱାରା ସୃଷ୍ଟ 'ମଜ୍ ଦାନ୍ଧେର୍ ଆଙ୍କ୍' ଲିପିକୁ ପ୍ରତ୍ୟାଖ୍ୟାନ କରାଯାଇଥିଲା। ତେଣୁ ସେଦିନ ଠାରୁ 'ମଜ୍ ଦାନ୍ଧେର୍ ଆଙ୍କ୍' ଲିପିର ପ୍ରଚଳନ ସ୍ଥଗିତ କରାଯାଇଥିଲା।

କବିଗୁରୁ ସାଧୁ ରାମଚାନ୍ଦ ମୁର୍ମୁ କେବଳ ଜଣେ କବି ନଥିଲେ ବରଂ ଥିଲେ ଜଣେ ଉଚ୍ଚମାନର ଲେଖକ। ସେ ଅନେକ ଗୀତ, ପ୍ରବନ୍ଧ, କବିତା ଏବଂ ନାଟକ ଲେଖିଛନ୍ତି। ସମାଜକୁ କିଭଳି ଭାବେ ଉନ୍ନତି ପଥରେ ଆଗେଇ ନେବାକୁ ହେବ ସେ ବିଷୟରେ ତାଙ୍କ ମନରେ ସର୍ବଦା ଚିନ୍ତା ରହୁଥିଲା। ଶିକ୍ଷାକୁ ଆପଣାଇ ଏବଂ ସମାଜକୁ ଏକତା ସୂତ୍ରରେ ବାନ୍ଧି ସ୍ୱଚ୍ଛ ସମାଜ ଓ ଧର୍ମ ପ୍ରତିଷ୍ଠା କିପରି କରାଯାଇପାରିବ ସେ ଭାବନାରେ ବୁଡ଼ିରହି ଅନେକ ପୁସ୍ତକ ଲେଖିବାରେ ସେ ସଫଳ ହୋଇଥିଲେ। ତାଙ୍କ କାଳଜୟୀ କବିତା ପୁସ୍ତକ ମଧ୍ୟରୁ 'ସାରି ଧରମ୍ ସେରେଞ୍ଜ୍ ପୁଥୀ' (ଭାଗ-୧, ୨ ଏବଂ ୩), 'ଲିଟା ଗଡ଼େତ୍' (ଜମ୍‌ସିମ୍ ବିନ୍ତୀ), 'ସଂସାର୍ ଫେନ୍ଦ୍', 'ଇଶ୍ରଲ୍', 'ଅଲ୍ ଦହ ଅନଲ୍‌ହେ' ଏବଂ 'ସାଧୁରାମ ଚାନ୍ଦ ଅନଲ୍ ମାଲା' ଆଦି ଅନ୍ୟତମ। 'ସାରି ଧରମ୍ ସେରେଞ୍ଜ୍ ପୁଥି'ରେ ୫୦ ଗୋଟି ସେରେଞ୍ଜ୍ ମଧ୍ୟରୁ ଦଙ୍ଗ୍, ଲାଗ୍‌ଣେ, ବାହା, ସହରାୟ, କାରାମ୍, ଝର୍ନି, ଲୁହୁରୀ, ହେଲ୍‌ହେଦ୍ ଏବଂ ପାତା ଆଦି ଗୀତକୁ ନେଇ ଲେଖିଥିବା ବେଳେ 'ଅଲ୍ ଦହ୍ ଅନଲ୍‌ହେ'ରେ ୫୧ ଗୋଟି କବିତା ରହିଛି, ସବୁ କବିତା ସମାଜର ବାର୍ତ୍ତା ବହନ କରିଛି। ନିଜେ ସଙ୍ଗୀତ ରଚନା କରି ସ୍ୱର ଦେଇ ଗାନ କରିବାକୁ ସାଧୁ ଭଲ ପାଉଥିଲେ। ଏପରିକି ଅଧ୍ୟୟନ କିମ୍ବା ଅବସର ସମୟରେ ନାଚ, ଗୀତ ଏବଂ କବିତା ରଚନା କରି ତାଙ୍କର ପ୍ରତିଭା ବିକଶିତ ହୋଇଥିଲା। ୧୫ ଡିସେମ୍ବର ୧୯୫୪ ମସିହାରେ ତାଙ୍କର ଦେହାନ୍ତ ହୋଇଥିଲା। ସାନ୍ତାଳ ସମାଜରେ ଜନ୍ମିତ ବହୁମୁଖୀ ପ୍ରତିଭାଶାଳୀଙ୍କୁ ହରାଇ ସାନ୍ତାଳ ସମାଜ ତଥା ସାହିତ୍ୟ ଜଗତରେ ଅପୂରଣୀୟ କ୍ଷତି ପହଞ୍ଚାଇଛି। ସାନ୍ତାଳୀ ଭାଷା ଓ ସାହିତ୍ୟ କ୍ଷେତ୍ରରେ ତାଙ୍କର ଅତୁଳନୀୟ ଅବଦାନ ପାଇଁ ଆଗାମୀ ଯୁବପିଢିଙ୍କର ସେ ପ୍ରେରଣାର ଉତ୍ସ ହୋଇ ରହିବେ।



ସାଧୁ ରାମଚାନ୍ଦ ମୁର୍ମୁ ଉନବିଂଶ ଶତାବ୍ଦୀର ଶେଷଭାଗ ଏବଂ ବିଂଶ ଶତାବ୍ଦୀର ପ୍ରାରମ୍ଭରେ ସାନ୍ତାଳୀ ସାହିତ୍ୟ ଏବଂ ସଙ୍ଗୀତକୁ ପୁନଃଆକୃତି ଦେଇଥିଲେ। ସାନ୍ତାଳୀ ସାହିତ୍ୟର 'କବିଗୁରୁ' ଏବଂ 'ମହାକବି' ଭାବରେ ସେ ଜଣାଶୁଣା। କହିବାକୁ ଗଲେ, ସେ ହେଉଛନ୍ତି ଭାରତର ମହାନ ଆଦିବାସୀ କବିମାନଙ୍କ ମଧ୍ୟରୁ ଜଣେ। ସେ ପ୍ରଥମ ସାନ୍ତାଳୀ କବି ଯିଏ ସଂସ୍କୃତ ଏବଂ ବଙ୍ଗଳା ସାହିତ୍ୟର ଉଚ୍ଚ କାର୍ବ୍ୟିକ ପରମ୍ପରାକୁ ସାନ୍ତାଳୀ ମୌଖିକ ପରମ୍ପରାର ଧାରା ଏବଂ ସୌନ୍ଦର୍ଯ୍ୟ ସମ୍ବେଦନଶୀଳତା ସହିତ ମିଶ୍ରଣ କରିଥିଲେ। ଆଦିବାସୀ ସାନ୍ତାଳ ସମ୍ପ୍ରଦାୟକୁ ସେ ଉତ୍ସାହିତ କରିବାସହ ସେମାନଙ୍କର ଶିକ୍ଷା ଓ ସଂସ୍କୃତି କ୍ଷେତ୍ରରେ ମାର୍ଗଦର୍ଶନ କରୁଥିଲେ। ୧୯୨୩ ମସିହାରେ ସାନ୍ତାଳୀ ଭାଷା ପାଇଁ 'ମଜ୍ ଦାନ୍ଧେର୍ ଆଙ୍କ୍' ନାମକ ସାନ୍ତାଳୀ ଲିପି ଆବିଷ୍କାର କରିବାରେ ସେ ହେଉଛନ୍ତି ପ୍ରଥମ ସଫଳ ପୁରୁଷ।

+ ବାଲେଶ୍ୱର,
ମୋ-୯୩୩୭୪୦୪୨୫୪

# ଆତ୍ମ-ସେନ୍ସରସିପ୍ ଓ ପ୍ରକ୍ରିୟାଗତ ଦମନ

ମିଳିତ ଜାତିସଂଘ ମେ ୩ ତାରିଖକୁ 'ବିଶ୍ୱ ଗଣମାଧ୍ୟମ ସ୍ୱାଧୀନତା ଦିବସ' ଭାବରେ ଘୋଷଣା କରିବାର ଇତିମଧ୍ୟରେ ବତିଶ ବର୍ଷ ବିତିଗଲାଣି । ୧୯୯୧ ମସିହାର ୱିଣ୍ଡହୋକ୍ ଘୋଷଣାନାମା ଉପରେ ଏହି ଦିବସଟି ଆଧାରିତ । ସେହି ସମୟରେ ୩୮ଟି ଆଫ୍ରିକୀୟ ଦେଶର ସାମ୍ବାଦିକମାନେ ମୁକ୍ତ ଗଣମାଧ୍ୟମକୁ ଏକ ଅପରିହାର୍ଯ୍ୟ ନାଗରିକ ଅନୁଷ୍ଠାନ ଭାବରେ ଦାବି କରିଥିଲେ । ମାତ୍ର ଆଜି ସେହି ସହମତି ଧୀରେ ଧୀରେ ଦୁର୍ବଳ ହେବାରେ ଲାଗିଛି । ଗୋଟିଏ ସମୟରେ ଗଣମାଧ୍ୟମର ସ୍ୱାଧୀନତା ଯାହା ଏକ ନିଶ୍ଚିତ ଅଧିକାର ଥିଲା, ଆଜି ତାହା କେବଳ ଏକ ଆକାଂକ୍ଷାରେ ପରିଣତ ହୋଇଛି । ଇଣ୍ଟରନ୍ୟାସନାଲ୍ ଇନଷ୍ଟିଚ୍ୟୁଟ୍ ଫର୍ ଡେମୋକ୍ରାସି ଆଣ୍ଡ ଇଲେକ୍ଟୋରାଲ୍ ଆସିଷ୍ଟାନ୍ସ ବା ଆଇଡିଇଏ ସଂସ୍ଥାର ରିପୋର୍ଟ ଅନୁଯାୟୀ, ଗତ ୫୦ ବର୍ଷ ମଧ୍ୟରେ ଗଣମାଧ୍ୟମର ସ୍ୱାଧୀନତା ବର୍ତ୍ତମାନ ସବୁଠାରୁ ଦ୍ରୁତ ଗତିରେ ହ୍ରାସ ପାଉଛି । ଏହା କୌଣସି ସାଧାରଣ କଥା ନୁହେଁ । ବର୍ତ୍ତମାନର ପରିସ୍ଥିତି ଶୀତଳ ଯୁଦ୍ଧ ସମୟର ପ୍ରାରମ୍ଭିକ ଦମନ କିମ୍ବା ଏକଛତ୍ରବାଦୀ ଶାସନ ସମୟର କଟକଣା ସହ ସମାନ । ତେବେ ଅତୀତର ଦମନ ଏବଂ ଆଜିର ଅବନତି ମଧ୍ୟରେ ଗୋଟିଏ ବଡ଼ ପାର୍ଥକ୍ୟ ରହିଛି । ଆଜି ଗଣମାଧ୍ୟମ ଉପରେ ଆକ୍ରମଣ ହିଂସାତ୍ମକ ନୁହେଁ, ବରଂ ପ୍ରକ୍ରିୟାଗତ । ଏବେ ଲାଇସେନ୍ସ ବ୍ୟବସ୍ଥା, ରଣନୀତିକ ମୋକଦ୍ଦମା, ଆଲଗୋରିଦମିକ୍ ଦମନ ଏବଂ ସ୍ଥାନୀୟ ଖବରକାଗଜଗୁଡ଼ିକୁ ଧୀରେ ଧୀରେ ବନ୍ଦ କରିଦେବା ଭଳି କୌଶଳ ଆପଣାଯାଉଛି । ଏଗୁଡ଼ିକ ଗିରଫଦାରୀ ଠାରୁ ମଧ୍ୟ ଅଧିକ ଭୟଙ୍କର, କାରଣ ଏହାକୁ ଏକ ସାଧାରଣ ବଜାର ପ୍ରକ୍ରିୟା ବୋଲି ଦର୍ଶାଇ ସହଜରେ ଲୁଚାଇ ଦିଆଯାଇପାରେ ।

ବିଶ୍ୱସ୍ତରରେ ସାମ୍ବାଦିକମାନଙ୍କ ସ୍ଥିତିକୁ ଅନୁଧ୍ୟାନ କଲେ ଏହି ପ୍ରକ୍ରିୟାଗତ ଦମନର ଭୟାବହତା ସ୍ପଷ୍ଟ ବାରିହୋଇପଡ଼େ । 'ରିପୋର୍ଟର୍ସ ବିଦାଉଟ୍ ବର୍ଡର୍ସ' ଦ୍ୱାରା ପ୍ରକାଶିତ ୨୦୨୪ ସୂଚକାଙ୍କ ଅନୁଯାୟୀ, ବିଶ୍ୱର ମାତ୍ର ଏକ ଚତୁର୍ଥାଂଶ ଦେଶରେ ଗଣମାଧ୍ୟମ ପରିସ୍ଥିତି ସନ୍ତୋଷଜନକ ରହିଛି । ଏହି ସମସ୍ୟା କେବଳ ଏକଛତ୍ରବାଦୀ ରାଷ୍ଟ୍ରରେ ସୀମିତ ନାହିଁ । ଆମେରିକା ଏବଂ ବ୍ରିଟେନ ଭଳି ବିକଶିତ ଗଣତାନ୍ତ୍ରିକ ଦେଶରେ ମଧ୍ୟ ଅର୍ଥନୈତିକ ସଙ୍କଟ ଓ ଆଇନଗତ ଚାପ ଯୋଗୁଁ ସାମ୍ବାଦିକତାର ମାନ କମିଛି । ୟୁନେସ୍କୋର ତଥ୍ୟ ଅନୁଯାୟୀ, ଗତ ଏକ ଦଶନ୍ଧି ମଧ୍ୟରେ ସାମ୍ବାଦିକମାନଙ୍କ ଭିତରେ ନିଜକୁ ନିଜେ ସେନ୍ସର କରିବାର ପ୍ରବୃତ୍ତି ବାର୍ଷିକ ପ୍ରାୟ ପାଞ୍ଚ ପ୍ରତିଶତ ହାରରେ ବୃଦ୍ଧି ପାଇଛି । ଧନୀ ଦେଶର ସାମ୍ବାଦିକମାନେ ବିଜ୍ଞାପନଦାତାଙ୍କୁ ଅସନ୍ତୁଷ୍ଟ କଲା ଭଳି ପରିବେଶ ସମ୍ବନ୍ଧୀୟ ଖବର ପ୍ରକାଶ କରିବାକୁ ଡରୁଛନ୍ତି । ସେହିପରି ବିକାଶଶୀଳ ଦେଶର ରିପୋର୍ଟରମାନେ ମାନହାନି ମୋକଦ୍ଦମା ଭୟରେ ଦୁର୍ନୀତିର ତଦନ୍ତରୁ ଦୂରେଇ ରହୁଛନ୍ତି । ଯୁଦ୍ଧଗ୍ରସ୍ତ ଅଞ୍ଚଳରେ ସାମ୍ବାଦିକମାନେ ଶକ୍ତିଶାଳୀ ଗୋଷ୍ଠୀର କ୍ରୋଧରୁ ବର୍ତ୍ତିବା ପାଇଁ ସତର୍କତାର ସହ ଖବର ପରିବେଷଣ କରୁଛନ୍ତି । ବେଳେବେଳେ ଖବର ପ୍ରକାଶ ପାଉଛି ସତ, କିନ୍ତୁ ଏହାର ଶୀର୍ଷକକୁ କୋହଳ କରିଦିଆଯାଉଛି । ଏହା କୌଣସି ବ୍ୟକ୍ତିଗତ ନୈତିକ ବିଫଳତା ନୁହେଁ, ବରଂ ଏକ ଗଠନମୂଳକ ତ୍ରୁଟି । ସବୁଠାରୁ ବଡ଼ ବିଡ଼ମ୍ବନା ହେଉଛି, ଆତ୍ମ-ସେନ୍ସରସିପ୍ କରୁଥିବା ସାମ୍ବାଦିକ ଜଣକ ଚାକିରିରେ ଥାଆନ୍ତି ଏବଂ ବାହ୍ୟ ଦୃଷ୍ଟିରୁ ସ୍ୱାଧୀନ ଥିବା ପରି ମନେହୁଅନ୍ତି । ଫଳରେ ସେନ୍ସରସିପ୍‌ର ଏହି ନୂଆ ରୂପକୁ ଧରିବା କଷ୍ଟକର ହୋଇପଡ଼େ ।

ଗଣମାଧ୍ୟମ ସ୍ୱାଧୀନତାକୁ କେବଳ ଏକ ଅଧିକାର ଦୃଷ୍ଟିକୋଣରୁ ନଦେଖି ଏହାର କାର୍ଯ୍ୟକାରିତା ଉପରେ ବିଚାର କରିବା ଅଧିକ ଜରୁରୀ । ସୁଦୃଢ଼ ଏବଂ ସ୍ୱାଧୀନ ଗଣମାଧ୍ୟମ ଥିବା ଦେଶଗୁଡ଼ିକରେ ଦୁର୍ନୀତି କମ୍ ଥାଏ ଏବଂ ସରକାରୀ ଯୋଜନାର ସଠିକ୍ ରୂପାୟନ ହୋଇଥାଏ । ଗଣମାଧ୍ୟମ କେବଳ ଶାସନର ହିସାବ ରଖେ ନାହିଁ, ବରଂ ଏହାକୁ ସନ୍ତୁଳିତ ମଧ୍ୟ କରେ । ଅନୁସନ୍ଧାନମୂଳକ ସାମ୍ବାଦିକତା ଏକ ପ୍ରାରମ୍ଭିକ ଚେତାବନୀ ଭଳି କାର୍ଯ୍ୟ କରେ । ଏହା ପରିବେଶ, ଆର୍ଥିକ ଏବଂ ମହାମାରୀ ଭଳି ବିପଦକୁ ଏକ ବଡ଼ ସଙ୍କଟରେ ପରିଣତ ହେବା ପୂର୍ବରୁ ସାମ୍ନାକୁ ଆଣିଥାଏ । ଯେତେବେଳେ ସାମ୍ବାଦିକମାନେ ସ୍ୱାଧୀନ ଭାବରେ ଖବର ସଂଗ୍ରହ କରିପାରନ୍ତି ନାହିଁ, ସେତେବେଳେ ସରକାର ଏକ ଗୁରୁତ୍ୱପୂର୍ଣ୍ଣ ସୂଚନା ମାଧ୍ୟମ ହରାଇ ବସନ୍ତି । ଫଳରେ ଛୋଟ ନୀତିଗତ ବିଫଳତାଗୁଡ଼ିକ ପରବର୍ତ୍ତୀ ସମୟରେ ଏକ ବଡ଼ ବିପର୍ଯ୍ୟୟର ରୂପ ନିଏ । ନିକଟରେ ହୋଇଥିବା କୋଭିଡ୍ ମହାମାରୀ ସମୟରେ ଅନେକ ଦେଶରେ ସ୍ୱାଧୀନ ଗଣମାଧ୍ୟମର ଅଭାବରୁ ସରକାରୀ ପଦକ୍ଷେପରେ ବିଳମ୍ବ ହୋଇଥିଲା, ଯାହା ଫଳରେ ଅନେକ ଲୋକଙ୍କ ଜୀବନ ଯାଇଥିଲା । ଜଳବାୟୁ ସାମ୍ବାଦିକତା କ୍ଷେତ୍ରରେ ଏହି ସମସ୍ୟା ଆହୁରି ସ୍ପଷ୍ଟ । କର୍ପୋରେଟ୍ ସଂସ୍ଥାଗୁଡ଼ିକ ନିଜ ବିରୋଧରେ ଯାଉଥିବା ଖବରକୁ ରୋକିବା ପାଇଁ ବିଜ୍ଞାପନ ବନ୍ଦ କରିବାର ଧମକ ଦେଉଛନ୍ତି କିମ୍ବା ବଡ଼ ଧରଣର ମୋକଦ୍ଦମା ଦାୟର କରୁଛନ୍ତି । ବିଶ୍ୱ ଅର୍ଥନୈତିକ ଫୋରମ୍‌ର ରିପୋର୍ଟ ଅନୁଯାୟୀ ୨୦୨୭ ସୁଦ୍ଧା ଅପପ୍ରଚାର ବିଶ୍ୱ ପାଇଁ ସବୁଠାରୁ ବଡ଼ ବିପଦ ସାଜିବ । ଏହାର ମୂଳ କାରଣଟି ବେଶ୍ ସ୍ପଷ୍ଟ । ସିଧାସଳଖ ଲଢ଼େଇରେ ଅପପ୍ରଚାର କେବେବି ପ୍ରକୃତ ସାମ୍ବାଦିକତାକୁ ହରାଇପାରିବ ନାହିଁ । କିନ୍ତୁ ଯେତେବେଳେ ଆର୍ଥିକ କିମ୍ବା ଅନ୍ୟାନ୍ୟ ଚାପ ଯୋଗୁଁ ସାମ୍ବାଦିକତା ଦୁର୍ବଳ ହୋଇଯାଏ, ସେହି ଶୂନ୍ୟସ୍ଥାନକୁ ମିଥ୍ୟା ଖବର ସହଜରେ ମାଡ଼ିବସେ ।

ୱିଣ୍ଡହୋକ୍ ଘୋଷଣାନାମା ସେହି ସାମ୍ବାଦିକମାନଙ୍କ ଦ୍ୱାରା ପ୍ରସ୍ତୁତ ହୋଇଥିଲା ଯେଉଁମାନେ କଠୋର ଦମନର ସମ୍ମୁଖୀନ ହୋଇଥିଲେ । କିନ୍ତୁ ସେମାନେ କଳ୍ପନା କରିନଥିଲେ ଯେ ଭବିଷ୍ୟତରେ ଅର୍ଥନୈତିକ କୌଶଳ ମାଧ୍ୟମରେ ଗଣମାଧ୍ୟମର ସ୍ୱାଧୀନତା ଛଡ଼ାଇ ନିଆଯିବ । ଏହାକୁ ଆମେ 'କୋମଳ ଏକଛତ୍ରବାଦ' ବୋଲି କହିପାରିବା । ଆଜିର ଦିନରେ ସାମ୍ବାଦିକଙ୍କୁ ଗିରଫ କରାଯାଉନାହିଁ । ବରଂ ପାଣ୍ଠି ଅଭାବରୁ ଖବରକାଗଜ ବନ୍ଦ କରିଦିଆଯାଉଛି କିମ୍ବା ଆଲଗୋରିଦମ୍ ମାଧ୍ୟମରେ ପ୍ରକୃତ ଖବରକୁ ଲୁଚାଇ ଦିଆଯାଉଛି । ସରକାର କିମ୍ବା କମ୍ପାନୀ ବିରୋଧରେ ଖବର ପ୍ରକାଶ ପାଇଲେ ହଠାତ୍ ବିଜ୍ଞାପନ ବନ୍ଦ କରିଦିଆଯାଉଛି । ଏହିସବୁ ପଦକ୍ଷେପଗୁଡ଼ିକୁ ସହଜରେ ଲୁଚାଇ ଦିଆଯାଇପାରେ, କିନ୍ତୁ ଏହାର ପ୍ରଭାବ ସେନ୍ସରସିପ୍ ଠାରୁ କୌଣସି ଗୁଣରେ କମ୍ ନୁହେଁ । ଏହା ସହିତ ସ୍ଥାନୀୟ ଏବଂ ଆଞ୍ଚଳିକ ଖବରକାଗଜଗୁଡ଼ିକର ପତନ ଏହି ସମସ୍ୟାକୁ ଆହୁରି ଗମ୍ଭୀର କରିଦେଇଛି । ଆମେରିକାର ଏକ ରିପୋର୍ଟ ଅନୁଯାୟୀ, ଗତ କିଛି ବର୍ଷ ମଧ୍ୟରେ ସେଠାରେ ହଜାର ହଜାର ସ୍ଥାନୀୟ ଖବରକାଗଜ ବନ୍ଦ ହୋଇଯାଇଛି । ଫଳସ୍ୱରୂପ କୋଟି କୋଟି ଲୋକ ସ୍ଥାନୀୟ ଖବର ପାଇବାରୁ ବଞ୍ଚିତ ହେଉଛନ୍ତି ।

ତଥାପି ଏହି ପରିସ୍ଥିତିର ସମାଧାନ କରାଯାଇପାରିବ । ମୁଦ୍ରିତ ଖବରକାଗଜ ଆଜି ବି ସବୁଠାରୁ ବିଶ୍ୱସନୀୟ ମାଧ୍ୟମ । ଏହା ନିଜର ଖରାପ ଖବର ପରିବେଷଣ ପାଇଁ ନୁହେଁ, ବରଂ ଲୋକଙ୍କ ପଢ଼ିବା ଅଭ୍ୟାସ କମିଯିବା କାରଣରୁ ପାଠକ ହରାଉଛି । ଅଧିକାଂଶ ଖବରକାଗଜରେ ନିଜର ଭୁଲ୍ ସୁଧାରିବା ପାଇଁ ଏକ ସ୍ୱତନ୍ତ୍ର ସ୍ତମ୍ଭ ଥାଏ । କିନ୍ତୁ ଟେଲିଭିଜନ୍ ବା ସୋସିଆଲ୍ ମିଡିଆରେ ଥରେ ମିଥ୍ୟା ଖବର ପ୍ରସାରିତ ହୋଇଗଲେ, ତାହାକୁ ସୁଧାରିବା ପ୍ରାୟତଃ ଅସମ୍ଭବ । ଲୋକମାନେ ବର୍ତ୍ତମାନ ସୋସିଆଲ୍ ମିଡିଆ ଆଡ଼କୁ ଅଧିକ ଆକର୍ଷିତ ହେଉଛନ୍ତି, ଯାହା କେବଳ ଉତ୍ତେଜନା ସୃଷ୍ଟି କରେ କିନ୍ତୁ ପ୍ରକୃତ ତଥ୍ୟ ଦିଏନାହିଁ । ଏହାର ଫଳସ୍ୱରୂପ ଆମ ସମାଜରେ ଲୋକଙ୍କ ପାଖରେ ଖବରର ଶୀର୍ଷକ ତ ପହଞ୍ଚୁଛି, କିନ୍ତୁ ସେମାନେ ବିଷୟବସ୍ତୁର ଗଭୀରତା ବୁଝିପାରୁନାହାନ୍ତି । ଏହି ପରିସ୍ଥିତିକୁ ସୁଧାରିବା ପାଇଁ ଆମକୁ ଏକାସାଙ୍ଗରେ ଦୁଇଟି ଦିଗରେ କାମ କରିବାକୁ ପଡ଼ିବ । ପ୍ରଥମତଃ, ଖବରକାଗଜଗୁଡ଼ିକୁ ଡିଜିଟାଲ୍ ଯୁଗ ସହ ତାଳ ଦେଇ ନିଜର ରୂପରେଖ ବଦଳାଇବାକୁ ପଡ଼ିବ ଏବଂ ଏପରି ବିଶ୍ଳେଷଣାତ୍ମକ ଖବର ପରିବେଷଣ କରିବାକୁ ହେବ ଯାହାକୁ ଟିଭି କିମ୍ବା ମୋବାଇଲ୍ ସ୍କ୍ରିନ୍ ?ରେ ସହଜରେ ମିଳିପାରିବ ନାହିଁ । ଦ୍ୱିତୀୟତଃ, ପାଠକ ଏବଂ ଶିକ୍ଷାବିତ୍ ?ମାନେ ଖବରକାଗଜ ପଢ଼ିବାକୁ ଏକ ନାଗରିକ ଦାୟିତ୍ୱ ଭାବରେ ଗ୍ରହଣ କରିବା ଉଚିତ୍ ।

ବିଶ୍ୱ ଗଣମାଧ୍ୟମ ସ୍ୱାଧୀନତା ଦିବସରେ ଏହି ସମସ୍ୟାକୁ କେବଳ ଗରିବ କିମ୍ବା ଏକଛତ୍ରବାଦୀ ଦେଶର ସମସ୍ୟା ବୋଲି ଭାବିବା ଆମର ସବୁଠାରୁ ବଡ଼ ଭୁଲ ହେବ । ତଥ୍ୟ କହୁଛି ଯେ ବିଶ୍ୱର ସବୁଠାରୁ ଧନୀ ଏବଂ ଗଣତାନ୍ତ୍ରିକ ଦେଶଗୁଡ଼ିକରେ ମଧ୍ୟ ଗଣମାଧ୍ୟମର ସ୍ୱାଧୀନତା କ୍ଷୁଣ୍ଣ ହେଉଛି । ଗଣମାଧ୍ୟମ ସ୍ୱାଧୀନତା ଥରେ ମିଳିଗଲେ ଯେ ସବୁଦିନ ରହିବ, ତାହା ନୁହେଁ । ଏହାକୁ ବଞ୍ଚାଇ ରଖିବା ପାଇଁ ନିରନ୍ତର ପ୍ରୟାସର ଆବଶ୍ୟକତା ରହିଛି । ୧୯୯୧ ମସିହାର ୱିଣ୍ଡହୋକ୍ ଘୋଷଣାନାମା କେବଳ ଏକ ଇତିହାସ ନୁହେଁ, ବରଂ ଏହା ଆଜି ବି ପ୍ରାସଙ୍ଗିକ । ୧୭୮୭ ମସିହାରେ ଥୋମାସ୍ ଜେଫରସନ୍ କହିଥିଲେ ଯେ, ଯେଉଁଠାରେ ଗଣମାଧ୍ୟମ ସ୍ୱାଧୀନ ଏବଂ ପ୍ରତ୍ୟେକ ବ୍ୟକ୍ତି ପଢ଼ିବାକୁ ସକ୍ଷମ, ସେଠାରେ ସବୁକିଛି ସୁରକ୍ଷିତ । ଆଜି ଆମକୁ ନିଷ୍ପତ୍ତି ନେବାକୁ ପଡ଼ିବ ଯେ ଆମେ ସେହି ସ୍ୱାଧୀନତାକୁ ବଞ୍ଚାଇ ରଖିବାକୁ ଚାହୁଁଛୁ କି ନାହିଁ ।

# ଓବିସି ସଂରକ୍ଷଣର ପ୍ରାରମ୍ଭ ଓ ବିକାଶ



## ଅଧ୍ୟାପକ ଗୋପବନ୍ଧୁ

ଅନ୍ୟାନ୍ୟ ପଛୁଆ ବର୍ଗ (ଓବିସି)ମାନଙ୍କ ସଂରକ୍ଷଣ କଥା ଏବେ ଉଭୟ କେନ୍ଦ୍ର ଓ ରାଜ୍ୟରେ ଅନବରତ ଚର୍ଚ୍ଚା ଚାଲିଛି । ହେଲେ ଏହାର ପ୍ରାରମ୍ଭ କିପରି ହୋଇଛି ସେ ବିଷୟରେ ଖୁବ୍ କମ୍ ଲୋକ ଜାଣନ୍ତି । ଏହି ବର୍ଗର ଲୋକଙ୍କୁ ନିଜର ସାମ୍ବିଧାନିକ ସ୍ଥିତିକୁ ବୁଝିବା ପାଇଁ ଅନେକ ବର୍ଷ ଲାଗିଗଲା । ସଂରକ୍ଷିତ ସୁବିଧା ଭୋଗୀ କହିଲେ ଏମାନେ ଏସଟି ଓ ଏସସିଙ୍କୁ ବୁଝୁଥିଲେ । ଏମାନଙ୍କ ଧାରଣା ଥିଲା ଯେ ସଂରକ୍ଷଣ ମାଧ୍ୟମରେ ସମସ୍ତ ସୁବିଧା ସୁଯୋଗ ଏସଟି ଓ ଏସସିମାନେ ନେଇ ଯାଉଛନ୍ତି । ତେଣୁ ଏମାନେ ଚାକିରୀ ଓ ବୈଷୟିକ ଶିକ୍ଷାରୁ ବଞ୍ଚିତ ହେଉଛନ୍ତି । ଏହି ଧାରଣା ଯୋଗୁଁ ଏମାନଙ୍କ ମଧ୍ୟରୁ ଅନେକେ ମଣ୍ଡଳ କମିଶନର କର୍ଯ୍ୟକାରୀତା ବିରୁଦ୍ଧରେ ଆନ୍ଦୋଳନକୁ ଓହ୍ଲାଇ ଥିଲେ ଓ ଗୁଳିଖାଇ ମରିଥିଲେ ମଧ୍ୟ । ଏମାନଙ୍କ ଧାରଣା ଥିଲା ଯେ ମଣ୍ଡଳ କମିଶନ ରିପୋର୍ଟର କାର୍ଯ୍ୟକାରିତା ଯୋଗୁଁ ଏସଟି ଓ ଏସସିଙ୍କ ସଂରକ୍ଷଣ ଆହୁରି ବଢ଼ିଯିବ । ଏହି କାରଣରୁ ଏମାନେ ଡ.ଆମ୍ବେଦକରଙ୍କୁ ଉପଯୁକ୍ତ ସମ୍ମାନ ଦେବାକୁ କୁଣ୍ଠାବୋଧ କରୁଥିଲେ । ସେ ଓବିସିମାନଙ୍କ ପାଇଁ କିଛି କରି ନାହାଁନ୍ତି ବୋଲି ଧାରଣା ଥିଲା । ସେ ଯାହା କିଛି କରିଛନ୍ତି ଦଳିତ ଓ ଆଦିବାସୀଙ୍କ ପାଇଁ କରିଛନ୍ତି ।

ଆମ ସମ୍ବିଧାନ ଏକ ପ୍ରଗତିଶୀଳ ନିୟମ ସମ୍ବଳିତ ଗ୍ରନ୍ଥ, ଯାହା ଏକ ସମତାଭିତ୍ତିକ ସମାଜର ପରିକଳ୍ପନା କରିଛି । ସେଇଥିପାଇଁ ସମ୍ବିଧାନ ରଚନା କାଳରେ ଧାରା ୩୪୧ ଅନୁଯାୟୀ ଅନୁସୂଚିତ ଜାତି(ଏସସି)ଙ୍କ ବିକାଶ ପାଇଁ ଓ ଧାରା ୩୪୨ ଅନୁଯାୟୀ ଅନୁସୂଚିତ ଜନଜାତି(ଏସଟି)ଙ୍କ ବିକାଶପାଇଁ ସଂଖ୍ୟାନୁପାତିକ ସଂରକ୍ଷଣ ବିଭିନ୍ନ କ୍ଷେତ୍ରରେ ପ୍ରଦାନ କରାଯାଇଛି । ଏହା ପୂର୍ବରୁ ଭାରତ ସରକାରଙ୍କ ନିୟମ, ୧୯୩୫ ମସିହା ଅନୁଯାୟୀ ଅନୁସୂଚୀତ ଜାତି(ଏସସି)ଙ୍କୁ ମାନ୍ୟତା ମିଳିଯାଇ ଥିଲା ଏବଂ ଆଦିବାସୀ ମାନ୍ୟତା ମଧ୍ୟ ଆସି ଯାଇଥିଲା ଯାହା ପରେ ସମ୍ବିଧାନରେ ଅନୁସୂଚୀତ ଜନଜାତି(ଏସଟି) ଭାବେ ପରିଚିତ ହେଲା । ଏମାନଙ୍କ ବାଦେ ସମ୍ବିଧାନରେ ଅନ୍ୟ ଏକ ଅନଗ୍ରସର ବର୍ଗଙ୍କୁ ସ୍ୱୀକୃତି ମିଳିଥିଲା, ଯଦିଓ ଯାହାର ସଠିକ ନାମକରଣ ହୋଇ ନଥିଲା ଓ ଚୂଡାନ୍ତ ତାଲିକା ପ୍ରସ୍ତୁତ ହୋଇ ନଥିଲା । ତେଣୁ ଏମାନଙ୍କ ପାଇଁ ସମ୍ବିଧାନରେ ସଂରକ୍ଷଣ ସମ୍ବନ୍ଧୀୟ ଅନ୍ୟଏକ ଧାରା ରହିଛି ତାହା ହେଉଛି ଧାରା ୩୪୦ । ଦେଶରେ ଥିବା ଏହି ଅନଗ୍ରସର ବର୍ଗଙ୍କ ବିକାଶ ପାଇଁ ଏହି ଧାରା ଉଦ୍ଦିଷ୍ଟ । ଏହି ଧାରା ଅନୁଯାୟୀ ରାଷ୍ଟ୍ର ଏମାନଙ୍କ ବିକାଶ ପାଇଁ ଉଦ୍ୟମ କରିବାକୁ ବାଧ୍ୟ । ଏମାନଙ୍କ ଅବସ୍ଥା ସମ୍ବନ୍ଧରେ ଅନୁଧ୍ୟାନ ପାଇଁ ସରକାର କମିଶନ ବସାଇ ପାରିବେ ଓ କମିଶନଙ୍କ ସୁପାରିଶ ମୁତାବକ ପଦକ୍ଷେପ ନେଇ ପାରିବେ ।

ଏହି ଧାରାକୁ ସମ୍ବିଧାନ ପ୍ରଣୟନ ସଭାରେ ୧୬ ଜୁନ, ୧୯୪୯ ମସିହାରେ କାକା କାଲେଲକର ଉପସ୍ଥାପନ କରିଥିଲେ । ଏହା ପଛରେ ଡ୍ରାଫ୍ଟିଙ୍ଗ କମିଟିର ଚେୟାରମେନ ଡକ୍ଟର ବି.ଆର. ଆମ୍ବେଦକରଙ୍କ ହାତ ଓ ଦୃଢ଼ ସମର୍ଥନ ଥିଲା । କାରଣ ସେ ଚାହିଁଥିଲେ ଅନ୍ୟାନ୍ୟ ଅନଗ୍ରସର ବର୍ଗଙ୍କୁ ଏସଟି ଓ ଏସସି ତୁଲ୍ୟ ସମାନୁପାତିକ ସଂରକ୍ଷଣ ସୁବିଧା ପ୍ରଦାନ ପାଇଁ । କିନ୍ତୁ ଦୁଃଖର କଥା ଅଳ୍ପ କେତେଜଣକୁ ଛାଡିଦେଲେ ସେ ସମୟର ସଂଖ୍ୟାଧିକ ଏହି ବର୍ଗର ନେତା ତାଙ୍କୁ ସହଯୋଗର ହାତ ବଢ଼ାଇ ନଥିଲେ । ଅନ୍ୟ ଏକ ଅସୁବିଧା ଥିଲା ଯେ କେଉଁ ଜାତିଗୁଡିକ ଏହି ବର୍ଗର ଅନ୍ତର୍ଗତ ହେବେ ତାହାର ସ୍ପଷ୍ଟ ଆଧାର ଓ ତାଲିକା ପ୍ରସ୍ତୁତ ହୋଇନଥିଲା । ଯଦିଓ ୧୯୩୧ ମସିହା ଜାତିଭିତ୍ତିକ ଜନଗଣନାରେ ଏମାନଙ୍କ ସଂଖ୍ୟାର ଆକଳନ ହୋଇଥିଲା, ଯାହାକୁ ପରେ ମଣ୍ଡଳ କମିଶନ ଉଲ୍ଲେଖ କରି କହିଥିଲେ ଏମାନଙ୍କ ସଂଖ୍ୟା ୫୨% ବୋଲି । ସମ୍ବିଧାନ ପ୍ରସ୍ତୁତ ପୂର୍ବରୁ ଆପତତଃ ଏସସି ଓ ସୂଚୀବଦ୍ଧ ଆଦିବାସୀଙ୍କ ତାଲିକା ଉପଲବ୍ଧ ଥିଲା । ତେଣୁ ଅସୁବିଧା ହେଲା ନାହିଁ । ଅସୁବିଧା ଥିଲା ଅନ୍ୟାନ୍ୟ ଅନଗ୍ରସର ବର୍ଗଙ୍କ ପାଇଁ । ତଥାପି ସେ ଏମାନଙ୍କ ପାଇଁ ଏହି ଧାରାକୁ ସମ୍ବିଧାନରେ ସ୍ଥାନିତ କରି ଯାଇଛନ୍ତି । ସେ ଜାଣିଥିଲେ ଆଜି ନହେଲେବି କାଲି ଏମାନେ ଏହାର ଆବଶ୍ୟକତାକୁ ବୁଝିବେ । ସ୍ୱାଧୀନତା ପରେ ସେ ବହୁ ଚେଷ୍ଟା କରିଥିଲେ ଏହି ଅନ୍ୟାନ୍ୟ ଅନଗ୍ରସର ବର୍ଗଙ୍କୁ ସ୍ୱତନ୍ତ୍ର ମାନ୍ୟତା ଦେବା ପାଇଁ ଓ ଏ ବାବଦକୁ ଏକ କମିଶନ ବସାଇବା ପାଇଁ ।

ସେ ସ୍ୱାଧୀନୋତ୍ତର ଭାରତ ବର୍ଷର ପ୍ରଥମ ଆଇନ୍ ମନ୍ତ୍ରୀ । ଅଗଷ୍ଟ ୧୫, ୧୯୪୭ ରୁ ସେପ୍ଟେମ୍ବର ୨୭, ୧୯୫୧ ପର୍ଯ୍ୟନ୍ତ ଥିଲେ । ପ୍ରଥମ ପ୍ରଧାନମନ୍ତ୍ରୀ ଶ୍ରୀ ଜବାହରଲାଲ ନେହେରୁଙ୍କ ଅନୁରୋଧ କ୍ରମେ ସେ ତାଙ୍କ ମନ୍ତ୍ରୀ ମଣ୍ଡଳରେ ସାମିଲ ହୋଇଥିଲେ । ଏହା ପୂର୍ବରୁ ସେ ନେହରୁଙ୍କ ସମ୍ମୁଖରେ କିଛି ସର୍ତ୍ତ ରଖିଥିଲେ । ସେଗୁଡ଼ିକ ମଧ୍ୟରୁ ପ୍ରଥମଟି ହେଲା ହିନ୍ଦୁ କୋଡ୍ ବିଲକୁ ପାସ କରାଇବାରେ ସାହାଯ୍ୟ କରିବେ ଓ ଦ୍ୱିତୀୟରେ ଥିଲା ଅନ୍ୟାନ୍ୟ ଅନଗ୍ରସର ବର୍ଗ ପାଇଁ ଏକ କମିଶନ ବସାଇବେ । ଏମାନଙ୍କ ଅନୁଧ୍ୟାନ ପୂର୍ବକ ଏମାନଙ୍କୁ ସମ୍ବିଧାନରେ ସ୍ୱତନ୍ତ୍ର ମାନ୍ୟତା ଦେବା ଓ ରିପୋର୍ଟ ମୁତାବକ ସୁବିଧା ସୁଯୋଗ ପ୍ରଦାନ କରିବା । ସେ ଏମାନଙ୍କ ପାଇଁ ଏକ କମିଶନ ବସାଇବା ପାଇଁ ଅନେକବାର ନେହରୁଙ୍କୁ ଅନୁରୋଧ କରିଥିଲେ । କିନ୍ତୁ ଶ୍ରୀ ନେହରୁ ଏଦିଗରେ ଆଗ୍ରହ ଦେଖାଇ ନଥିଲେ । ଏହା ତାଙ୍କୁ ବ୍ୟଥିତ କରିଥିଲା । ଅନ୍ୟ ପଟେ ହିନ୍ଦୁ କୋଡ୍ ବିଲକୁ ନେଇ ରକ୍ଷଣଶୀଳମାନେ ଆନ୍ଦୋଳନକୁ ଓହ୍ଲାଇ ଥିଲେ । ନେହରୁ ହିନ୍ଦୁ କୋଡ୍ ବିଲକୁ ନେଇ ଆଗକୁ ବଢିବାକୁ ନାରାଜ ହେଲେ । ଏଥିରେ କ୍ଷୁବ୍ଧ ହୋଇ ଆମ୍ବେଦକର ତାଙ୍କ ମନ୍ତ୍ରୀମଣ୍ଡଳରୁ ଇସ୍ତଫା ଦେଇଥିଲେ । ତେଣୁ ତାଙ୍କ ଇସ୍ତଫା ଅନ୍ୟାନ୍ୟ ଅନଗ୍ରସର ବର୍ଗର ସ୍ୱାର୍ଥ ପାଇଁ ମଧ୍ୟ ଜଡିତ ଥିଲା । ଅନେକେ ଏ ବିଷୟରେ ଅବଗତ ନୁହଁନ୍ତି ।

ଘଟଣା ଚକ୍ରରେ ବିହାରର ତତ୍କାଳୀନ ବିଶିଷ୍ଟ ପଛୁଆବର୍ଗ ନେତା ରାମ ଲକ୍ଷନ ସିଂ ଚନ୍ଦପୁରି ଏକ ବିଶାଳ ସମାବେଶ ଆୟୋଜନ କରିଥିଲେ ଏସଟି, ଏସସି ଓ ଅନ୍ୟାନ୍ୟ ଅନଗ୍ରସର ବର୍ଗଙ୍କ ଏକତା ପାଇଁ । ଯେଉଁ ସମାବେଶକୁ ଡକ୍ଟର ଆମ୍ବେଦକରଙ୍କୁ ଡକାଯାଇ ଥିଲା । ଯେଉଁଠାରେ ଆମ୍ବେଦକର ଅନ୍ୟାନ୍ୟ ଅନଗ୍ରସର ବର୍ଗଙ୍କୁ ଚିହ୍ନଟ କରିବା ପାଇଁ ଏକ କମିଶନ ଗଠନର ଦୃଢ଼ ଦାବୀ ଉପସ୍ଥାପନ କରିଥିଲେ । ଏହାର ଚାପ ନେହରୁଙ୍କ ଉପରେ ପଡିଥିଲା । ଅନ୍ୟପଟେ ସ୍ୱାଧୀନତା ପରେ ଅନ୍ୟାନ୍ୟ ଅନଗ୍ରସର ବର୍ଗର କିଛି ନେତୃତ୍ୱ ଓ ପ୍ରଗତିଶୀଳ ନେତା ଏମାନଙ୍କ ବିକାଶ ପାଇଁ ସଂରକ୍ଷଣର ଆବଶ୍ୟକତାକୁ ବୁଝିଲେ ଓ କେନ୍ଦ୍ର ସରକାରଙ୍କ ନିକଟରେ ଦାବି ଉପସ୍ଥାପନ କଲେ ଏକ କମିଶନ ଗଠନ ପାଇଁ । ଫଳରେ ଧାରା ୩୪୦ ଅନୁଯାୟୀ ୧୯୫୩ ମସିହାରେ ତତ୍କାଳୀନ କେନ୍ଦ୍ର ସରକାର ଏମାନଙ୍କ ସାମାଜିକ, ଆର୍ଥିକ ଓ ଶିକ୍ଷାଗତ ଅବସ୍ଥାର ଅନୁଧ୍ୟାନ ପାଇଁ କାକା କାଲେଲକରଙ୍କ ଅଧ୍ୟକ୍ଷତାରେ ଏକ କମିଶନ ବସାଇ ଥିଲେ । ଏହା କାଲେଲକର କମିଶନ ଭାବେ ପରିଚିତ । ସେ ଏହି ବର୍ଗ ପାଇଁ 'ସାମାଜିକ ଓ ଶିକ୍ଷାଗତ ଭାବେ ଦୁର୍ବଳ ଶ୍ରେଣୀ' ନାମର ବ୍ୟବହାର କରିଥିଲେ ।

୧୯୫୫ ମସିହାରେ ଏହି କମିଶନ ତାର ରିପୋର୍ଟ କେନ୍ଦ୍ର ସରକାରଙ୍କୁ ଦେଇଥିଲା । ସେ ସମୟର ସରକାର ଏହି କମିଶନଙ୍କ ସୁପାରୀଶକୁ ଗ୍ରହଣ କରିନଥିଲେ । ପୁଣି ଏହି ଧାରା ଅନୁସାରେ ୧୯୭୯ ମସିହାରେ ଜନତା ପାର୍ଟି ସରକାର ଶ୍ରୀ ବି.ପି. ମଣ୍ଡଳଙ୍କ ଅଧ୍ୟକ୍ଷତାରେ ଏକ କମିଶନ ବସାଇ ଥିଲେ । ଯାହା ମଣ୍ଡଳ କମିଶନ ଭାବେ ପରିଚିତ । ଏହି କମିଶନ ୧୯୮୦ ମସିହାରେ ତାଙ୍କ ରିପୋର୍ଟ କେନ୍ଦ୍ର ସରକାରଙ୍କୁ ଦେଇଥିଲା । ସେତେବେଳକୁ ଜନତା ପାର୍ଟି ସରକାର କ୍ଷମତାରୁ ବିଦାୟ ନେଇ ସାରିଥିଲା । ଏହି କମିଶନ ଏମାନଙ୍କ ପାଇଁ 'ଅନ୍ୟାନ୍ୟ ପଛୁଆ ବର୍ଗ'(ଓବିସି) ନାମର ବ୍ୟବହାର କରିଥିଲେ । ପରବର୍ତ୍ତି ସରକାର ଏହି କମିଶନର ରିପୋର୍ଟକୁ କର୍ଯ୍ୟକାରୀ କଲେ ନାହିଁ । ଏହି ରିପୋର୍ଟର ଆଂଶିକ କାର୍ଯ୍ୟକାରିତା ପାଇଁ ୧୯୯୦ ମସିହାରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ଶ୍ରୀ ଭି.ପି. ସିଂ ଘୋଷଣା କରିଥିଲେ ଓ ୧୯୯୨ ମସିହାରେ ସୁପ୍ରିମକୋର୍ଟଙ୍କ ରାୟ ପରେ ଚାକିରୀରେ ୨୭% ସଂରକ୍ଷଣ କାର୍ଯ୍ୟକାରୀ ହେଲା । ୨୦୦୬ ମସିହାରେ ତତକାଳୀନ କେନ୍ଦ୍ର ମାନବ ସମ୍ବଳ ମନ୍ତ୍ରୀ ଶ୍ରୀ ଅର୍ଜୁନ ସିଂ ଶିକ୍ଷାରେ ୨୭% ସଂରକ୍ଷଣ ସୁବିଧା ପ୍ରଦାନ କଲେ । ଏ ସମସ୍ତ ପଦକ୍ଷେପ ଧାରା ୩୪୦ ଅନୁଯାୟୀ ଗ୍ରହଣ କରାଯାଇଛି । ବିଭିନ୍ନ ରାଜ୍ୟ ମଧ୍ୟ ଏହାର ଅନୁସରଣରେ ଓବିସିଙ୍କୁ ସଂରକ୍ଷଣ ସୁବିଧା ଦେବା ଆରମ୍ଭ କଲେ ।

ଦେଶରେ ଅର୍ଦ୍ଧେକରୁ ଅଧିକ ହେଉଛନ୍ତି ଓବିସିର ଲୋକ । ଏମାନଙ୍କ ବିକାଶ ଦେଶର ବିକାଶକୁ ବହୁଗୁଣିତ କରିବ । ଏକଥା ଆମ୍ବେଦକର ବୁଝିଥିଲେ । ବହୁ ବିଳମ୍ବରେ ହେଲେ ବି ଏବେ କିଛି ନେତା ଏକଥାକୁ ବୁଝିବା ଆରମ୍ଭ କରିଛନ୍ତି । ଓବିସିଙ୍କ ସାମଗ୍ରୀକ ବିକାଶ ପାଇଁ ସମସ୍ତ କ୍ଷେତ୍ରରେ ସମାନୁପାତିକ ଭାଗୀଦାରୀ ଯେ ଅତ୍ୟନ୍ତ ଜରୁରୀ ତାହା ଏବେ ବୁଝୁଛନ୍ତି । ଏଥିପାଇଁ ସଂରକ୍ଷଣ ସୁବିଧା ପ୍ରାପ୍ତ ହେବା ଅନିବାର୍ଯ୍ୟ ବିଷୟ । ଏବେ କିଛି ସଚେତନ ସଂଗଠନ ଓ ବ୍ୟକ୍ତିବିଶେଷ ଓବିସିଙ୍କୁ ଏସଟି-ଏସସି ତୁଲ୍ୟ ରାଜନୀତି ସମେତ ସମସ୍ତ ସୋପାନରେ ସଂରକ୍ଷଣ ସୁବିଧା ପ୍ରଦାନ ପାଇଁ ଦାବୀ ଉଠାଉଛନ୍ତି । ଆଉ ଦଳେ ପାଦେ ଆଗେଇ ଯାଇ କହୁଛନ୍ତି ଦେଶରେ ଓବିସିଙ୍କ ସଂଖ୍ୟା ଯଦି ଶତକଡା ୫୨ ଭାଗ ତେବେ ଏମାନଙ୍କୁ ମଧ୍ୟ ଏସଟି ଓ ଏସସି ତୁଲ୍ୟ ସମସ୍ତ କ୍ଷେତ୍ରରେ ଜନସଂଖ୍ୟା ଅନୁଯାୟୀ ୫୨% ସଂରକ୍ଷଣ ସୁବିଧା ମିଳୁ । ଓଡିଶାରେ କେନ୍ଦ୍ର ଓବିସି ତାଲିକା ସହିତ ଆଉ କିଛି ଜାତିକୁ ମିଶାଇ ଏସଇବିସି ତାଲିକା ପ୍ରସ୍ତୁତ ହୋଇଛି । ରାଜ୍ୟରେ ଏମାନଙ୍କ ପାଇଁ ସଂରକ୍ଷଣ ହାର ଅତ୍ୟନ୍ତ ଦୁର୍ବଳ । ଚାକିରୀ କ୍ଷେତ୍ରରେ ମାତ୍ର ୧୧.୨୫% ସଂରକ୍ଷଣ ମିଳୁଥିଲା । ଏବେ ରାଜ୍ୟ ସରକାର ଏମାନଙ୍କ ପାଇଁ ସମସ୍ତ ଉଚ୍ଚ ଓ ବୈଷୟିକ ଶିକ୍ଷାରେ ୧୧.୨୫% ସଂରକ୍ଷଣ ଦେବେ ବୋଲି ଘୋଷଣା କରିଛନ୍ତି । ମଣ୍ଡଳ କମିଶନଙ୍କ ରିପୋର୍ଟ ମୁତାବକ ରାଜ୍ୟରେ ଏମାନେ ୨୭% ସଂରକ୍ଷଣ ନପାଇବା ପର୍ଯ୍ୟନ୍ତ ଏହା ପୂର୍ଣ୍ଣାଙ୍ଗ ନୁହେଁ ପରି ମନେହୁଏ ।

ଦେଶରେ ତଥା ରାଜ୍ୟରେ ଓବିସି ସମାଜ ଯେତେ ଜାଗ୍ରତ ହେବ ସେମାନଙ୍କ ଅଧିକାର ସେତେ ସୁନିଶ୍ଚିତ ହେବ ଓ ରାଷ୍ଟ୍ର ପ୍ରଗତିରେ ସେତେ ଭାଗୀଦାରୀ ହେବ । କେବଳ ସଂରକ୍ଷଣ ସୁବିଧା ହାସଲ ତାଙ୍କ ଲକ୍ଷ୍ୟ ନହୋଇ ଏକ ସମତାଭିତ୍ତିକ ସମାଜ ଗଠନ ତାଙ୍କ ଲକ୍ଷ୍ୟ ହେବା ଉଚିତ । ଏହାକୁ ବୁଝିବା ପାଇଁ ଆମ୍ବେଦକରଙ୍କ ଜୀବନ ଓ ସଂଗ୍ରାମକୁ ବୁଝିବାକୁ ହେବ । ଓବିସିମାନଙ୍କ ଉତ୍ଥାନ ଦିଗରେ ତାଙ୍କର ଯୋଗଦାନ ଓ ପଦକ୍ଷେପକୁ ସ୍ମରଣ କାରିବାକୁ ହେବ । ତାଙ୍କ ସ୍ୱପ୍ନର ଭାରତବର୍ଷ ଗଠନ ଦିଗରେ ନିଜର ଯୋଗଦାନକୁ ନିଶ୍ଚିତ କରିବାକୁ ହେବ ।

+ବାରିପଦା,
ମୟୂରଭଞ୍ଜ,
ମୋ: ୭୦୦୮୯୭୬୧୮୦୧

# ଅନୁକୂଳ ମାନସିକତା

## ବୈଷ୍ଣବ ମେହେର

କୁହାଯାଏ ଯେକୌଣସି ପରିସ୍ଥିତି ଆଉନା କାହିଁକି, ବ୍ୟକ୍ତିର ମାନସିକତା ଯଦି ଅନୁକୂଳ ଅଛି, ତାହା ହେଲେ ସହଜରେ ସମସ୍ତ ସମସ୍ୟାର ସମାଧାନ ହୋଇଯିବ । ତେବେ ଅନୁକୂଳ ମାନସିକତା କହିଲେ ଆମେ ସେହି ସକାରାତ୍ମକ ଚିନ୍ତାଧାରାକୁ ବୁଝୁ ଯାହା ସମସ୍ତ ପ୍ରକାର ଆହ୍ୱାନକୁ ସୁଯୋଗରେ ପରିଣତ କରିଦିଏ । ଅତଏବ କହିବାକୁ ଗଲେ ଅନୁକୂଳ ମାନସିକତା ହେଉଛି ଜଣେ ବ୍ୟକ୍ତିର ଉତ୍ତମ ଚିନ୍ତାଧାରା, ସୁଦୃଷ୍ଟିକୋଣ ଓ ସକରାତ୍ମକ ମନୋଭାବ ସହ ତଦାନୁଯାୟୀ କ୍ରିୟାକଳାପ ଯାହା ତାର ପ୍ରତ୍ୟେକ ପଦକ୍ଷେପକୁ ସୁସଂଗଠିତ ଓ ସୁନିୟନ୍ତ୍ରିତ କରିଥାଏ । ଫଳରେ ଅସାଧ କାର୍ଯ୍ୟ ମଧ୍ୟ ସହଜ, ସରଳ ଓ ସୁଗମ୍ୟ ହୋଇଯାଏ । ସଂପ୍ରତି ଅନେକାଂଶରେ ବ୍ୟକ୍ତିର ମାନସିକତା ସକାରାତ୍ମକ ହେବା ପରିବର୍ତ୍ତେ ନକାରାତ୍ମକ ହୋଇପଡୁଛି । ଏବଂ ଏହି ନକାରାତ୍ମକ ଚେତନା ବ୍ୟକ୍ତିର ସମସ୍ୟାକୁ ଅଧିକ ଜଟିଳ କରିବା ସହ ଜୀବନକୁ ବେଦନାଶିକ୍ତ କରିଦେଉଛି । ଫଳରେ ଅନେକାଂଶରେ ବ୍ୟକ୍ତି ନକାରାତ୍ମକ ପଦକ୍ଷେପ ନେବାକୁ ବାଧ ହେଉଥିବାରୁ ବର୍ତମାନ ଦିନକୁଦିନ ହତ୍ୟା, ଆତ୍ମହତ୍ୟା, ଚୋରୀ, ଡକାୟତି, ବିଶ୍ୱାସଘାତକତା ଭଳି ସଂଗୀନ ଅପରାଧ ସବୁ ବଢ଼ିବାରେ ଲାଗିଛି । ଅନୁରୂପ ଭାବରେ ଲୋକଙ୍କ ଭିତରୁ ସ୍ନେହ, ଶ୍ରଦ୍ଧା, ସମ୍ବେଦନଶୀଳ ଭାବ କମିବାରେ ଲାଗିଛି । ଶାନ୍ତି, ସଦଭାବନା ବଦଳରେ ବ୍ୟସ୍ତତା, ବିବ୍ରତା, କଳହ, ଅଶାନ୍ତି ଓ ପରସ୍ପରିକ ସଂପର୍କର ଦୂରତା ଅପ୍ରତ୍ୟାଶିତ ଭାବରେ ବଢିବଢି ଯାଉଛି ।

ଜୀବନ ଅଛି ମାନେ ଅନେକ ଘାତପ୍ରତିଘାତ ଆସିବ ହିଁ ଆସିବ । ଜଣେ ଉତ୍ତମ ବ୍ୟକ୍ତିର ଗୁଣ ହେଉଛି ଯେକୌଣସି ସ୍ଥିତିରେ ଭାଙ୍ଗି ନପଡି ସେହି ସ୍ଥିତିରୁ ସମୁଚିତ ଶିକ୍ଷା ଗ୍ରହଣ କରିବାର ମାନସିକତା । ଏହା ସମ୍ପୃକ୍ତ ବ୍ୟକ୍ତିର ଦୁରଦୃଷ୍ଟି ଓ ମୂଲ୍ୟବୋଧର ଅନନ୍ୟ ପରିଚୟ ସୃଷ୍ଟି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରି ତାର ଭବିଷ୍ୟତ ଜୀବନକୁ ସଫଳତାର ଦିଗକୁ ଆଗେଇନେବାରେ ସହାୟକ ହୋଇଥାଏ । ପୁନଶ୍ଚ ଅନୁକୂଳ ମସନସିକତା ବ୍ୟକ୍ତିକୁ ଚାପମୁକ୍ତ କରିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ । ଚିକିତ୍ସାବିଜ୍ଞାନର କହିବା ଅନୁସାରେ ଅଖାଦ୍ୟ କିମ୍ବା ଅପାନୀୟ ପାଇଁ ମଣିଷ ଯେତିକି ମାତ୍ରାରେ ରୋଗାକ୍ରାନ୍ତ ହେଉଛି ତାଠାରୁ ଅଧିକ ବଡ଼ବଡ଼ ରୋଗ ସୃଷ୍ଟି କରୁଛି ମଣିଷର ମାନସିକ ଚାପ । ବର୍ତ୍ତମାନ କ୍ଷିପ୍ର ଗତିରେ ବଢି ଚାଲିଥିବା ଆତ୍ମହତ୍ୟାର ମୁଖ୍ୟ କାରଣ ଯଦି ଖୋଜାଯାଏ ତେବେ କେଉଁଠିନା କେଉଁଠି ମାନସିକ ଚପକୁ ହିଁ ଦାୟୀ କରାଯାଇଥାଏ । ତେଣୁ ହାନିକାରକ ଚାପରୁ ରକ୍ଷା ପାଇବାକୁ ହେଲେ ମାନସିକତା ଦୃଷ୍ଟିରୁ ନିଜକୁ ଅନୁକୂଳ ରଖିବାକୁ ହେବ । ଏଥିସହ ଅତିରିକ୍ତ ଲାଭ ଏହା ହେବ ଯେ ନିଜ ଚିନ୍ତା ଓ ଚେତନକୁ ସକାରାତ୍ମକ ରଖିଲେ ହୃଦୟ ସୁସ୍ଥ ରହିବା ସହ ରୋଗ ପ୍ରତିରୋଧକ ଶକ୍ତି ବଢୁଥିବା ମଧ୍ୟ ବିଶେଷଜ୍ଞ ମାନେ ମତ ଦିଅନ୍ତି । ତେବେ ନିୟମିତ ବ୍ୟୟାମ, ଯୋଗାଭ୍ୟାସ, ସୁଷମ ଖାଦ୍ୟ ଗ୍ରହଣ, ନିଶା ଦ୍ରବ୍ୟଠୁ ଦୁରେଇ ରହିବା, ସୋସିଆଲ ମେଡିଆର କମ ବ୍ୟବହାର, ସଂକୀର୍ଣ୍ଣ ଚିନ୍ତାଧାରାର ପରିହାର, ସାମୁହିକ କାର୍ଯ୍ୟରେ ଅଂଶ ଗ୍ରହଣ, ଆବଶ୍ୟକ ଠାରୁ ଅଧିକ ଆଶା ନରଖିବା, ନମ୍ର ଓ ଭଦ୍ର ବ୍ୟବହାର ପ୍ରଦର୍ଶନ ଓ ନକାରାତ୍ମକ ଚିନ୍ତା, ଆତ୍ମସନ୍ଦେହ ଆଦିକୁ ନିଜ ଭିତରେ ବସାବାନ୍ଧିବାକୁ ନଦେଇ ନିଜର ଆତ୍ମବିଶ୍ୱାସ ଜନ୍ମାଇବା ଦ୍ୱାରା ବ୍ୟକ୍ତିର ମାନସିକତା ଅନୁକୂଳ ହୋଇପାରେ । କହିବାକୁ ଗଲେ ଅନୁକୂଳ ମାନସିକତା ହେଉଛି ଜୀବନର ପ୍ରତ୍ୟେକ ପରିସ୍ଥିତିକୁ ଆଶାବାଦୀ ଓ ସୁସ୍ଥ ଦୃଷ୍ଟିକୋଣରୁ ଦେଖିବା । ଯାହା ଏକ ସଫଳ ଜୀବନର ଅସଲ ଚାବିକାଠି ।

+ସିନାପାଲି, ନୂଆପଡା
ମୋ: ୯୭୭୭୭୫୩୯୩୫

କବିତା କୋଣାର୍କ

## ସିନ୍ଦୂର ଗାରେ

### ଜଗଦୀଶ ସାହୁ



ବୟସ ମୋହର ଚାଳିଶି ଟପିଲା
ତୁମ ବାଟ ଚାହିଁଚାହିଁ
ସବୁବେଳେ ତୁମେ
ବାହାନା ଦେଖେଇ
କହୁଥାଅ ନାହିଁନାହିଁ ।
ବଇଶାଖ ମାସ ଅଧା ସରିଲାଣି
ଘରେ କୁହ ମନ ଖୋଲି
ତୁମ ଦୁଇଭାଇ ଜାଣନ୍ତୁ ତୁମେ ତ
ମୋତେ ଭଲପାଅ ବୋଲି ।
ବାପାମାଆ ତୁମର
ଅମଙ୍ଗ ହୋଇଲେ
ତାଙ୍କୁ ମୁଁ ବୁଝେଇ ଦେବି
ଦୁଇ ପରିବାର ଆଶୀର୍ବାଦ ଥିବ
ତୁମ ହାତ ଧରି ନେବି ।
ଆମଘରେ ମୋତେ କହି ସାରିଲେଣି
ବୋହୂଟିଏ ଦରକାର
ଏଥର ଠକିଲେ ଦରଖାସ୍ତ ଦେବି
ବୁଝିବାକୁ ସରକାର ।
ବୈଶାଖ ପୂର୍ଣ୍ଣିମା ଅତି ଶୁଭଦିନ
ହରିହାଟ ପଡିଆରେ
ଅପେକ୍ଷାରେ ଥିବି ତୁମରି ମଥାରେ
ଦେବାକୁ ସିନ୍ଦୂର ଗାରେ ।

+ ସଂଜପଡା
ହିନ୍ଦୋଳ, ଢେଙ୍କାନାଳ, ୭୫୯୧୨୮
ମୋ :-୯୦୭୮୧୮୫୬୧୬

## ପ୍ରୀତି କୋଣାର୍କ

### ବସନ୍ତ କୁମାର ପ୍ରଧାନ



ପ୍ରୀତି କୋଣାର୍କର ସୂକ୍ଷ୍ମ ଚାରୁକଳା
କେହି ବି ପାରେନା ଦେଖି
ଅନୁଭବ ସୂତ୍ରେ ଆହ୍ଲାଦିତ ଚିତ୍ତେ
ନିଜ ମଧ୍ୟେ ହୁଏ ସୁଖୀ ।

ଭାବନାର ବିହାୟସେ ପ୍ରେମ ପକ୍ଷୀ
ଡେଣା ଝାଡ଼ି ଉଡ଼ିଯାଏ
ସୁନେଲି ସ୍ୱପ୍ନର ଇନ୍ଦ୍ରଧନୁଟିଏ
ବାରମ୍ବାର ସୃଜିଥାଏ ।

ପ୍ରୀତି କୋଣାର୍କର ବିଦେହ କାନ୍ଥରେ
କଳ୍ପନା ମୋହିନୀ କନ୍ୟା
ସେ ନଟୀ ରୂପରେ ଯୌବନ ନଦୀରେ
ଆଣେ ନିତି ପ୍ରେମ ବନ୍ୟା ।

କେତେ ହାସ୍ୟମୟୀ କେତେ ଲାସ୍ୟ ମୟୀ
ସ୍ୱପ୍ନର ରାଜକୁମାରୀ
ତା'ପାଦ ନିକ୍ୱଣ ଧ୍ୱନିରେ ମନକୁ
ଅଲକ୍ଷ୍ୟାରେ କରେ ଚୋରୀ ।

ପ୍ରୀତି କୋଣାର୍କର ସୌନ୍ଦର୍ଯ୍ୟ ଭିତରେ
କିଏ ବା ନଯାଏ ହଜି
ପୁଲକିତ ପ୍ରାଣେ ପ୍ରୀତି ଆବେଶରେ
ପ୍ରେମ ପ୍ରଣୟକୁ ଖୋଜି ।

ପ୍ରୀତି କୋଣାର୍କର ମନ୍ଦିର ଭିତରେ
କେବଳ ଜନଙ୍କ ମୁହଁ
ପ୍ରତି କ୍ଷଣେ ସେହି ମନର ମଣିଷ
ଝରାଏ ପ୍ରୀତି ଅମୀୟ ।

ପ୍ରୀତି କୋଣାର୍କଟା ସନ୍ଦେହ ବାତ୍ୟାରେ
ଭାଙ୍ଗି ହୁଏ ଚୁରମାର
ବିଶ୍ୱାସ ଅଟଇ ତା'ର ମୂଳଭିତ୍ତି
ସମ୍ପର୍କ କରେ ମଧୁର ।

ପ୍ରୀତି କୋଣାର୍କର ହେ କନ୍ଦର୍ପ ଦେବ
ଘେନ ମୋ ପ୍ରୀତି ପ୍ରଣତି
ତୁମରି ପ୍ରେମର ଦିବ୍ୟାନୁଭବରେ
ଭରିଦିଅ ସୁଖ ଶାନ୍ତି ।

+ହରିହରପୁର, ଛେଣ୍ଡିପଦା,
ଅନୁଗୋଳ
ମୋ -୭୭୩୫୬୧୧୪୮୪

# ମାତ୍ର ୮ ମିନିଟର ରାଗ ; ବର୍ବାଦ କରିଦେବ ରକ୍ତ ପ୍ରବାହ, ଧିମା ହୋଇଯିବ ଶରୀର, ମସ୍ତିଷ୍କ ପାଇଁ ବଡ଼ ବିପଦ



ବେଶି ନୁହେଁ ମାତ୍ର ୮ ମିନିଟ୍ ... ରାଗକୁ ନିୟନ୍ତ୍ରଣ ନକଲେ ସର୍ବନାଶ ହୋଇପାରେ । ୮ ମିନଟର ରାଗ ପାଖାପାଖି ଘଣ୍ଟାଏ ଯାଏଁ ରକ୍ତ ଧମନୀକୁ ଶକ୍ତ କରିଦେବ । ରକ୍ତ ପ୍ରବାହ ଧୀମା ହୋଇଯିବ । ଶରୀର ପକ୍ଷପାତ ହୋଇଯାଇପାରେ । ମସ୍ତିଷ୍କ ବି ଭୋଗିବ । ଏକ ନୂଆ ରିସର୍ଚ୍ଚରେ ଏହା ସ୍ପଷ୍ଟ ହୋଇଛି । ସର୍ବେକ୍ଷଣରେ ୨୮୦ ଜଣଙ୍କୁ ଅନ୍ତର୍ଭୁକ୍ତ କରାଯାଇଥିଲା । ପରୀକ୍ଷଣରୁ ଜଣାପଡ଼ିଲା, କ୍ରୋଧରୁ ରକ୍ତ ପ୍ରବାହ ୫୦ ପ୍ରତିଶତ ଧୀମା ହୋଇଯାଏ । ଆଉ କ୍ରୋଧର ପ୍ରଭାବ ୪୦ ମିନିଟରୁ ଘଣ୍ଟାଏ ଯାଏଁ ରୁହେ । ଏହି ସମୟରେ ହାର୍ଟ ଆଟାକ୍ , ଷ୍ଟ୍ରୋକର ଆଶଙ୍କା ବଢ଼ିଯାଏ । ଆଉ ବାରମ୍ବାର ରାଗିଲେ ହାର୍ଟ ଉପରେ ଏହାର ଗୁରୁତର ପ୍ରଭାବ ପଡ଼େ । ଗବେଷଣାରେ କୁହାଯାଇଛି କ୍ରୋଧର ସିଧା ପ୍ରଭାବ ହାର୍ଟ ଉପରେ ପଡ଼େ । ଗବେଷଣାରେ ୨୮୦ ଜଣଙ୍କୁ ଅନ୍ତର୍ଭୁକ୍ତ କରାଯାଇ ସେମାନଙ୍କୁ ୩ଟି ଗ୍ରୁପରେ ଭାଗ କରାଯାଇଥିଲା । ଗୋଟିଏ ଗ୍ରୁପକୁ ପୂର୍ବ ଦିନରେ ସେମାନେ ରାଗିଥିବା ସମୟକୁ ମନେପକାଇବାକୁ କୁହାଯାଇଥିଲା । ଦ୍ୱିତୀୟ ଗ୍ରୁପକୁ ଦୁଃଖ ଏବଂ ଚିନ୍ତାଗ୍ରସ୍ତ ଅବସ୍ଥାକୁ ମନେପକାଇବାକୁ କୁହାଯାଇଥିଲା । ଏବଂ ତୃତୀୟ ଗ୍ରୁପରେ ଥିବା ଲୋକଙ୍କୁ ରାଗିବାର ସମୟକୁ ମନେପକାଇଥିବାକୁ କୁହଗଲା । ଏହାପରେ ନିର୍ଯ୍ୟାସ ଚମକାଇଦେବା ଭଳି ଥିଲା । ରାଗୁଥିବା ଲୋକଙ୍କଠାରେ ରକ୍ତ ସଞ୍ଚାଳନ ୫୦ ପ୍ରତିଶତ କମିଗଲା । ଲଏଭଳି ସ୍ଥିତି ୪୦ ମିନିଟ ଯାଏଁ ରହିଲା । କିନ୍ତୁ ଦୁଃଖ ଏବଂ ଚିନ୍ତାଗ୍ରସ୍ତ ସମୟକୁ ମନେପକାଉଥିବା ଲୋକଙ୍କଠାରେ ସେପରି କିଛି ସମସ୍ୟା ଦେଖିବାକୁ ମିଳିନଥିଲା । କେବଳ ରାଗୁଥିବା ଲୋକଙ୍କଠାରେ ରକ୍ତର ଧମନୀର ଆଭ୍ୟନ୍ତରୀଣ ପରସ୍ତ ଟାଣ ହୋଇଯାଇଥିଲା , ଫଳରେ ରକ୍ତ ପ୍ରଭାବ କମିଯାଇଥିଲା । ପରୀକ୍ଷଣ କରୁଥିବା ବିଶେଷଜ୍ଞ କହିଛନ୍ତି, କ୍ରୋଧ କରୁଥିବା ଲୋକଙ୍କ ରକ୍ତି ଧମନୀ ଫ୍ରିଜ୍ ହୋଇଯାଏ । ରକ୍ତଚାପ ବଢ଼ିଯାଏ । ଫଳରେ ହାର୍ଟ ଆଟାକ୍ ଏବଂ ଷ୍ଟ୍ରୋକ୍ ହେବାର ଆଶଙ୍କା ବଢ଼ିଯାଏ । ରାଗିଲେ କୋର୍ଟିକଲ ହର୍ମୋନ୍ ବଢ଼ିଯାଏ, ଯାହା ଏଣ୍ଡୋଥେଲିୟମକୁ ଡ୍ୟାମେଜ୍ କରେ । କିନ୍ତୁ ଦୁଃଖ ବା ଚିନ୍ତାରେ ଏହି ହୁଏନାହିଁ । ହୃଦରୋଗ ବିଶେଷଜ୍ଞଙ୍କ କହିବା ଅନୁସାରେ, କୋଧ କେବଳ ମାନସିକ ସମସ୍ୟା ନୁହେଁ ବରଂ ଏହା ହାର୍ଟ ପାଇଁ ବଡ଼ ବିପଦ । ରିସର୍ଚ୍ଚରେ ପ୍ରମାଣିତ ହୋଇଛି, କ୍ରୋଧ ନିୟନ୍ତ୍ରଣ କରିବାକୁ ଏବଂ ହାର୍ଟର ସୁରକ୍ଷା ପାଇଁ କିଛି ସହଜ ଟିପ୍ସ ରହିଛି ।




ଭାରତରେ ୪୦ ରୁ ୪୫ ପ୍ରତିଶତ ମଧ୍ୟବିତ୍ତ ପରିବାରର ଲୋକ ଯାତାୟାତ ପାଇଁ ବାଇକ ଉପରେ ଭରସା କରନ୍ତି । ବାଇକ୍ ଏବଂ ହେଲମେଟ୍ ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ଭଳି । ଯାତ୍ରାକୁ ଆହୁରି ସୁରକ୍ଷିତ କରିବା ପାଇଁ ହେଲମେଟ୍ ପିନ୍ଧିବାକୁ ଗୁରୁତ୍ୱ ଦିଆଯାଏ । ଅନେକ ଲୋକ ଭାବନ୍ତି ଯେ ଘଣ୍ଟା ଘଣ୍ଟା ଧରି ହେଲମେଟ୍ ପିନ୍ଧିବା ଦ୍ୱାରା ମୁଣ୍ଡରୁ ଚୁଟି ଝଡ଼ିଥାଏ ଏବଂ ସମୟ ସହିତ ଚନ୍ଦାପଣ ମଧ ଗ୍ରାସ କରେ । ଏହି ପ୍ରଶ୍ନ ପ୍ରାୟତଃ ସେମାନଙ୍କ ମନରେ ଆସେ ଯେଉଁମାନେ ପ୍ରତିଦିନ ବାଇକ୍ ଚଲାନ୍ତି ଏବଂ ପୂରା ଦିନ ହେଲମେଟ୍ ପିନ୍ଧନ୍ତି । ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅନୁଯାୟୀ ହେଲମେଟ୍‌କୁ ଚୁଟି ଝଡ଼ିବାର ମୁଖ୍ୟ କାରଣ ବୋଲି କୁହାଯାଇପାରିବ ନାହିଁ । ଦୀର୍ଘ ସମୟ ଧରି ହେଲମେଟ୍ ପିନ୍ଧିବା ଦ୍ୱାରା ଚୁଟି ସମ୍ବନ୍ଧୀୟ ଅନେକ ସମସ୍ୟା ହୋଇପାରେ କିନ୍ତୁ ଏହା ସିଧାସଳଖ ଚୁଟି ଝଡ଼ିବାର କାରଣ ନୁହେଁ । ମଇଳା ହେଲମେଟ୍ ଏବଂ ଝାଳ ହୋଇଥିବା ଚୁଟିକୁ କୁଣ୍ଡାଇବା କେଶକୁ ଦୁର୍ବଳ କରିପାରେ । ତେଣୁ ହେଲମେଟ୍ ବ୍ୟବହାର କରିବା ସମୟରେ ଧ୍ୟାନ ଦିଅନ୍ତୁ ଯେ ଯେମିତି ଆପଣଙ୍କ ଚୁଟି ଓଦା ନଥିବ । ହେଲମେଟ୍ ମଇଳା ହୋଇନଥିବ ଏବଂ ଚୁଟିରେ ଝାଳ ହୋଇନଥିବ । ଏହା ଦ୍ୱାରା କେଶ ଉପୁଡ଼ିବାର ସମସ୍ୟା ସୃଷ୍ଟି ହେବ ନାହିଁ । ପ୍ଲାଷ୍ଟିକ୍ ଏବଂ କସମେଟିକ୍ ସର୍ଜନ୍ କୁହନ୍ତି ଯେ ଯଦି ଆପଣ ଏକ ଭଲ କ୍ୱାଲିଟିର ହେଲମେଟ୍ ବ୍ୟବହାର କରନ୍ତି ଏବଂ ଏହାକୁ ଲମ୍ବା ସମୟ ଧରି ପିନ୍ଧନ୍ତି ନାହିଁ ତେବେ ଏହା ଚୁଟି ସମସ୍ୟା ସୃଷ୍ଟି କରିବ ନାହିଁ । ଯଦି ଆପଣଙ୍କର ହେଲମେଟ୍ ମଇଳା ଏବଂ ଝାଳ ଶୋଷେ ତେବେ ଏହା ଚୁଟିକୁ ଦୁର୍ବଳ କରିପାରେ । ଯାହାଦ୍ୱାରା ମୁଣ୍ଡରେ ଫଙ୍ଗଲ୍ ଇନଫେକ୍ସନ୍ ଏବଂ ଶୁଷ୍କତା ସମେତ ଅନେକ ସମସ୍ୟା ସୃଷ୍ଟି ହୁଏ । ଯଦିଓ ଏହି ସମସ୍ତ ସମସ୍ୟାକୁ ଚୁଟି ପାଇଁ ବିପଦ ବୋଲି କୁହାଯାଏ କିନ୍ତୁ ଚୁଟି ଏବଂ ହେଲମେଟ୍ ମଧ୍ୟରେ କୌଣସି ସିଧାସଳଖ ସମ୍ପର୍କ ନାହିଁ । ଲୋକମାନେ ଏପରି ଗୁଜବ ଉପରେ ବିଶ୍ୱାସ କରିବା ଉଚିତ୍ ନୁହେଁ ବରଂ ହେଲମେଟ୍ ସଫାସୁତୁରା ପ୍ରତି ଧ୍ୟାନ ଦେବା ଉଚିତ । ଯେତେବେଳେ ହେଲମେଟ୍ ମୁଣ୍ଡରେ ଅତ୍ୟଧିକ ଟାଇଟ୍ ହୋଇ ଫିଟ୍ ହୁଏ କିମ୍ବା ଏହାର ଭିତର ପ୍ୟାଡ୍ ଖରାପ କ୍ୱାଲିଟିର ହୋଇଥାଏ ତେବେ ଚୁଟି ସହିତ ନିରନ୍ତର ଘର୍ଷଣ ସୃଷ୍ଟି ହୁଏ । ଏହି ଘର୍ଷଣ କେଶ ମୂଳକୁ ଦୁର୍ବଳ କରେ ଏବଂ କେଶ ମୋଡ଼ି ହୋଇ ଝଡ଼ିବାକୁ ଲାଗିଥାଏ । ଏହାଛଡ଼ା ଗରମରେ ହେଲମେଟ୍ ପିନ୍ଧିବା ଦ୍ୱାରା ମୁଣ୍ଡରୁ ଝାଳ ବୋହିଥାଏ ଯାହା ଜୀବାଣୁ ଏବଂ ଫଙ୍ଗାଲ୍ ସଂକ୍ରମଣର ଆଶଙ୍କା ସୃଷ୍ଟି କରେ । ଉଭୟ ଅବସ୍ଥାରେ ଚୁଟି ଝଡ଼େ । ମଇଳା ହେଲମେଟ୍ ଧୂଳି, ଝାଳ ଏବଂ ଜୀବାଣୁ ଜମା କରେ ଯାହା ଦ୍ୱାରା ମୁଣ୍ଡରେ ରୁପି ସମସ୍ୟା, କୁଣ୍ଡାଇ ହେବା, ଫଙ୍ଗଲ୍ ସଂକ୍ରମଣ ଭଳି ସମସ୍ୟା ଦେଖାଯାଏ ।




ଗତ କିଛି ବର୍ଷ ହେଲା ଲୋକ ବହୁତ ହେଲ୍ଥ କନସିୟସ୍ ହେଲେଣି । ଯେଉଁଥିପାଇଁ ଡାଏଟ୍ , ବ୍ୟାୟାମ ଏବଂ ଜୀବନଶୈଳୀରେ ଉନ୍ନତି ଆଣିବା ଉପରେ ସମସ୍ତେ ଧ୍ୟାନ ଦେଉଛନ୍ତି । ଖାସ୍ କରି ଲୋକମାନେ ପ୍ରୋଟିନ୍ ଖାଇବାକୁ ଅଧିକ ଗୁରୁତ୍ୱ ଦେଉଛନ୍ତି । ଫିଟନେଶ୍ ଫ୍ରିକ ଲୋକମାନେ ଖାଦ୍ୟରେ ଅଣ୍ଡା ଏବଂ ଚିକେନ୍ ଖାଇବାକୁ ପସନ୍ଦ କରନ୍ତି । ଯଦି ଆପଣ ମଧ ଚିକେନ୍ ପ୍ରେମୀ ଏବଂ କୁକୁଡ଼ା ଆପଣଙ୍କ ଖାଦ୍ୟର ଏକ ପ୍ରମୁଖ ଅଂଶ ତେବେ ଏହି ଖବର ଆପଣଙ୍କ ପାଇଁ ଚେତାବନୀ ହୋଇପାରେ । ବର୍ତ୍ତମାନ ପର୍ଯ୍ୟନ୍ତ ନିଜର ପ୍ରୋଟିନ୍ ଆବଶ୍ୟକତା ପୂରଣ କରିବା ପାଇଁ ସମସ୍ତେ ଚିକେନ୍ ଖାଉଛନ୍ତି । ତେବେ ଗବେଷଣାରୁ ଜଣାପଡ଼ିଛି ଯେ ଅତ୍ୟଧିକ ଚିକେନ୍ ଖାଇବା ଦ୍ୱାରା ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି ହୋଇପାରେ । ଇଟାଲୀର ନ୍ୟୁଟ୍ରିଏଣ୍ଟସ୍ ପତ୍ରିକାରେ ପ୍ରକାଶିତ ଏକ ଷ୍ଟଡି ଅନୁସାରେ ପ୍ରତି ସପ୍ତାହରେ ୩୦୦ ଗ୍ରାମରୁ ଅଧିକ ହ୍ୱାଇଟ୍ ମିଟ୍ ଖାଇବା ଆପଣଙ୍କ ସ୍ୱାସ୍ଥ୍ୟ ପାଇଁ ବିପଜ୍ଜନକ ହୋଇପାରେ । ମାଂସକୁ ସାଧାରଣତଃ ସ୍ୱାସ୍ଥ୍ୟକର କୁହାଯାଉଥିଲେ ହେଁ ଏହି ଅଧ୍ୟୟନରୁ ଜଣାପଡ଼ିଛି ଯେ ଯେଉଁ ଲୋକମାନଙ୍କୁ ପାକସ୍ଥଳୀ ସହ ଜଡିତ କର୍କଟ ରୋଗ ଥିଲା ସେମାନେ ଅତ୍ୟଧିକ କୁକୁଡ଼ା ମାଂସ ଖାଇଥିଲେ । ଗ୍ୟାଷ୍ଟ୍ରୋଇଣ୍ଟେଷ୍ଟାଇନ୍ ଟ୍ରାକ୍ଟ ନାମକ ଏହି କର୍କଟ ରୋଗ ଯେଉଁଥିରେ ଖାଦ୍ୟନଳୀ, ପେଟ, ଛୋଟ ଏବଂ ବଡ଼ ଅନ୍ତନଳୀ, ଯକୃତ, ଅଗ୍ନାଶୟ ଏବଂ ପିତ୍ତକୋଷ ଅନ୍ତର୍ଭୁକ୍ତ । ବୈଜ୍ଞାନିକମାନେ ଦେଖିବାକୁ ଚେଷ୍ଟା କରୁଥିଲେ ଯେ କୁକୁଡ଼ା, ଟର୍କି କିମ୍ବା ବତକ ପରି ପକ୍ଷୀଙ୍କ ମାଂସ ଖାଇବା ପେଟ କର୍କଟ ଏବଂ ଶୀଘ୍ର ମୃତ୍ୟୁ ସହିତ ଜଡ଼ିତ କି ନାହିଁ । ଏଥିପାଇଁ ସେମାନେ ୧୯ ବର୍ଷ ଧରି ଇଟାଲୀର ପ୍ରାୟ ୪୮୬୯ ଜଣ ବୟସ୍କଙ୍କୁ ନିରୀକ୍ଷଣ କରିଥିଲେ ଯେଉଁଥିରେ ଜଣାପଡ଼ିଥିଲା ଯେ ପେଟ କର୍କଟ ଯୋଗୁଁ ପ୍ରାଣ ହରାଇଥିବା ଲୋକମାନଙ୍କର ଚିକେନ୍ ଖାଇବାର ପରିମାଣ ସର୍ବାଧିକ ଥିଲା । ଗବେଷଣାରୁ ଜଣାପଡ଼ିଛି ଯେ ଯେଉଁମାନେ ପ୍ରତି ସପ୍ତାହରେ ୩୦୦ ଗ୍ରାମରୁ ଅଧିକ ମାଂସ ଖାଉଛନ୍ତି ସେମାନଙ୍କ ମୃତ୍ୟୁର ଆଶଙ୍କା ସପ୍ତାହରେ ୧୦୦ ଗ୍ରାମରୁ କମ୍ ଚିକେନ୍ ଖାଉଥିବା ଲୋକଙ୍କ ତୁଳନାରେ ୨୭ ପ୍ରତିଶତ ଅଧିକ ଥିଲା । ପୁରୁଷମାନଙ୍କ ପାଇଁ ଏହି ବିପଦ ଆହୁରି ୬୧ ପ୍ରତିଶତକୁ ବୃଦ୍ଧି ପାଇଛି ଅର୍ଥାତ୍ ୧୦୦ ଗ୍ରାମରୁ ଅଧିକ ଚିକେନ୍ ଖାଉଥିବା ପୁରୁଷମାନଙ୍କର ଅକାଳ ମୃତ୍ୟୁର ଆଶଙ୍କା ପ୍ରାୟ ଦେଢ଼ ଗୁଣ ଅଧିକ ଥିଲା । ଗବେଷକ ସ୍ପଷ୍ଟ ଭାବରେ କହିଛନ୍ତି ଯେ କୁକୁଡ଼ା ଯେତେ କମ୍ ଖାଇବେ ସେତେ ଭଲ ।




ଫ୍ୟାସନ ସେତେବେଳେ ସୁନ୍ଦର ଲାଗେ ଯେତେବେଳେ ଏହାର ପାର୍ଶ୍ୱ ପ୍ରତିକ୍ରିୟା ଶରୀର ଉପରେ ପଡ଼ିନଥାଏ । କିନ୍ତୁ ଥରେ ପାର୍ଶ୍ୱ ପ୍ରତିକ୍ରିୟା ଦେଖାଗଲେ ସେହି ଫ୍ୟାସନ୍ ବେକର ଫାଶ ପରି ଲାଗେ । ଆଜିର ସମୟରେ ସମସ୍ତେ ନିଜ ପ୍ରିୟ ଅଭିନେତା ତଥା ଅଭିନେତ୍ରୀଙ୍କ ପରି ଦେଖାଯିବାକୁ ଚାହାନ୍ତି । ହିରୋଇନଙ୍କ ପରି ଦେଖାଯିବା ପାଇଁ ସେମାନଙ୍କର ଫ୍ୟାଶନ୍ ଏବଂ ସୌନ୍ଦର୍ଯ୍ୟ ଟିପ୍ସକୁ ଅନୁସରଣ କରନ୍ତି । ଏହି ବିୟୁଟି ଟିପ୍ସରେ ଚୁଟିର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ଥାଏ । ସେଲିବ୍ରେଟିଙ୍କ ପରି ଦେଖାଯିବାକୁ ଚୁଟିକୁ ରଙ୍ଗବେରଙ୍ଗ କରି କଲର୍ କରାନ୍ତି ଯୁବପିଢ଼ି । କିନ୍ତୁ ବାରମ୍ବାର ଚୁଟିରେ ରଙ୍ଗ କରିବା କେତେ କ୍ଷତିକାରକ ଆପଣ ଜାଣିଛନ୍ତି କି ? ୬ ମାସ ପୂର୍ବରୁ ଚୀନରେ ଏକ ଏମିତି ଘଟଣା ଘଟିଥିଲା ଯାହା ସେଠାକାର ଯୁବପିଢ଼ିଙ୍କୁ ଭୟଭୀତ କରିଥିଲା । ଜଣେ ୨୦ ବର୍ଷୀୟା ଝିଅ ନିଜ ପ୍ରିୟ ସେଲିବ୍ରିଟିଙ୍କ ପରି ଦେଖାଯିବା ପାଇଁ କେମିତି ଚୁଟି ରଙ୍ଗ କରି କିଡନି ରୋଗରେ ପୀଡ଼ିତ ହେଲେ ତାହା ସମସ୍ତଙ୍କୁ ଚକିତ କରିଥିଲା । ବାରମ୍ବାର ଚୁଟି କଲର୍ କରିବା ପରେ ଯେତେବେଳେ ଶରୀରରେ ସମସ୍ୟା ସୃଷ୍ଟି ହେଲା ଝିଅଟି ଡାକ୍ତରଖାନାକୁ ଯାଇଥିଲେ ସେଠାରେ ତାଙ୍କର କିଡନି ଖରାପ ଥିଲା ବୋଲି ଜଣାପଡ଼ିଥିଲା । ହୁଆ ନାମକ ୨୦ ବର୍ଷୀୟ ଯୁବତୀ ପ୍ରତି ମାସରେ ସାଲୁନକୁ ଯାଇ ନିଜ ପ୍ରିୟ ସେଲିବ୍ରିଟିଙ୍କ ପରି କେଶ ରଙ୍ଗ କରୁଥିଲେ। କିଛି ସମୟ ପରେ ସେ ପେଟ ଏବଂ ଗଣ୍ଠି ଯନ୍ତ୍ରଣାରେ ପୀଡ଼ିତ ହେଲେ । ତାଙ୍କ ଗୋଡ଼ରେ ଲାଲ ଦାଗ ହେବାକୁ ଲାଗିଲା । ଯେତେବେଳେ ସେ ଡାକ୍ତରଙ୍କ ପାଖକୁ ଗଲେ ତାଙ୍କୁ କିଡନି ରୋଗ ହୋଇଥିବା ଜଣାପଡ଼ିଲା । ଚୀନର ଝେଙ୍ଗଝୋ ପିପୁଲ୍ସ ହସ୍ପିଟାଲର ଡାକ୍ତର ତାଓ ଚେନୟାଙ୍ଗ ଅନ୍ତର୍ଜାତୀୟ ଗଣମାଧ୍ୟମ ସଂସ୍ଥାକୁ ପ୍ରତିକ୍ରିୟା ଦେଇ କହିଥିଲେ ଯେ ବାରମ୍ବାର କେଶ ରଙ୍ଗ କରିବା ଦ୍ୱାରା ଶରୀରରେ ମୁଣ୍ଡ ମାଧ୍ୟମରେ ବିଷାକ୍ତ ପଦାର୍ଥ ଜମା ହୋଇପାରେ ଯାହା ଫୁସଫୁସ୍ ଏବଂ କିଡନିକୁ କ୍ଷତି ପହଞ୍ଚାଇ କର୍କଟ ରୋଗର ଆଶଙ୍କା ବୃଦ୍ଧି କରିପାରେ। ବଜାରରେ ମିଳୁଥିବା ଅନେକ ରଙ୍ଗ ଏବଂ ରଙ୍ଗରେ ସୀସା ଓ ପାରଦ ଭଳି ବିପଦଜନକ ଉପାଦାନ ରହିଛି । କୋରିଆନ୍ ପପ୍ ଷ୍ଟାରଙ୍କୁ ଫଲୋ କରି ଝିଅଟି ନିଜ ଲୁକ୍ ଏବଂ ପ୍ରମୋସନ୍ ପାଇଁ କେଶର ରଙ୍ଗ ପରିବର୍ତ୍ତନ କରୁଥିଲେ । ଏହା ପୂର୍ବରୁ ଆମେରିକାରେ ପୂର୍ବତନ ହେୟାରଷ୍ଟାଇଲିଷ୍ଟ ହେକ୍ଟର କର୍ଭେରା ୨୦୨୫ ପ୍ରାରମ୍ଭରେ ଲସ୍ ଆଞ୍ଜେଲସରେ ୧୦ଟି କମ୍ପାନି ବିରୁଦ୍ଧରେ ଅଭିଯୋଗ ଆଣିଥିଲେ । ସେ ଦାବି କରିଥିଲେ ଯେ ଚୁଟି ରଙ୍ଗ କରିବା ପରେ ତାଙ୍କୁ କର୍କଟ ରୋଗ ସୃଷ୍ଟି କରୁଥିବା ରାସାୟନିକ ପଦାର୍ଥର ସଂସ୍ପର୍ଶରେ ଆସିବା ଯୋଗୁ ତାଙ୍କୁ ମୂତ୍ରାଶୟ କର୍କଟ ରୋଗ ହୋଇଥିଲା । ତେବେ ଆପଣ ବି ଯଦି ବାରମ୍ବାର କେଶକୁ ରଙ୍ଗ କରୁଛନ୍ତି ତେବେ ଏହି ଟିପ୍ସଗୁଡ଼ିକ ମନେ ରଖନ୍ତୁ ଭବିଷ୍ୟତରେ ହଇରାଣ ହେବାକୁ ପଡ଼ିବ ନାହିଁ ।

# ବିଳମ୍ବିତ ରାତ୍ରି ଯାଏଁ ମୋବାଇଲ୍ ସ୍କ୍ରୋଲିଙ୍ଗ୍ ବଢ଼ାଏ ସ୍ୱାସ୍ଥ୍ୟ ସମସ୍ୟା



ଆଧୁନିକ ଡିଜିଟାଲ୍ ଦୁନିଆରେ ଆମେ ନିଦ୍ରାଯିବା ଆଗରୁ ଦେଖୁଥିବା ଶେଷ ଜିନିଷଟି ହେଉଛି ସ୍ମାର୍ଟଫୋନ୍‌ର ଉଜ୍ଜ୍ୱଳ ଆଲୋକ । ନିଦ୍ରା ଉପରେ ସ୍ମାର୍ଟଫୋନ୍‌ରୁ ବିଚ୍ଛୁରିତ ନୀଳ ଆଲୋକର କୁପ୍ରଭାବ ବିଷୟରେ ଅନେକ କିଛି କୁହାଯାଇଛି । କିନ୍ତୁ, ଥାଇରଏଡ୍ ଗ୍ରନ୍ଥି ଉପରେ ଏହାର କୌଣସି କୁପ୍ରଭାବ ଅଛି କି? ଏହାର ଉତ୍ତର ହେଉଛି- ଥାଇରଏଡ୍ ଆଲୋକ ଦେଖିପାରେ ନାହିଁ ସତ, କିନ୍ତୁ ମସ୍ତିଷ୍କ ଦେଖିପାରେ । ବେକରେ ଥିବା ଏହି ଗ୍ଲାଣ୍ଡ୍ ବା ଗ୍ରନ୍ଥିକୁ ସ୍କ୍ରିନ୍ କିଭଳି ପ୍ରଭାବିତ କରେ ତାହା ଜାଣିବା ଲାଗି ପ୍ରଥମେ ମସ୍ତିଷ୍କ ପ୍ରତି ଦୃଷ୍ଟି ଦେବା ଉଚିତ। ଏ ସଂକ୍ରାନ୍ତରେ ଏଣ୍ଡୋକ୍ରାଇନୋଲଜିଷ୍ଟ୍ ତଥା ଡାଏବେଟୋଲଜିଷ୍ଟ୍ ଡାକ୍ତର ପ୍ରଣବ ଘୋଦୀ ବୁଝାଇ କହନ୍ତି, ''ମସ୍ତିଷ୍କ ନିଭୃତରେ ଥିବା 'ହାଇପୋଥାଲାମସ୍'ରେ ଅବସ୍ଥିତ 'ସୁପ୍ରାସିଏସ୍ମାଟିକ୍ ନ୍ୟୁକ୍ଲିୟସ୍' ବା 'ଏସ୍‌ସିଏନ୍' ସହିତ ଏହି ଆଲୋକର ନିବିଡ଼ ସମ୍ପର୍କ ରହିଛି। ଶରୀରର ପ୍ରଧାନ ଘଣ୍ଟା କୁହାଯାଉଥିବା 'ଏସ୍‌ସିଏନ୍' ଆଖିରୁ ସିଧାସଳଖ ଆଲୋକ ସଙ୍କେତ ଗ୍ରହଣ କରେ। ଡିଜିଟାଲ୍ ସ୍କ୍ରିନ୍‌ରେ ପ୍ରବଳ ପରିମାଣରେ ଥିବା ନୀଳ ଆଲୋକ 'ଏସ୍‌ସିଏନ୍'କୁ ସକ୍ରିୟ କରି ମସ୍ତିଷ୍କକୁ ସଙ୍କେତ ଦିଏ ଯେ ଏବେ ରାତି ନୁହେଁ, ଦିନ।ଏଭଳି ବିଭ୍ରାନ୍ତିକର ପରିସ୍ଥିତିରେ ଶୀରରରେ ଥିବା ବିଭିନ୍ନ ହର୍ମୋନ୍ ଚକ୍ରରେ ବିଭ୍ରାଟ ଘଟେ। ବିଶେଷକରି, ଶରୀରରେ ମେଟାବୋଲିଜିମ୍ ନିମନ୍ତେ ଥିବା କମାଣ୍ଡ୍ ବ୍ୟବସ୍ଥା 'ହାଇପୋଥାଲାମିକ୍-ପିଟୁଇଟାରି-ଥାଇରଏଡ୍ ଏକ୍ସିସ୍' ଠିକ୍ ରହିଲେ ବିଭିନ୍ନ ହର୍ମୋନ୍ ମଧ୍ୟରେ ତାଳମେଳ ରହେ। ତେଣୁ ବିଳମ୍ବିତ ରାତ୍ରୀରେ ସ୍କ୍ରିନ୍ ଦେଖିବାରେ ମଗ୍ନ ରହିବା ମାନେ ଖାଲି ଜାଗ୍ରତ ରହିବା ନୁହେଁ, ବରଂ ଏହାଦ୍ୱାରା ହର୍ମୋନ୍‌ଗତ ସନ୍ତୁଳନ ରକ୍ଷାକାରୀ ବିଭ୍ରାନ୍ତ ହୋଇଯାଏ।'' ଶରୀର ଉତ୍ତାପରୁ ନେଇ ଶକ୍ତିସ୍ତର ଏବଂ ମିଜାଜ୍‌ରୁ ନେଇ ହୃଦ୍‌ସ୍ପନ୍ଦନ ପର୍ଯ୍ୟନ୍ତ ସବୁକିଛି ନିୟନ୍ତ୍ରଣ କରେ ଥାଇରଏଡ୍ ଗ୍ରନ୍ଥି। କିନ୍ତୁ, ଏ ସବୁ ହର୍ମୋନ୍ ଦିନ ତମାମ ନିର୍ଦ୍ଧାରିତ ପରିମାଣରେ ନିର୍ଗତ ହୁଏ ନାହିଁ। ବେଙ୍ଗାଲୁରୁସ୍ଥିତ ମଣିପାଲ୍ ହସ୍ପିଟାଲ୍‌ର ଡାକ୍ତର ତେଜସ୍ୱୀ ଭି କହନ୍ତି ଯେ 'ସିର୍କାଡିଆନ୍ ରିଦିମ୍' କୁହାଯାଉଥିବା ଚବିଶଘଣ୍ଟିଆ 'ବାୟୋଲୋଜିକାଲ୍ କ୍ଲକ୍' ଅନୁଯାୟୀ ଶରୀର କାର୍ଯ୍ୟ କରେ। ଥାଇରଏଡ୍ କ୍ଷରଣ କରୁଥିବା ହର୍ମୋନ୍ ରାତ୍ରୀ ସମୟରେ ସବୁଠୁ ବେଶୀ ସକ୍ରିୟ ରହେ ଏବଂ ଦିନବେଳା ନିଷ୍କ୍ରିୟ ହୋଇଆସେ। ତେଣୁ, ରାତ୍ର କାଳରେ ସ୍କ୍ରିନ୍‌ନିଃସୃତ ନୀଳ ଆଲୋକ ଥାଇରଏଡ୍ ହର୍ମୋନ୍ ଉତ୍ପାଦନରେ ବ୍ୟାଘାତ ସୃଷ୍ଟି କରିପାରେ। ସେ ଆହୁରି ମଧ କହନ୍ତି, ''ଗୋଟିଏ ରାତି ସ୍କ୍ରିନ୍ ସ୍କ୍ରୋଲିଙ୍ଗ୍ କରିବା ଦ୍ୱାରା ଥାଇରଏଡ୍ ହର୍ମୋନ୍ ଉତ୍ପାଦନ ବିଭ୍ରାଟ ହୁଏନାହିଁ। କିନ୍ତୁ, ବାରମ୍ବାର ରାତ୍ରୀ ଉଜାଗର ରହି ସ୍କ୍ରିନ୍ ଦେଖିବା ଦ୍ୱାରା ଶରୀରରେ ଚାଲିଥିବା ହର୍ମୋନ୍ କ୍ଷରଣ ଚକ୍ର ନିଷ୍କ୍ରିୟ ହୋଇଯାଏ।'' ବିଳମ୍ବିତ ରାତ୍ରୀର ନୀଳ ଆଲୋକରେ ଲୁଚି ରହିଥିବା କ୍ଷତିକାରକ ପ୍ରଭାବ ମଧ୍ୟରୁ ଗୋଟିଏ ହେଉଛି 'କୋର୍ଟିଜଲ୍' ଉପରେ ଏହା ପକାଉଥିବା କୁପ୍ରଭାବ। 'କୋର୍ଟିଜଲ୍' ହେଉଛି ଶରୀରର ମୁଖ୍ୟ 'ଷ୍ଟ୍ରେସ୍ ହର୍ମୋନ୍' ବା ଚାପ ସହ୍ୟକାରୀ ହର୍ମୋନ୍। ଗବେଷଣାରୁ ଜଣାପଡ଼ିଛି ଯେ ଉଜ୍ଜ୍ୱଳ କୃତ୍ରିମ ଆଲୋକ ଯୋଗୁଁ ମସ୍ତିଷ୍କ ସତତ ଜାଗ୍ରତ ଅବସ୍ଥାରେ ରହୁଥିବାରୁ 'କୋର୍ଟିଜଲ୍' ସ୍ତର ୧୫ ପ୍ରତିଶତ ପର୍ଯ୍ୟନ୍ତ ବୃଦ୍ଧି ପାଇପାରେ। ଏହା ମଧ ପରୋକ୍ଷଭାବେ ଥାଇରଏଡ୍ ଉପରେ କୁପ୍ରଭାବ ପକାଏ। ସେ ଯାହାହେଉ, ଥାଇରଏଡ୍ ଗ୍ରନ୍ଥି ସୁସ୍ଥ ରଖିବା ଲାଗି ଶେଯକୁ ଯିବାର ଦେଢ଼ଘଣ୍ଟା ଆଗରୁ ସ୍କ୍ରିନ୍ ଦେଖା ବନ୍ଦ କରନ୍ତୁ। ଏଇ ଦେଢ଼ଘଣ୍ଟା ପୁସ୍ତକ ପଠନ କିଂବା ସେମିତି କିଛି ମିଜାଜ୍ ଉଶ୍ୱାସ କଳାଭଳି କାର୍ଯ୍ୟ କରନ୍ତୁ। ଅନ୍ଧକାର ଓ ଶୀତଳ ପରିବେଶରେ ଶୟନ କରନ୍ତୁ। 'ଏସ୍‌ସିଏନ୍' ମାଷ୍ଟର କ୍ଲକ୍ ସୁଦୃଢ଼ ରଖିବା ଲାଗି ସକାଳ ଖରାରେ ବୁଲନ୍ତୁ। ଫଳରେ ସନ୍ଧ୍ୟା ବେଳେ ସ୍କ୍ରିନ୍ ଦେଖିଲେ ବିଶେଷ କିଛି ଶାରୀରିକ ବିଭ୍ରାଟ ହେବନାହିଁ ।

## ଚନ୍ଦନପୁରରୁ ୨ ହଜାର ଲିଟର ପୋଚ: ୨୦ ଲିଟର ଦେଶୀମଦ ଜବତ

ପୁରୀ, ୧୨/୦୫ (ନି.ପ୍ର): ଚନ୍ଦନପୁର ଥାନା ଅନ୍ତର୍ଗତ ଡିଆଡିସାହି ଜୈନିକ ବ୍ୟକ୍ତିଙ୍କ ଘର ପଛପଟୁ ୨ ହଜାର ଲିଟର ପୋଚ ଓ ୨୦ ଲିଟର ଦେଶୀମଦ ଓ ୧ଟି ହଣ୍ଡା ପୋଲିସ ଜବତ କରିଛି । ପୋଲିସକୁ ଦେଖି ପୋଚ ତିଆରେ କରିବା ବ୍ୟକ୍ତି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲା । ନିର୍ଭରଯୋଗ୍ୟ ସୂତ୍ରରୁ ଖବର ପାଇ ଚନ୍ଦନପୁର ଥାନା ପୋଲିସ ଘଟଣାସ୍ଥଳକୁ ଯାଇଥିଲା । ଏ ସମ୍ପର୍କରେ ଚନ୍ଦନପୁର ଥାନାରେ ୧୧୪/୨୬ ରେ ମାମଲା ରୁଜୁ ହୋଇଛି । ଓଡ଼ିଶା ଅବକାରୀ ଆକ୍ଟ ଓ ବିଏନଏସ ଧାରାରେ ମାମଲା ରୁଜୁ ହୋଇଛି ।

## ଇନ୍ଦ୍ରାବତୀ ମେଗାଲିଫ୍ଟ ଅଂଚଳର ଚାଷୀମାନଙ୍କ ନ୍ୟାୟସଙ୍ଗତ ଦାବି ପୂରଣ ପାଇଁ ଗଣଧାରଣାରେ ଜୟପୁର ବିଧାୟକଙ୍କ ଯୋଗଦାନ

ଜୟପୁର/ଭବାନୀପାଟଣା, ୧୨/୦୫ (ନି.ପ୍ର): ଇନ୍ଦ୍ରାବତୀ ମେଗାଲିଫ୍ଟ ଅଂଚଳ କଳାହାଣ୍ଡିର ପ୍ରାୟ ପନ୍ଦର ହଜାର ଚାଷୀଙ୍କ ରବିଧାନ-୨୦୨୬ ବିକ୍ରି ପାଇଁ ପଞ୍ଜୀକରଣ ବନ୍ଦ କରି ସରକାର ଚାଷୀଙ୍କ ପେଟରେ ଲାତ ମାରିଛନ୍ତି । ଯେଉଁ ଚାଷୀ ଦିନରାତି ଝାଳ ବୁହାଇ ଧାନ ଉତ୍ପାଦନ କରୁଛି, ସେହି ଚାଷୀ ଆଜି ନିଜ ଅଧିକାର ପାଇଁ ରାସ୍ତାକୁ ଓହ୍ଲାଇବାକୁ ବାଧ ହୋଇଛି। ଏହା କେବଳ ପ୍ରଶାସନିକ ବିଫଳତା ନୁହେଁ, ବରଂ ଚାଷୀ ସମାଜ ପ୍ରତି ଘୋର ଅନ୍ୟାୟ ଓ ଅବହେଳାର ଜୀବନ୍ତ ଉଦାହରଣ। କଳାହାଣ୍ଡି ଜିଲ୍ଲା କୋକସରା, ଜୟପାଟଣା ଓ ଧର୍ମଗଡ଼ର ଚାଷୀମାନେ ନ୍ୟାୟସଙ୍ଗତ ଦାବୀକୁ ସମର୍ଥନ କରି ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି କୋକସରା ଠାରେ ଆୟୋଜିତ ଗଣଧାରଣାରେ ସାମିଲ ହୋଇ ଚାଷୀଙ୍କ କଣ୍ଠସ୍ୱରକୁ ଆହୁରି ଶକ୍ତିଶାଳୀ କରିଥିଲେ। ବିଧାୟକ ବାହିନୀପତି ଜଣେ ଉତମ ଚାଷୀ ହେବା ସହ ମାଟି ଓ ଚାଷର ଯନ୍ତ୍ରଣାକୁ ନିଜ ଜୀବନରେ ଅନୁଭବ କରିଛନ୍ତି। ସେଥିପାଇଁ ଚାଷୀଙ୍କ ଦରଦ, ସଂଘର୍ଷ ଓ ଅଭାବକୁ ତାଙ୍କଠାରୁ ଅଧିକ କେହି ବୁଝି ପାରିବେ ନାହିଁ। ସେ ସ୍ପଷ୍ଟ କରି କହିଛନ୍ତି, ଚାଷୀ ବଂଚିଲେ ଦେଶ ବଂଚିବ। ଚାଷୀଙ୍କ ଅଧିକାର ଛଡାଇ ନେବାର ଅର୍ଥ ହେଉଛି ଗରିବ ଓ ଅନ୍ନଦାତାଙ୍କ ଆତ୍ମସମ୍ମାନକୁ ଅପମାନ କରିବା। ଆଜି ସରକାର କେବଳ ଘୋଷଣାରେ ସୀମିତ, କିନ୍ତୁ ଚାଷୀଙ୍କ ଆଖିର ଲୁହ, ଋଣର ଭାର ଓ ପରିଶ୍ରମର ମୂଲ୍ୟକୁ ଦେଖିବାକୁ ଇଚ୍ଛୁକ ନୁହେଁ। ଚାଷୀଙ୍କ ଧାନ କିଣିବାରେ ଅବହେଳା କରି ସରକାର କାହାର ସ୍ୱାର୍ଥ ସାଧନ କରୁଛି ତାହା ଆଜି ସାଧାରଣ ଜନତା ବୁଝି ସାରିଛନ୍ତି। ଶ୍ରୀ ବାହିନୀପତି ସରକାରଙ୍କୁ କଡ଼ା ଚେତାବନୀ ଦେଇ କହିଛନ୍ତି ଯେ, ଯଦି ଅତିଶୀଘ୍ର ଚାଷୀଙ୍କ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ କରାଯାଇ ତାଙ୍କ ନ୍ୟାୟସଙ୍ଗତ ଦାବୀ ପୂରଣ ନକରାଯାଏ, ତେବେ ଏହି ଆନ୍ଦୋଳନ ରାସ୍ତାରୁ ଆରମ୍ଭ କରି ବିଧାନସଭା ପର୍ଯ୍ୟନ୍ତ ଗର୍ଜି ଉଠିବ । କଂଗ୍ରେସ ସଦା ସର୍ବଦା ଚାଷୀଙ୍କ ସହିତ ଥିଲା, ଅଛି ଓ ରହିବ। ଅନ୍ନଦାତାଙ୍କ ଅଧିକାର ପାଇଁ ଏହି ଲଢେଇ ଆହୁରି ଅଧିକ ତୀବ୍ର ହେବ ବୋଲି ସେ ଚେତାବନୀ ଦେଇଛନ୍ତି ।

## ବୌଦ୍ଧ ଜିଲ୍ଲାପାଳ ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ

ବୌଦ୍ଧ, ୧୨/୦୫ (ନି.ପ୍ର): ବୌଦ୍ଧ ଜିଲ୍ଲା ଚାରିଛକ ସ୍ଥିତ ହରଭଙ୍ଗା ପଂଚାୟତ ସମିତି କାର୍ଯ୍ୟାଳୟ ସଭାଗୃହରେ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ ଓ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ରାହୁଲ ଗୋଏଲ୍ ଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଓ ସମାଧାନ ଶିବିର ଅନୁଷ୍ଠିତ ହୋଇଛି । ଏହି ଅଭିଯୋଗ ଶୁଣାଣି ଶିବିରରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଉପ ଜିଲ୍ଲାପାଳ ବିନୟ କୁମାର ଭୋଇ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡଃ ମହେନ୍ଦ୍ର କୁମାର ସାହୁ, ପ୍ରମୁଖ ଉପସ୍ଥିତ ଥିଲେ । ଆଜିର ଶିବିରରେ ୭୩ ଗୋଟି ବ୍ୟକ୍ତିଗତ ଓ ୦୫ ଟି ଗୋଷ୍ଠିଗତ ଏଭଳି ମୋଟ ୭୮ ଗୋଟି ଅଭିଯୋଗର ଶୁଣାଣି ଜିଲ୍ଲାପାଳ କରିଥିଲେ । ୨୯ ଟି ଅଭିଯୋଗର ତୁରନ୍ତ ସମାଧାନ ହୋଇଥିଲା । ଅନ୍ୟାନ୍ୟ ଅଭିଯୋଗ ଉପରେ ଶୀଘ୍ର ପଦକ୍ଷେପ ନେବା ପାଇଁ ସଂପୃକ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ସେହିପରି ଜଣେ ଅସହାୟଙ୍କୁ ରେଡକ୍ରସ୍ ପାଣ୍ଠି ରୁ ୫ ହଜାର ଟଙ୍କାର ତତ୍କାଳ ସହାୟତା ଏବଂ ଜଣେ ଦିବ୍ୟାଙ୍ଗଙ୍କୁ ଏକ ହ୍ୱିଲ ଚେୟାର ଜିଲ୍ଲାପାଳ ପ୍ରଦାନ କରିଥିଲେ । ଜିଲ୍ଲାରେ ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପାନୀୟ ଜଳ ଓ ବିଦ୍ୟୁତ୍ ସମସ୍ୟାର ତୁରନ୍ତ ସମାଧାନ କରିବା ପାଇଁ ଜିଲ୍ଲାପାଳ ସଂପୃକ୍ତ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ହରଭଂଗା ବିଡ଼ିଓ ବିଜୟ ପ୍ରଧାନ, ତହସିଲଦାର ବଳଦେବ ବେହେରା, ଜିଲ୍ଲା ଜରୁରୀ କାଳୀନ ଅଧିକାରୀ ଜ୍ୟୋତିରଞ୍ଜନ ଭୋଇ ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ସଭାରେ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ବିଭିନ୍ନ ବିଭାଗର ଯନ୍ତ୍ରୀ,ଲାଇନ୍ ବିଭାଗ ଅଧିକାରୀ, ବ୍ଲକ ସ୍ତରୀୟ ଅଧିକାରୀ ଏବଂ କର୍ମଚାରୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା ଓ ବିଭିନ୍ନ ଗଣ ମାଧ୍ୟମର ପ୍ରତିନିଧି ପ୍ରମୁଖ ଉପସ୍ଥିତ ଥିଲେ ।

## ବୌଦ୍ଧରେ ସୋମନାଥ ସ୍ୱାଭିମାନ ପର୍ବ: ଅତୁଟ ଆସ୍ଥାର ଗୌରବ ଗାଥା ସମାରୋହ ଅନୁଷ୍ଠିତ

ବୌଦ୍ଧ, ୧୨/୦୫ (ନି.ପ୍ର): ଭାରତବର୍ଷର ଅଜେୟ ସଭ୍ୟତାର ପ୍ରତୀକ ଆଧ୍ୟାତ୍ମିକ ଐତିହ୍ୟ, ସଂସ୍କୃତି ଓ ଅଦମ୍ୟ ଆସ୍ଥାର ପ୍ରତୀକ "ସୋମନାଥ ସ୍ୱାଭିମାନ ପର୍ବ – ଅବିନାଶୀ ଆସ୍ଥାର ୧୦୦୦ ବର୍ଷ" ପୂର୍ତି ଅବସରରେ ବୌଦ୍ଧରେ ଏକ ଜିଲ୍ଲାସ୍ତରୀୟ ଭକ୍ତିମୟ ଭବ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ପ୍ରାଚୀନ ପବିତ୍ର ରାମେଶ୍ୱର ମନ୍ଦିର ପରିସରରେ ଆୟୋଜିତ ଏହି ସମାରୋହରେ ମୁଖ୍ୟ ଅତିଥି ଭାବରେ ମାନ୍ୟବର ବୌଦ୍ଧ ବିଧାୟକ ତଥା ସରକାରୀ ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସରକାରଙ୍କ ସହଯୋଗରେ ଜିଲ୍ଲା ପ୍ରଶାସନ, ବୌଦ୍ଧ ପକ୍ଷରୁ ଆୟୋଜନ କରାଯାଇଥିଲା । ମନ୍ଦିରରେ ପ୍ରିଦୀପ ପ୍ରଜ୍ୱଳନ ଓ ଯଥାବିଧି ପୂଜାପାଠ କରାଯାଇଥିଲା । କାର୍ଯ୍ୟକ୍ରମରେ ଜିଲ୍ଲାପାଳ ବିଭୁତି ଭୂଷଣ ନାୟକ, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଉପ-ଜିଲ୍ଲାପାଳ ବିନୟ କୁମାର ଭୋଇ, ବରିଷ୍ଠ ନାଗରିକ ତଥା ଶିକ୍ଷାବିତ୍ ଶ୍ୟାମସୁନ୍ଦର ମହାପାତ୍ର , ଜିଲ୍ଲା ସଂସ୍କୃତି ଅଧିକାରୀ ଅଙ୍କିତା ସାହୁ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିଦ୍ୟାପତି ପଣ୍ଡା , ବିଭିନ୍ନ ବିଭାଗର ଅଧିକାରୀମାନେ ଏବଂ ଜିଲ୍ଲାର ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଯୋଗ ଦେଇଥିଲେ। ସମାରୋହରେ ଜିଲ୍ଲାର ବିଭିନ୍ନ ଅଂଚଳରୁ ଶହ ଶହ ସଂଖ୍ୟାରେ ଶ୍ରଦ୍ଧାଳୁ ଓ ଭକ୍ତ ମାନଙ୍କ ସମାଗମ ହୋଇଥିଲା । ଏଠାରେ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଗୁଜରାଟ ସୋମନାଥ ମନ୍ଦିରରେ ପୂଜାର୍ଚ୍ଚନା ଓ ମୁଖ୍ୟ ଉତ୍ସବର ସିଧା ପ୍ରସାରଣ ବଡ ପରଦାରେ ପ୍ରଦର୍ଶିତ ହୋଇଥିଲା । ଆଜି ଏଥିପାଇଁ ରାମେଶ୍ୱର ମନ୍ଦିର ପରିସରରେ ପୂଜାର୍ଚ୍ଚନା, ଭଜନ କୀର୍ତନ, ଆଲୋକସଜ୍ଜା, ରଙ୍ଗୋଲି, ପୁଷ୍ପ ସଜ୍ଜା ସହିତ ଏକ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା ।ଏହି ସମାରୋହରେ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ, ବିଭିନ୍ନ ବିଭାଗର ପଦାଧିକାରୀ, ଗଣ ମାଧ୍ୟମର ପ୍ରତିନିଧି, ବିଭିନ୍ନ ଗ୍ରାମର ମହିଳା ମଣ୍ଡଳୀ, ସାଂସ୍କୃତିକ ଦଳ, ଯୁବ ସଂଗଠନ, ସମାଜସେବୀ ସଂସ୍ଥା ଏବଂ ଭକ୍ତମାନେ ଅଂଶଗ୍ରହଣ କରିଥିଲେ । ଏହି ଅବସରରେ ସାମ୍ବାଦିକମାନଙ୍କୁ ଏକ ସାକ୍ଷାତ୍କାର ଦେଇ ମୁଖ୍ୟ ସଚେତକ କହିଲେ ଯେ ଆଜି ଦେଶବ୍ୟାପୀ ପାଳିତ ଏହି ବିଶେଷ ଦିନରେ ସୋମନାଥ ମନ୍ଦିରର ଐତିହାସିକ, ଆଧ୍ୟାତ୍ମିକ ଓ ସାଂସ୍କୃତିକ ଗୌରବକୁ ସ୍ମରଣ କରାଯିବା ସହ ଭାରତୀୟ ସଂସ୍କୃତିର ଅକ୍ଷୟ ଆତ୍ମାକୁ ଉଜାଗର କରାଯାଇଛି । ୭୫ ବର୍ଷ ପୂର୍ବେ ସର୍ଦ୍ଦାର ବଲ୍ଲଭଭାଇ ପଟେଲଙ୍କ ସଙ୍କଳ୍ପ ଦ୍ୱାରା ସୋମନାଥ ମନ୍ଦିର ପୁନଃ ନିର୍ମିତ ହୋଇଥିଲା ।

## ଜିଲ୍ଲା ଓକିଲ ସଂଘ ପକ୍ଷରୁ ସାଂସଦଙ୍କୁ ସମ୍ବର୍ଦ୍ଧନା

ଜୟପୁର, ୧୨/୦୫ (ନି.ପ୍ର): ଜିଲ୍ଲା ଓକିଲ ସଂଘ ପକ୍ଷରୁ କୋରାପୁଟ ଲୋକସଭା ସାଂସଦ ସପ୍ତଗିରି ଶଙ୍କର ଉଲ୍ଲାକାଙ୍କୁ ଆଜି ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ସଂଘ କାର୍ଯ୍ୟାଳୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ଆଇନଜୀବୀ ପରିଷଦ ସଭ୍ୟ ପି.ରମେଶ ପାତ୍ର, ସଭାପତି ବିଜି ରାୟ ଜେନାଦେଓ, ଉପସଭାପତି ଶରତ ମାଝୀ, ସଂପାଦକ ସହଦେବ ପଟ୍ଟନାୟକ, କୋଷାଧ୍ୟକ୍ଷ ଭି.ରାମାନୁଜ ପ୍ରସାଦ ପ୍ରମୁଖ ସାଂସଦଙ୍କ ସହ ଜିଲ୍ଲା କଂଗ୍ରେସ ସଭାପତି ରୁପକ ତୁରୁକୁଙ୍କୁ ମଧ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ । ଗତ ଦିନରେ ଜୟପୁର ପାଇଁ ହୋଇଥିବା ହାଇକୋର୍ଟ ବେଂଚ ପ୍ରତିଷ୍ଠା ଆନ୍ଦୋଳନରେ ମାନ୍ୟବର ସାଂସଦ ଯେଉଁ ଉଦ୍ୟମ ରଖିଥିଲେ ସେ ସଂପର୍କରେ ସଭାପତି ଜେନାଦେଓ କହିବା ସହ ଆଗାମୀ ଦିନରେ ଓକିଲଙ୍କ ସ୍ୱାର୍ଥ ପାଇଁ ଲୋକସଭାରେ ମତ ରଖିବାକୁ ଅନୁରୋଧ କରିଥିବା ବେଳେ ରାଜ୍ୟ ସଭ୍ୟ ପାତ୍ର ଜିଲ୍ଲା ଓକିଲ ସଂଘ ନବ ନିର୍ମିତ କାର୍ଯ୍ୟାଳୟ ପାଇଁ ସାଂସଦ ପାଣ୍ଠି ପ୍ରଦାନ ନିମିତ ଅନୁରୋଧ ରଖିଥିଲେ । ଏହି ଅବସରରେ ସାଂସଦ କହିଥିଲେ ଯେ, ଜୟପୁର ପାଇଁ ସେ ସବୁବେଳେ ଉଦ୍ୟମ ରତ । ଜୟପୁର ଠାରୁ କିଭଳି ଦିନ ବେଳା ଭୁବନେଶ୍ୱର ଟ୍ରେନ୍ ଚାଲିବ ସେ ଦାବି ବାରମ୍ବାର ରଖୁଥିବା ବେଳେ ଭୁବନେଶ୍ୱର-ବିଶାଖପାଟଣା ବନ୍ଦେ ଭାରତ ଟ୍ରେନ୍ କିଭଳି ଆରାକୁ ଦେଇ କୋରାପୁଟ ଯାଏଁ ସଂପ୍ରସାରିତ ହେବ ସେ ସଂପର୍କରେ ସଂସଦରେ ଦାବି ରଖିଛନ୍ତି । ଆଗାମୀ ଦିନରେ ଜୟପୁର ବୀମାନଘାଟି ସଂପ୍ରସାରଣ, ମାଲକାନଗିରି-ନବରଙ୍ଗପୁର ଜିଲ୍ଲାର ରେଳପଥ ଉପରେ ଅଧିକ ଧ୍ୟାନ ଦେଇ ଜୟପୁରର ବିକାଶ ପାଇଁ ଉଦ୍ୟମ କରିବେ ବୋଲି କହିବା ସହ ଓକିଲ ସଂଘ ପାଇଁ ଯାହା ଆବଶ୍ୟକ ସେ ନିଶ୍ଚିତ ପ୍ରସ୍ତାବ ଆସିଲେ ପୂରଣ କରିବେ ବୋଲି ପ୍ରତିଶୃତି ଦେଇଥିଲେ । ପରେ ସାଂସଦ ଜିଲ୍ଲା ଓକିଲ ସଂଘର ନବ ନିର୍ମିତ କାର୍ଯ୍ୟାଳୟ ବୁଲି ଦେଖିବା ସହ ଆନୁଷାଙ୍ଗିକ ବ୍ୟବସ୍ଥା ପାଇଁ ଜିଲ୍ଲାପାଳଙ୍କ ସହ ଆଲୋଚନା କରିବେ ବୋଲି ପ୍ରତିଶୃତି ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଯୁଗ୍ମ ସଂପାଦକ ଭୋଳା ପଟ୍ଟନାୟକ, ସଭ୍ୟ ତାରିଣୀ ପାଣିଗ୍ରାହୀ, ଦାଶରଥି ପଟ୍ଟନାୟକ, ସୁବାଷ ପଣ୍ଡା, ଲାଲ ମୋହନ୍ ଷଡ଼ଙ୍ଗୀ, ରାଜେନ୍ଦ୍ର କୁମାର ଗୌଡ଼, ଅରୁଣ ପଣ୍ଡା, ନଳୀନି ରଥ, ରେଖା ବାଇ, ସୁରେଶ ପଟ୍ଟନାୟକ, ବିଭୁତି ମହାପାତ୍ର, ଶିଶିର ମିଶ୍ର, ଆରତୀ ମହାନ୍ତି, ନାନଜୀ ଆଚାରି ପ୍ରମୁଖ ଉପସ୍ଥିତ ରହିଥିଲେ । ପ୍ରକାଶ ଯୋଗ୍ୟ ଯେ, ଅବିଭକ୍ତ କୋରାପୁଟ ଜିଲ୍ଲାର ମାନ୍ୟବର ସାଂସଦ ଏବଂ ବିଧାୟକ ମାନଙ୍କ ସଂପୃକ୍ତି ରହିଥିବା ବିଭିନ୍ନ ମାମଲାର ବିଚାରଣା ପାଇଁ ଜୟପୁର ଜେଏମ୍ଏଫ୍ସିଙ୍କ କୋର୍ଟକୁ କ୍ଷମତା ପ୍ରଦାନ କରାଯାଇଛି । ଏହି କ୍ରମରେ ବିଷମକଟକର ଏକ ରାସ୍ତାରୋକ ମାମଲାରେ ସାଂସଦଙ୍କ ନାମ ରହିଥିବାରୁ ଉକ୍ତ ମାମଲାର ବିଚାର ଜୟପୁର ଜେଏମ୍ଏଫ୍ସି ହରମୋହନ ଦାଶଙ୍କ କୋର୍ଟରେ ଚାଲୁଥିବାରୁ ସାଂସଦ ଉଲ୍ଲାକା ଆଜି ଏଥିରେ ହାଜିର ହୋଇ ବେଲ୍ରେ ଯିବାର କାର୍ଯ୍ୟକ୍ରମ ରହିଥିଲା ।

## ମାଥିଲି ବ୍ଲକ ଧୁଙ୍ଗିଆପୁଟରେ ମୁଖ୍ୟ ଶିବିର ସହ ଜିଲ୍ଲାର ବିଭିନ୍ନ ପଂଚାୟତରେ ଅଭିଯୋଗ ଶୁଣାଣି ଅନୁଷ୍ଠିତ

ମାଲକାନଗିରି, ୧୨/୦୫ (ନି.ପ୍ର): ଜିଲ୍ଲାପାଳ ପ୍ରଥମେଶ ଅରବିନ୍ଦ ରାଜେଶିର୍କେଙ୍କ ନିର୍ଦ୍ଦେଶକ୍ରମେ ମାଲକାନଗିରି ଜିଲ୍ଲାର ସମସ୍ତ ବ୍ଲକରେ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଶିବିରଟି ମାଥିଲି ବ୍ଲକର ଧୁଙ୍ଗିଆପୁଟ ଗ୍ରାମ ପଂଚାୟତରେ ଅନୁଷ୍ଠିତ ହୋଇଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ସୋମନାଥ ପ୍ରଧାନ ଏଥିରେ ଅଧ୍ୟକ୍ଷତା କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଦାଶରଥୀ ସରାବୁ, ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ଡୋଲାମଣି ପ୍ରଧାନ ଏବଂ ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ରଶ୍ମିରଞ୍ଜନ ସେନାପତି ଉପସ୍ଥିତ ରହି ଜନସାଧାରଣଙ୍କ ସମସ୍ୟା ଶୁଣିଥିଲେ। ମାଥିଲି ବ୍ଲକ ବ୍ୟତୀତ ଜିଲ୍ଲାର ଅନ୍ୟ ବ୍ଲକଗୁଡ଼ିକରେ ମଧ ଏହି ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ କାଲିମେଳା ବ୍ଲକର ବାଡିଗେଟା, ମାଲକାନଗିରି ବ୍ଲକର ଝାରପାଲି, ଚିତ୍ରକୋଣ୍ଡା ବ୍ଲକର ବଡ଼ପଡ଼ା, ଖଇରପୁଟ ବ୍ଲକର ଗୋବିନ୍ଦପାଲି, କୋରୁକୋଣ୍ଡା ବ୍ଲକର ମାରିୱାଡ଼ା ଏବଂ ପୋଡ଼ିଆ ବ୍ଲକର ବାପନପାଲି ପଂଚାୟତରେ ଅଭିଯୋଗ ଶୁଣାଣି କରାଯାଇଥିଲା। ଏହି ଅବସରରେ ମୋଟ ୫୭ଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିବା ବେଳେ ସେଥିମଧ୍ୟରୁ ୨୨ଟି ବ୍ୟକ୍ତିଗତ ଏବଂ ୩୫ଟି ଗ୍ରାମ ଭିତିକ ସାମୂହିକ ସମସ୍ୟା ରହିଥିଲା ।ଶିବିର ପରିସରରେ ବିଭିନ୍ନ ବିଭାଗ ପକ୍ଷରୁ ସ୍ୱତନ୍ତ୍ର ସହାୟତା କ୍ୟାମ୍ପ ଆୟୋଜିତ ହୋଇଥିଲା। ମାଥିଲି ବିଡିଓ ପ୍ରମୋଦ ବେହେରା ଏବଂ ସହକାରୀ ଜିଲ୍ଲାପାଳ ପ୍ରୀତମ ଦେବତା ସମଗ୍ର କାର୍ଯ୍ୟକ୍ରମର ସମନ୍ୱୟ ରକ୍ଷା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଉପସ୍ଥିତ ରହି ଲୋକଙ୍କ ଆପତି ଓ ସମସ୍ୟାର ସମାଧାନ ପାଇଁ ଉଦ୍ୟମ କରିଥିଲେ।

## ସମ୍ବଲପୁର ଏମ୍ସରେ ପ୍ରଯୁକ୍ତିବିଦ୍ୟା ଦିବସ ପାଳିତ

ସମ୍ବଲପୁର, ୧୨/୦୫ (ନି.ପ୍ର): ସମ୍ବଲପୁର ଜିଲ୍ଲା ଧନକୌଡା ବ୍ଲକ ପରଧିଆପାଲି ସ୍ଥିତ ଏମ୍ସ ମହାବିଦ୍ୟାଳୟ ପରିସରରେ ଜାତୀୟ ପ୍ରଯୁକ୍ତିବିଦ୍ୟା ଦିବସ 'ମେରା ଯୁବ ଭାରତ' ସମ୍ବଲପୁର ପକ୍ଷରୁ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ସଭାକୁ ଏମ୍ସ ମହାବିଦ୍ୟାଳୟର ଏମ୍ ଡି ଶ୍ରୀମନ୍ତ ପାତ୍ର ସ୍ୱାଗତ ଅଭିଭାଷଣ ଦେଇ ସଭାକୁ ଆରମ୍ଭ କରିଥିଲେ। ଏହି ସଭାରେ ମୁଖ୍ୟ ଅତିଥି ଭାବରେ ଗଙ୍ଗାଧର ମେହେର ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଫେସର୍ ବେମ୍ୟକେଶ ତ୍ରିପାଠୀ, ସମ୍ମାନିତ ଅତିଥି ଭାବରେ ସାଂସଦଙ୍କର ଉପସ୍ଥାପକ ସୁଧିର ବହିଦାର, ଜିଲ୍ଲା ଯୁବ ଅଧିକାରୀ ପ୍ରସନ୍ନ ମେହେର ଏବଂ ଏମ୍ସ ମହାବିଦ୍ୟାଳୟର ଇଂରାଜୀ ଅଧ୍ୟାପକ ତାପସ ରଞ୍ଜନ ସାହୁ ଅତିଥି ଭାବରେ ଯୋଗ ଦେଇଥିଲେ। ମଂଚାସୀନ ଅତିଥିମାନେ ନିଜ ନିଜର ବକ୍ତବ୍ୟରେ ଆଗାମୀ ଭବିଷ୍ୟତର ଯୁବ ପିଢ଼ିମାନଙ୍କୁ ଉତ୍ସାହିତ କରିଥିଲେ ଏବଂ ମନୁଷ୍ୟ ଜୀବନରେ ପ୍ରଯୁକ୍ତିବିଦ୍ୟାର ମହତ୍ୱ କଣ ସୂଚାଇ ଦେଇଥିଲେ। ଏବଂ ଏହି କାର୍ଯ୍ୟକ୍ରମରେ ପିଏମ୍ ଇଣ୍ଟର୍ଷୀପ୍ ଯୋଜନାର ପୋଷ୍ଟର ଅତିଥି ମାନଙ୍କଦ୍ୱାରା ଉନ୍ମୋଚନ ହୋଇଥିଲା। ଏହି ଯୋଜନାରେ ୧୮ ରୁ ୨୫ ବର୍ଷର ଯୁବକ ଯୁବତୀମାନେ ମୋ ଭାରତ ପୋର୍ଟାଲକୁ ଯାଇ କି ଅନଲାଇନରେ ଆବେଦନ କରି ପାରିବେ।

## ଫାଶରେ ପଡି କଲରାପତରିଆ ବାଘର ମୃତ୍ୟୁ: ଘଟଣାସ୍ଥଳରେ ପହଞ୍ଚିଲେ ଜେଟିଏଫ୍ ଏସପି

ନୀଳଗିରି, ୧୨/୦୫ (ନି.ପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରିରେ ପ୍ରଥମ ଥରପାଇଁ ଏକ କଲରାପତରିଆ ବାଘ ଫାଶରେ ପଡି ମୃତ୍ୟୁବରଣ କରିବା ଅଞ୍ଚଳବାସୀଙ୍କୁ ଆତଙ୍କିତ କରିବା ସହିତ ଆଚମ୍ବିତ କରିଛି। ପ୍ରଥମଥର ପାଇଁ ନୀଳଗିରି ଅଞ୍ଚଳରେ ମୃତବାଘକୁ ଦେଖିବାପାଇଁ ଜନଗହଳି ଲାଗିଛି। ଏହିପରି ଏକ ଘଟଣା ନୀଳଗିରି ରେଞ୍ଜ ମିତ୍ରପୁର ସେକ୍ସନର ପାଟଣା ବିଟ୍ ହାଉସ୍ କାଠାଗୋଛି ପାହାଡ଼ରେ ଦେଖିବାକୁ ମିଳିଛି। କାଠଗୋଛି ପାହାଡ଼ର ଏକ ଛୋଟ ଶିମିଳିଗଛରେ ଏକ ପ୍ରାୟ ୧୦ବର୍ଷର କଲରାପତରିଆ ବାଘ ଝୁଲୁ ଥିବାର ଖବର ଶୁଣିବାପରେ ପାଟଣା ବିଟ୍ ହାଉସ୍ ଗାର୍ଡ ସିଂରାଇ ହେମ୍ବ୍ରମ୍ ଘଟଣାସ୍ଥଳରେ ପହଞ୍ଚିଥିଲେ। ମୃତବାଘ ବାବଦରେ ନୀଳଗିରି ରେଞ୍ଜର ମନଓ୍ୱାର ଖାଁକୁ ଜଣାଇବା ପରେ ସଦଳେ ବଳେ ପହଞ୍ଚି ତୁରନ୍ତ ଘଟଣାବାବଦରେ ବାଲେଶ୍ୱର ଡି.ଏଫ୍.ଓ ଙ୍କୁ ଅବଗତ କରାଇବା ପରେ ଡି.ଏଫ୍.ଓ ମଧ ପହଞ୍ଚି ପ୍ରାଥମିକ ତଦନ୍ତ କରିଛନ୍ତି। ମୃତବାଘଟି କୁଲଡ଼ିହା ଅଭୟାରଣ୍ୟରୁ ପଳାଇ ଆସିଥିବା ବେଳେ ଗଛରେ ଲଗାଯାଇଥିବା ବାଇକ୍ କ୍ଲଚତାର ଫାଶରେ ପଡ଼ିଯାଇଥିଲା। ବାଘର କମର ନିକଟରେ ଫାଶଟି ଜାରି ଯାଇଥିଲା। ଫଳରେ ଅଣନିଶ୍ୱାସୀ ହୋଇ ହୃଦଘାତରେ ବାଘର ମୃତ୍ୟୁ ଘଟିଥାଏପାରେ ବୋଲି ଭୁବନେଶ୍ୱରରୁ ଆସିଥିବା



ଜେ.ଟି.ଏଫ୍.ଏସ.ପି ବଟକୃଷ୍ଣ ମିଶ୍ର ପ୍ରକାଶ କରିବାସହ ଶବ ବ୍ୟବଛେଦ ପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ସୂଚନା ଦେଇଛନ୍ତି। ଘଟଣା ସ୍ଥଳରେ ତଦନ୍ତକାରୀ ଅଧିକାରୀଣି ତଥା ଏ.ସି.ଏଫ୍ ତଟନି ସେଠୀ ପହଞ୍ଚି ତଦନ୍ତ କରିଛନ୍ତି। ମୃତ ବାଘଟି ଦେହରୁ ଦୁର୍ଗନ୍ଧ ବାହାରୁଥିବା ବେଳେ ଗତ ସୋମବାର ରାତିରେ ମରିଥିବାର ଅନୁମାନ କରାଯାଉଛି। ବାଘର ମୃତ୍ୟୁକୁ ନେଇ ବିଭିନ୍ନ ମହଲରେ ଏହା ପ୍ରକୃତରେ ଫାଶରେ ମରିଛି ନା ଏହାକୁ ପ୍ରାୟୋଜିତ ଯୋଜନା ବୋଲି ବେଶ୍ ଚର୍ଚ୍ଚା ହେଉଛି। ଯଦି ବାଘଟି ରାତିରେ ମରିଛି ତେବେ ୭/୮ଘଣ୍ଟା ଭିତରେ ଦୁର୍ଗନ୍ଧ ବାହାରିବା ସମସ୍ତଙ୍କୁ ଚକିତ କରିଛି। ନୀଳଗିରି କୁଲଡ଼ିହା ଅଭୟାରଣ୍ୟରେ ବାଘ ଅଛନ୍ତି ବୋଲି ପ୍ରଥମଥର ପାଇଁ ନୀଳଗିରିବାସୀ ଜାଣିବାକୁ ପାଇଲେ। ପଶୁଚିକିତ୍ସକ ଘଟଣାସ୍ଥଳରେ ପହଞ୍ଚି ଶବବ୍ୟବଛେଦ କରିଛନ୍ତି। ମୃତବାଘକୁ ଉକ୍ତସ୍ଥାନରେ ପୋତି ଦିଆଯାଇଛି। ସବୁ କଳ୍ପନାଜଳ୍ପନାର ଅନ୍ତଘଟିବ ଶବ ବ୍ୟବଛେଦ ରିପୋର୍ଟ ଆସିବାପରେ।

## ପୁରୁଣା କର୍ମଚାରୀଙ୍କ ପୁନଃନିଯୁକ୍ତି ଦାବି ତୀବ୍ର: ଆଜିଠୁ ଓଡିଶା ମେଟାଲିକ୍ସ ସମ୍ମୁଖରେ ଧାରଣା ଚେତାବନୀ

ଝାରସୁଗୁଡା, ୧୨/୦୫ (ନି.ପ୍ର): ଝାରସୁଗୁଡା ସଦର ବ୍ଲକ ମରାକୁଟା ପଂଚାୟତ ଅନ୍ତର୍ଗତ ବୁଢୀପଦାର ଠାରେ ଅବସ୍ଥିତ ଓଡିଶା ମେଟାଲିକ୍ସ କମ୍ପାନୀରେ ପୁରୁଣା କର୍ମଚାରୀଙ୍କ ପୁନଃନିଯୁକ୍ତି ପ୍ରସଙ୍ଗ ପୁଣିଥରେ ତୀବ୍ର ଆକାର ଧାରଣ କରିଛି। ଦାବି ପୂରଣ ନ ହେଲେ ଆସନ୍ତା ୧୩ ତାରିଖରୁ କମ୍ପାନୀ ଫାଟକ ସମ୍ମୁଖରେ ଅନିର୍ଦ୍ଦିଷ୍ଟକାଳୀନ ଶାନ୍ତିପୂର୍ଣ୍ଣ ଧାରଣା ଆରମ୍ଭ କରାଯିବ ବୋଲି ପୂର୍ବତନ କର୍ମଚାରୀ ସଂଘ ପକ୍ଷରୁ ସୋମବାର ଝାରସୁଗୁଡା ପାହାଡି ମନ୍ଦିର ପରିସରରେ ଆୟୋଜିତ ପ୍ରେସମିଟରେ ସୂଚନା ଦିଆଯାଇଛି। ସଂଘ ପକ୍ଷରୁ କୁହାଯାଇଛି ଯେ, ମରାକୁଟା ସ୍ଥିତ ଏମଏସପି କମ୍ପାନୀ ୨୦୧୬ ମସିହାରେ ବନ୍ଦ ହୋଇଥିଲା। ପରେ ୨୦୨୧ରେ ଏହା ଓଡିଶା ମେଟାଲିକ୍ସ ନାମରେ ପୁନଃଚାଲୁ ହୋଇଥିଲେ ମଧ ପୂର୍ବରୁ କାର୍ଯ୍ୟରତ ଅନେକ କର୍ମଚାରୀଙ୍କୁ ଏପର୍ଯ୍ୟନ୍ତ ପୁନଃନିଯୁକ୍ତି ମିଳିନାହିଁ। ଏନେଇ ପୂର୍ବତନ କର୍ମଚାରୀମାନେ ବର୍ଷ ପରେ ବର୍ଷ ଜିଲ୍ଲାପାଳଙ୍କ ଅଭିଯୋଗ ପ୍ରକୋଷ୍ଠ, ଶ୍ରମ ଆୟୁକ୍ତ, ଶ୍ରମମନ୍ତ୍ରୀ, ବିଧାୟକ ଏବଂ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ନିକଟରେ ଗୁହାରି କରିଥିଲେ ମଧ କୌଣସି ସ୍ଥାୟୀ ସମାଧାନ ହୋଇନଥିବା ଅଭିଯୋଗ କରାଯାଇଛି। କର୍ମଚାରୀ ସଂଘର କହିବା ଅନୁଯାୟୀ, ଏହି ପରିସ୍ଥିତି ଶ୍ରମିକ ଓ ସ୍ଥାନୀୟ ଲୋକଙ୍କ ପ୍ରତି ଗଭୀର ଅନ୍ୟାୟ ସୃଷ୍ଟି କରିଛି। ଫଳରେ ସ୍ଥାନୀୟ ଲୋକ ଓ ପ୍ରଭାବିତ ପୂର୍ବତନ କର୍ମଚାରୀମାନେ ଆନ୍ଦୋଳନର ପଥ ବାଛିବାକୁ ବାଧ ହୋଇଛନ୍ତି। ସଂଘ ପକ୍ଷରୁ କୁହାଯାଇଛି ଯେ, ପୂର୍ବତନ କର୍ମଚାରୀଙ୍କ ପାଇଁ ବର୍ତମାନ "କର ବା ମର" ପରିସ୍ଥିତି ସୃଷ୍ଟି ହୋଇଛି। ସଂଘର ମୁଖ୍ୟ ଦାବିଗୁଡିକ ମଧ୍ୟରେ ପୁରୁଣା କର୍ମଚାରୀଙ୍କୁ ପେରୋଲ ଆଧାରରେ ପୁନଃନିଯୁକ୍ତି, ସ୍ଥାନୀୟ ଯୁବକଙ୍କୁ ନିଯୁକ୍ତିରେ ପ୍ରାଥମିକତା, ବର୍ତମାନ କାର୍ଯ୍ୟରତ ପୁରୁଣା ଶ୍ରମିକମାନଙ୍କୁ ଠିକା ସଂସ୍ଥାରୁ ହଟାଇ ପେରୋଲରେ ସାମିଲ କରିବା ସହ ଜିଲ୍ଲା ପ୍ରଶାସନ ତୁରନ୍ତ ହସ୍ତକ୍ଷେପ କରି ସମସ୍ୟାର ସ୍ଥାୟୀ ସମାଧାନ କରିବା ଆଦି ରହିଛି। ଦାବି ପୂରଣ ନ ହେଲେ ଓଡିଶା ମେଟାଲିକ୍ସ ସମ୍ମୁଖରେ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ ଶାନ୍ତିପୂର୍ଣ୍ଣ ଧାରଣା ଜାରି ରହିବ ବୋଲି ସଂଘ ପକ୍ଷରୁ ଚେତାବନୀ ଦିଆଯାଇଛି। ଏହି ପ୍ରେସମିଟରେ ଦେବାନନ୍ଦ ବାରିକ, ଦାଉଦ ନାୟକ, ଆଶିଷ ବଡପଣ୍ଡା, ଲଳିତ ତନ୍ତି, ଜିତେନ୍ଦ୍ର ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

## 'ସ୍ନେହ-ସେତୁ' ମାଧ୍ୟମରେ ୨ ବର୍ଷର ନିଖୋଜ ପରେ ପରିବାରକୁ ଫେରିଲେ ରାଜକିଶୋର

ଝାରସୁଗୁଡ଼ା, ୧୨/୦୫ (ନି.ପ୍ର): ଝାରସୁଗୁଡ଼ା ଜିଲ୍ଲା ପ୍ରଶାସନର ମାନବୀୟ ଅଭିଯାନ 'ସ୍ନେହ-ସେତୁ' ଆଜି ଏକ ବିଚ୍ଛିନ୍ନ ହୋଇଯାଇଥିବା ପରିବାର ପାଇଁ ଆଶାର ଆଲୋକ ସାଜିଛି। ଦୀର୍ଘ ୨ ବର୍ଷରୁ ଅଧିକ ସମୟ ଧରି ନିଖୋଜ ଥିବା ସୁନ୍ଦରଗଡ଼ ଜିଲ୍ଲାର ରାଜକିଶୋର ଷଣ୍ଢ (୩୬) ଆଜି ନିଜ ପତ୍ନୀ ଓ ସନ୍ତାନମାନଙ୍କୁ ଝାରସୁଗୁଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଭେଟିଛନ୍ତି। ସୁନ୍ଦରଗଡ଼ କିଞ୍ଜିରକେଲା ଅଂଚଳର ରାଜକିଶୋର ମାନସିକ ଅସୁସ୍ଥତା ଯୋଗୁଁ ଘରୁ ବାହାରି ଆସି ନିଖୋଜ ହୋଇଯାଇଥିଲେ। ଗତ ୨୨ ଏପ୍ରିଲ ୨୦୨୪ରେ ଝାରସୁଗୁଡ଼ା ବେହେରାମାଲଠାରେ ଅତ୍ୟନ୍ତ ଅସହାୟ ଅବସ୍ଥାରେ ବୁଲୁଥିବା ବେଳେ 'ଏଇତ ଜୀବନ ଫାଉଣ୍ଡେସନ'ର ସଭାପତି ସୁଜାତା ମିଶ୍ର ତାଙ୍କୁ ଉଦ୍ଧାର କରିଥିଲେ। ପ୍ରଶାସନିକ ସହାୟତାରେ ତାଙ୍କୁ 'ମିଶନ ଆଶାଲୋକ'ଠାରେ ରଖାଯାଇ ଚିକିତ୍ସା କରାଯାଉଥିଲା। ଶ୍ରୀମତୀ ମିଶ୍ରଙ୍କ ଦ୍ୱାରା ପ୍ରସାରିତ ଏକ ସୋସିଆଲ ମିଡିଆ ପୋଷ୍ଟକୁ ଦେଖି ରାଜକିଶୋରଙ୍କ ପରିବାର ଲୋକେ ତାଙ୍କୁ ଚିହ୍ନଟ କରିଥିଲେ। ଏହି ଅବସରରେ ଜିଲ୍ଲାପାଳ କୁଣାଲ ମୋତିରାମ ଚହ୍ୱାଣ କହିଛନ୍ତି ଯେ, 'ସ୍ନେହ-ସେତୁ ଅଭିଯାନର ମୂଳ ଲକ୍ଷ୍ୟ ହେଉଛି ପ୍ରତ୍ୟେକ ଅସହାୟ ବ୍ୟକ୍ତିଙ୍କୁ ସମ୍ମାନର ସହ ନିଜ ପରିବାର ନିକଟରେ ପହଂଚାଇବା। ସୋସିଆଲ ମିଡିଆର ସଠିକ୍ ବ୍ୟବହାର ଓ ସ୍ୱେଚ୍ଛାସେବୀ ଅନୁଷ୍ଠାନଗୁଡ଼ିକର ସହଭାଗିତା ଯୋଗୁଁ ଆଜି ରାଜକିଶୋର ନିଜ ପରିବାର ସହ ମିଳିତ ହୋଇପାରିଛନ୍ତି। ଜିଲ୍ଲା ପ୍ରଶାସନ ସବୁବେଳେ ଏଭଳି ସାମାଜିକ କାର୍ଯ୍ୟ ପାଇଁ ପ୍ରତିବଦ୍ଧ।' ଏଇତ ଜୀବନ ଫାଉଣ୍ଡେସନର ସଭାପତି ସୁଜାତା ମିଶ୍ର ନିଜର ପ୍ରତିକ୍ରିୟା ରଖି କହିଛନ୍ତି, 'ଜଣେ ଅସହାୟ ବ୍ୟକ୍ତିଙ୍କୁ ଉଦ୍ଧାର କରିବା ପରେ ତାଙ୍କୁ ତାଙ୍କ ପରିବାର ସହ ଭେଟ କରାଇବା ଯେଉଁ ଆତ୍ମସନ୍ତୋଷ ମିଳେ, ତାହା ଅତୁଳନୀୟ। ସ୍ନେହ-ସେତୁ ଅଭିଯାନ ମାଧ୍ୟମରେ ଜିଲ୍ଲା ପ୍ରଶାସନ ଯେଉଁ ସହଯୋଗ ପ୍ରଦାନ କରୁଛନ୍ତି, ତାହା ଅଭିନନ୍ଦନୀୟ। ଆଜି ରାଜକିଶୋରଙ୍କ ପିଲାମାନଙ୍କ ମୁହଁରେ ହସ ଦେଖି ଆମର ସବୁ ଶ୍ରମ ସାର୍ଥକ ହେଲା ବୋଲି ମୁଁ ଅନୁଭବ କରୁଛି।'

## ଉଚ୍ଚ ଶିକ୍ଷା ପାଇଁ ଛାତ୍ରୀଙ୍କୁ ବୁର୍ଲା ଏକତା ମଂଚ ପକ୍ଷରୁ ଆର୍ଥିକ ସହାୟତା

ସମ୍ବଲପୁର, ୧୨/୦୫ (ନି.ପ୍ର): ଆର୍ଥିକ ଅଭାବରୁ ପାଠ ପଢାରେ ଜଣେ ଛାତ୍ରୀଙ୍କ ପକ୍ଷେ ଦେଖାଦେଇଥିବା ପ୍ରତିବନ୍ଧକ ଦୂର କରିବା ପାଇଁ ବୁର୍ଲା ଏକତା ମଂଚ ତ୍ୱରିତ ସହାୟତାର ହାତ ବଢ଼ାଇଛି। ଏକତା ମଂଚର ଆହ୍ୱାନ କ୍ରମେ ସ୍ଥାନୀୟ ଅଂଚଳର ବିଭିନ୍ନ ବର୍ଗର ଲୋକେ ସମ୍ପୃକ୍ତ ମେଧାବୀ ଛାତ୍ରୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି । ସମୁଦାୟ ୧ ଲକ୍ଷ ୭ହଜାର ୮ଶହ ଟଙ୍କା ଅର୍ଥରାଶି ସମ୍ପୃକ୍ତ ଛାତ୍ରୀଙ୍କୁ ପ୍ରଦାନ କରାଯାଇ ପାରିଛି। ଚାରିଦିନ ଧରି ବୁର୍ଲା ଏକତା ମଂଚର ଆହ୍ୱାନ କ୍ରମେ ଛାତ୍ରୀଙ୍କ ପାଇଁ ଏକ ସହାୟତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ରବିବାର ଦିନ ବୁର୍ଲା ଡିଏଫସି ଗେଷ୍ଟ ହାଉସରେ ସମ୍ପୃକ୍ତ ଛାତ୍ରୀଙ୍କ ଉପସ୍ଥିତିରେ ଏହି ଆର୍ଥିକ ସହାୟତା ହସ୍ତାନ୍ତର ହୋଇଥିଲା। ଏଥିରେ ବହୁ ବିଶିଷ୍ଟ ଓ ବରିଷ୍ଠ ବ୍ୟକ୍ତି, ଡାକ୍ତର, ପୋଲିସ, ଗଣମାଧ୍ୟମ ପ୍ରତିନିଧି, ବିଭିନ୍ନ ବିଭାଗରେ କାର୍ଯ୍ୟରତ ଅଧିକାରୀଙ୍କ ସମେତ ଅନେକ ଶୁଭେଚ୍ଛୁ ଉପସ୍ଥିତ ରହି ଛାତ୍ରୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରିବା ସହିତ ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଏହି ସହାୟତା କାର୍ଯ୍ୟକ୍ରମରେ ବୁର୍ଲା ଏକତା ମଂଚର ଆହ୍ୱାନ କ୍ରମେ ଯୋଡି ହୋଇ ସହାୟତା ପ୍ରଦାନ କରଥିବା ସମସ୍ତ ବ୍ୟକ୍ତିବିଶେଷଙ୍କୁ ଏକତା ମଂଚ ପକ୍ଷରୁ ଧନ୍ୟବାଦ ଜ୍ଞାପନ କରାଯାଇଛି।

# ଦେବୀ ମହିଷାସୂରୀ ମନ୍ଦିର ପ୍ରତିଷ୍ଠା



ବାଲେଶ୍ୱର , ୧୨/୫ (ନି.ପ୍ର): ସଦର ବ୍ଲକ ଗେଙ୍ଗୁଟି ପଞ୍ଚାୟତ ସାନସାଉଁ ଗାଁ ପରିସରରେ କାଚେରୀ ପୋଖରୀ ଆଡିରେ ଜଗତଜନନୀ ମାଆ ମହିଷାସୂରୀ ଦେବୀଙ୍କ ଭବ୍ୟ ମନ୍ଦିର ନବ ନିର୍ମିତ ହୋଇଛି । ଏହି ଅବସରରେ ତିନିଦିନ ବ୍ୟାପି ପୂଜାର୍ଚ୍ଚନା, ହୋମଯଜ୍ଞ ଅନୁଷ୍ଠିତ ହୋଇଥିଲା। କେଉଁ ଆଦିମ କାଳରୁ ମାଆଙ୍କର ପୀଠରେ ପୁରାତନ ମନ୍ଦିର ଭଗ୍ନ ଅବସ୍ଥାରେ ଥିବାର ଦେଖି ସ୍ଥାନୀୟ ଗ୍ରାମବାସୀ ନୂତନ ନିର୍ମାଣ କରିବାକୁ ସିଦ୍ଧାନ୍ତ ନେଇଥିଲେ। ଏବାବଦରେ ଦେହୁରୀ ମାଆଙ୍କ ଆଶ୍ରା ନେବାଫଳରେ ସ୍ୱପ୍ନାଦେଶ ବଳରେ ଅନୁମତି ଲାଭ କରିଥିଲେ । ଚଳିତ ମାସ ୯, ୧୦, ୧୧ ତିନିଦିନ ବ୍ୟାପି ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମରେ ପ୍ରଥମ ଦିବସରେ ଗ୍ରାମ ତଥା ପାଖ ଆଖ ଅଞ୍ଚଳର ଶତାଧିକ ଶ୍ରଦ୍ଧାଳୁଙ୍କ ଦ୍ୱାରା କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଦ୍ୱେଜ୍ଞ ସଞ୍ଜୟ ପଣ୍ଡାଙ୍କ ମୁଖ୍ୟ ପୁରୋଧାରେ ସାତଜଣ ବେଦଜ୍ଞ ନୈଷ୍ଟିକ ବ୍ରାହ୍ମଣ ଙ୍କ ଦ୍ୱାରା ତିନିଦିନ ହୋମଯଂଜ୍ଞ ଅନୁଷ୍ଠିତ ହୋଇଥିଲା। ଏଥି ସହିତ ଦେବୀ ହରଗୌରୀ, ଦେବୀ କାଳୀ ପଞ୍ଚମୁଖୀ ମାଆଙ୍କର ନୂତନ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଥିଲା। ରେମୁଣା ବିଧାୟକ ତଥା ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ପ୍ରାକ୍ତନ ସରପଞ୍ଚ ବିରୁପାକ୍ଷ୍ୟ ମହାପାତ୍ର, କବି ସୁଧାକର ସେଠୀ, ସୂଚନାଧିକାର କର୍ମୀ କମଳ ଲୋଚନ ରାଉତ, ସୃଷ୍ଟିର ମୁଖ୍ୟ ସନତ କୁମାର ନାୟକ ସମେତ ଅଞ୍ଚଳର ବହୁ ପ୍ରମୁଖ ବ୍ୟକ୍ତି ଯୋଗଦାନ କରି ମାଆଙ୍କ କରୁଣା ଭିକ୍ଷା କରିଥିଲେ। ଗ୍ରାମବାସୀ ସମେତ ଗୋପୀନାଥ ବିଶ୍ୱାଳ, ରବୀନ୍ଦ୍ର ମହାନ୍ତି, ନବକୁମାର ନାୟକ, ଶ୍ରୀଧର ବିଶ୍ୱାଳ, ତ୍ରିଲୋଚନ ବେହେରା, ସୁବ୍ରତ ନାୟକ, କାର୍ତ୍ତିକ ଗୋଛାୟତ, ସୁଶାନ୍ତ ନାୟକ, ସନ୍ଦୀପ ଗୋଛାୟତ, ସୁଦର୍ଶନ ପରିଡା, ରଘୁନାଥ ବିଶ୍ୱାଳ, ଗୋବର୍ଦ୍ଧନ ନାୟକ, ମନୋରଞ୍ଜନ ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହି ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ।

# ପଞ୍ଚୁ ପାଲି ପଞ୍ଚାୟତରେ ବିଜେଡି ଦଳ ଛାଡ଼ି ବିଜେପିରେ ମିଶିଲେ ୩୫ ପରିବାର



ଲଙ୍ଗଳେଶ୍ୱର, ୧୨/୫ (ନି.ପ୍ର): ବାଲିଆପାଳ ବ୍ଲକ ଅନ୍ତର୍ଗତ ପଞ୍ଚୁ ପାଲି ପଞ୍ଚାୟତର କାଳଶିମିଳି ଗ୍ରାମ ରେ ଗୌରାଙ୍ଗ ଦାସଙ୍କ ନେତୃତ୍ୱରେ ସୋମବାର ରାତିରେ ୩୫ ପାରିବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନୀତି ଆଦର୍ଶରେ ଅନୁପ୍ରାଣୀତ ହୋଇ ବିଜେଡି ଦଳ ଛାଡ଼ି ବିଜେପିରେ ମିଶିଛନ୍ତି।ଏହି ଅବସରରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ବସ୍ତା ନିର୍ବାଚନ ମଣ୍ଡଳୀୟ ଭାଜପା ନେତା ରବିନ୍ଦ୍ର ନାଥ ଅଣ୍ଡିଆ ଯୋଗ ଦେଇ ଭାଜପା ସରକାରଙ୍କ ଜନମଙ୍ଗଳ କାର୍ଯ୍ୟ ନୀତି ଓ ଆଦର୍ଶ ସମ୍ବନ୍ଧ ବକ୍ତବ୍ୟ ପ୍ରଦାନ କରିବା ସହିତ ୩୫ପରିବାର ସଦସ୍ୟ ସଦସ୍ୟାଙ୍କୁ ଦଳୀୟ ଟୋପି ଓ ଉତ୍ତରୀୟ ଦେଇ ଦଳରେ ସାମିଲ କରି ସ୍ୱାଗତ ଶୁଭେଚ୍ଛା ଜ୍ଞାପନ କରିଥିଲେ। ଅନ୍ୟ କର୍ମୀଙ୍କ ମଧ୍ୟରେ ସୁଧାଂଶୁ ଗିରି, ଶରତ ମଣ୍ଡଳ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥଲେ। ହରିପ୍ରିୟା ବାଗ, ସଞ୍ଜିବ ପ୍ରଧାନ,ସୁଶାନ୍ତ ମଣ୍ଡଳ, ହରିପଦ ଦାସ, ଯଶୁବନ୍ତ ଦାସ, ଗଣେଶ ବାରିକ, ବୁଲା ମଣ୍ଡଳ, ହରିହର ଗିରି, ସନ୍ୟାସୀ ଗିରି, ସମ୍ବାରୀ ମାଝୀ, ଚାନ୍ଦାଲି ମାଝୀଙ୍କ ସହିତ ଅନ୍ୟ ୩୫ ପରିବାର ବିଜେପି ଦଳରେ ମିଶିଥିଲେ। ବରିଷ୍ଠ ଭଜା ନେତା ସୁଧାଂଶୁ ଗିରି ଧନ୍ୟବାଦ ଅର୍ପଣ କରିଥିଲେ।

# ହରେକୃଷ୍ଣ ମହାନ୍ତିଙ୍କ ବିୟୋଗରେ ଶୋକସଭା



ଉଦଳା, ୧୨/୫ (ନି.ପ୍ର): କପ୍ତିପଦା ପଂଚାୟତ ସମିତିର ପୂର୍ବତନ ଉପାଧ୍ୟକ୍ଷ, ନୁଦଡ଼ିହା ଗ୍ରାମପଂଚାୟତର ପୂର୍ବତନ ସରପଂଚ ତଥା ବହୁ ଅନୁଷ୍ଠାନର ପ୍ରତିଷ୍ଠାତା ହରେକୃଷ୍ଣ ମହାନ୍ତି ୮୧ ବର୍ଷ ବୟସରେ ଆମଗହଣରୁ ସବୁଦିନ ପାଇଁ ବିଦାୟ ନେଇଯାଇଛନ୍ତି । ଏହି ଅବସରରେ ଆଜି ମଇ ୧୨ ତାରିଖ ମଙ୍ଗଳବାର ଦିନ ବିଭିନ୍ନ ଅନୁଷ୍ଠାନ ତରଫରୁ ପୃଥକ ପୃଥକ ଭାବରେ ଶୋକସଭାର ପର୍ବ ପାଳିତ ହୋଇ ଯାଇଛି । ମେଘାସନ ମହାବିଦ୍ୟାଳୟ ପରିସରରେ ଆୟୋଜିତ ଶୋକସଭାରେ କାର୍ଯ୍ୟରତ ଅଧ୍ୟକ୍ଷ ପ୍ରମୋଦ କୁମାର ରାଉତ ଅଧ୍ୟକ୍ଷତା କରି ହରେକୃଷ୍ଣ ମହାନ୍ତିଙ୍କ ସହିତ ବିତାଇଥିବା ଅନ୍ତରଙ୍ଗ ମୁହୂର୍ତ୍ତର ଅନୁଭବ ବ୍ୟକ୍ତ କରିଥିଲେ । ପରେ ଅମର ଆତ୍ମାର ସଦ୍‌ଗତି ପାଇ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା । ଏହାପରେ ଆୟୋଜିତ ସ୍ମୃତିଚାରଣ ସଭାରେ ଅଧ୍ୟାପକ ରମେଶ ଚନ୍ଦ୍ର ନାୟକ, ସରୋଜ କୁମାର ମହାନ୍ତି, ଡ଼.ନିରଂଜନ ପାଠୀ, ଅଧ୍ୟାପିକା ସ୍ୱାତିସୁଚରିତା ପଣ୍ଡା ପ୍ରମୁଖ ଅଂଶ ଗ୍ରହଣ କରି ମେଘାସନ ମହାବିଦ୍ୟାଳୟକୁ ପ୍ରତିଷ୍ଠା କରିବାରେ ହରେକୃଷ୍ଣ ମହାନ୍ତି କିପରି ଉଦ୍ୟମ କରିଥିଲେ ଏହାର ବିସ୍ତୃତ ଇତିହାସ ବର୍ଣ୍ଣନା କରିଥିଲେ । ହରେକୃଷ୍ଣ ମହାନ୍ତିଙ୍କ ଦୂରଦୃଷ୍ଟି, ତ୍ୟାଗ ଓ ରାଜନୀତି ଗୋଟି ଚାଳନା ଯୋଗୁଁ ସମଗ୍ର କପ୍ତିପଦା ବ୍ଲକ ଅଂଚଳ ମଧ୍ୟରେ ମେଘାସନ ମହାବିଦ୍ୟାଳୟଟି ପ୍ରଥମ ମହାବିଦ୍ୟାଳୟ ରୂପେ ଆଜି ପରିଗଣିତ ହୋଇପାରିଛି ବୋଲି ବକ୍ତବ୍ୟ ମାଧ୍ୟମରେ କହିଥିଲେ । ସେହିପରି ସ୍ୱେଚ୍ଛାସେବି ସଂଗଠନ 'ଅନ୍ୱେଷଣ'ର ସଭାଗୃହ ପରିସରରେ ଆୟୋଜିତ ଶୋକସଭାରେ ଶ୍ରୀନାଥ ପ୍ରଧାନ, ଗଜେନ୍ଦ୍ର ବେହେରା, ବଂଶୀଧର ବେହେରା, ସୁଦର୍ଶନ ପ୍ରଧାନ, ମନୋରଂଜନ ମଲିକ, ଅଙ୍ଗନୱାଡ଼ି କର୍ମୀ କ୍ଷଣପ୍ରଭା ଜେନା ପ୍ରମୁଖ ଅଂଶଗ୍ରହଣ କରି ହରେକୃଷ୍ଣ ମହାନ୍ତିଙ୍କ ସାଧା ଜୀବନ ଓ ଖୋଲା ହୃଦୟର ପରିଭାଷା ଏତେ ବିଶାଳ ଥିଲାଯେ ଯାହାକୁ ବ୍ୟକ୍ତ କରିବା ପାଇଁ ଆମ ନିକଟରେ ଭାଷା ନାହିଁ ବୋଲି କହିଥିଲେ । ସମଗ୍ର କପ୍ତିପଦା ଉପଖଣ୍ଡ ମଧ୍ୟରେ ଅନେକ ଗୁଡ଼ିଏ ସ୍ୱେଚ୍ଛାସେବୀ ସଂଗଠନକୁ ଗଢ଼ି ତୋଳିବା ଓ ବହୁ ସ୍ୱେଚ୍ଛାସେବିଙ୍କୁ ସୃଷ୍ଟି କରିବାରେ ହରେକୃଷ୍ଣ ମହାନ୍ତିଙ୍କ ଅବଦାନକୁ କେବେ ଭୁଲିହେବ ନାହିଁ ବୋଲି କହିଥିଲେ ।

# ବିଶିଷ୍ଟ ସାହିତ୍ୟିକ ସୁଦର୍ଶନ ସାମଲଙ୍କ ପରଲୋକ



ବାସୁଦେବପୁର, ୧୨/୫ (ନି.ପ୍ର): ଓଡ଼ିଶାର ବିଶିଷ୍ଟ ସାହିତ୍ୟିକ ତଥା ଲୋକପ୍ରିୟ ଗାଳ୍ପିକ ସୁଦର୍ଶନ ସାମଲଙ୍କ ପରଲୋକ ଘଟିଛି । ଭଦ୍ରକ ଜିଲ୍ଲାର ବାସୁଦେବପୁର ପୌର ପାଳିକା ଅନ୍ତର୍ଗତ ଉଚ୍ଚଡିହା ଠାରେ ସେ ଜନ୍ମ ଲାଭ କରନ୍ତି। ମୃତ୍ୟୁ ବେଳକୁ ଶ୍ରୀ ସାମଲଙ୍କୁ ୭୨ ବର୍ଷ ବୟସ ହୋଇଥିଲା। ଦୀର୍ଘ ଦିନ ଧରି ସେ ରୋଗରେ ପୀଡିତ ଥିଲେ ଓ ଉତ୍କଳ ହସ୍ପିଟାଲ ଭୁବନେଶ୍ୱରରେ ଚିକିତ୍ସିତ ହେଉଥିଲେ। ଶ୍ରୀ ସାମଲ ଙ୍କ ମୃତ୍ୟୁ ଶଯ୍ୟା ନିକଟରେ ବାସୁଦେବପୁର ନିର୍ବାଚନ ମଣ୍ଡଳୀର ମାନ୍ୟବର ବିଧାୟକ ଅଶୋକ କୁମାର ଦାସ, ବିଶିଷ୍ଟ ଶିକ୍ଷାବିତ୍ ଦୁଃଶାସନ ରାଉତ, କବି ଓ ସାହିତ୍ୟିକ ଡକ୍ଟର ବସନ୍ତ ଦାସ, କବି ସ୍ନିଗ୍ଧା ମହାନ୍ତି, କବି ସୁଧାଂଶୁ ଶେଖର ମିଶ୍ର, କବି ବିକାଶ କୁମାର ଶତପଥୀ, ସମାଜସେବୀ ବିଜୟ ମହାନ୍ତି, ସ୍ୱର୍ଗତ ସୁଦର୍ଶନ ସାମଲଙ୍କ ପତ୍ନୀ ରୁକ୍ମଣୀ ସାମଲ,ଭାଇ ନିରଞ୍ଜନ ସାମଲ, ଜ୍ୟୋତି ରଞ୍ଜନ ସାମଲ,ରାକେଶ ମହାନ୍ତି, ଶଶିକାନ୍ତ ମହାନ୍ତି ଘାଉଲି, ଅଧିବକ୍ତା ନିରଦ କୁମାର ଦାଶ, କବି ପାର୍ଥ ସାରଥୀ ବାରିକ୍, ସାମ୍ବାଦିକ ନାରାୟଣ ପ୍ରସାଦ ବାରିକ୍, ରଙ୍ଗରାଗ ସାହିତ୍ୟ ସଂସ୍କୃତି ପରିଷଦର ସମ୍ପାଦକ କବି ପ୍ରଦୀପ୍ତ କୁମାର ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ ଏବଂ ଶେଷ ଦର୍ଶନ କରିଥିଲେ। ସ୍ୱର୍ଗତ ସାମଲଙ୍କ ମୃତ୍ୟୁ ଶଯ୍ୟା ନିକଟରେ ପରିବାର ବର୍ଗ, ଭଉଣୀ,ଦୁଇ ପୁତ୍ର, ଆତ୍ମୀୟ ସ୍ୱଜନ, ବନ୍ଧୁ ବାନ୍ଧବ, ଭଣଜା ଭାଣୀଜୀ ଉପସ୍ଥିତ ଥିଲେ। ବଡ ପୁଅ ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତ ସାମଲଙ୍କ ପରଲୋକ ଖବର ପାଇବା ପରେ ପୂର୍ବତନ ସାଂସଦ ମଞ୍ଜୁଲତା ମଣ୍ଡଳ,ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ପୂର୍ବତନ ବିଧାୟକ ବିଷ୍ଣୁବ୍ରତ ରାଉତରାୟ,ବାସୁଦେବପୁର ବ୍ଲକ ଅଧ୍ୟକ୍ଷ ନଗେନ୍ଦ୍ର ପ୍ରସାଦ ବିଶ୍ୱାଳ, ପୌର ଅଧ୍ୟକ୍ଷା ନିବେଦିତା ବେହେରା,ବିଶିଷ୍ଟ କବି ଓ ଅନୁବାଦକ ଅଭିମନ୍ୟୁ ବେହେରା, ଗାଳ୍ପିକ ଡକ୍ଟର ରତିକାନ୍ତ ବେହେରା, ବରିଷ୍ଠ ସାମ୍ବାଦିକ କିଶୋର କୁମାର ମହାପାତ୍ର, ସ୍ୱର୍ଗତ ସୁଦର୍ଶନ ସାମଲଙ୍କ ବଡ ଭାଇ ବୈଜ୍ଞାନିକ ବଟୁ ବାହନ ସାମଲ,କବି ପ୍ରହଲ୍ଲାଦ ବାରିକ୍,ଗାଳ୍ପିକ ରଜନୀକାନ୍ତ ମହାନ୍ତି, ବିଶିଷ୍ଟ ଶିଶୁ ସାହିତ୍ୟିକ ଡକ୍ଟର ମନୀନ୍ଦ୍ର ମହାନ୍ତି,କବି ଅଭୟ ଦାସ, କବି ପ୍ରଶାନ୍ତ ଦାସ, ଦୈନିକ ଖବର କାଗଜ ଧ୍ୱନି ପ୍ରତିଧ୍ୱନିର ସମ୍ପାଦିକା ସୈରିନ୍ଧ୍ରି ସାହୁ, କବି ବସନ୍ତ ମୁଦୁଲି ସ୍ମୃତି ସଂସଦର ପ୍ରତିଷ୍ଠାତା ଅରୁଣ ଖିଲାର, ସାମ୍ବାଦିକ ଅମିତାଭ ଖିଲାର, କବି ରତ୍ନାକର ପଣ୍ଡା, କବି ରତ୍ନାକର ବାରିକ୍ , କବି ଓ ଗୀତିକାର ପୀତାମ୍ବର ମିଶ୍ର, ସାହିତ୍ୟିକ ଡକ୍ଟର ଅଟଳ ବିହାରୀ ନାୟକ, ଐତିହାସିକ ଓ ଗବେଷକ ଅଜୟ କୁମାର ପଣ୍ଡା,କବି ଅଧ୍ୟାପକ ନୀହାର ରଞ୍ଜନ କର, ନାଟ୍ୟଶ୍ରୀ ନିର୍ମଳ ରାଉତ ,ବାସୁଦେବପୁର ଅଞ୍ଚଳର ସମସ୍ତ ସାମ୍ବାଦିକ, ସାହିତ୍ୟିକ ପ୍ରମୁଖ ଶୋକ ପ୍ରକାଶ କରିଛନ୍ତି। ସ୍ୱର୍ଗତ ସୁଦର୍ଶନ ସାମଲଙ୍କ ଗଳ୍ପ ପୁସ୍ତକ ମରୁ ମୌସୁମୀ, ଉପର ମହଲା ଘର, ତମ ପରି ଜଣେ, କଥା ରହିଲା, ଶେଷ ଅଶ୍ରୁ, ଫୁଲ ଫୁଟିବାର ବେଳ ପ୍ରଭୃତି ସାରସ୍ୱତ ଜଗତରେ ତଥା ପାଠକ ଦରବାରରେ ଖୁବ୍ ପ୍ରଶଂସା ଲାଭ କରିଛି। ସ୍ୱର୍ଗତ ସାମଲଙ୍କ ବିୟୋଗରେ ବାସୁଦେବପୁର ବ୍ଲକ ସମେତ ଭଦ୍ରକ ଜିଲ୍ଲାରେ ଓ ସମଗ୍ର ଓଡିଶାରେ ଶୋକର ଛାୟା ଖେଳି ଯାଇଛି।

# ସ୍ୱାସ୍ଥ୍ୟ ବିଭାଗର ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ଅନୁଷ୍ଠିତ

ଭୁବନେଶ୍ୱର, ୧୨/୫ (ନି.ପ୍ର): ରାଜ୍ୟର ସ୍ୱାସ୍ଥ୍ୟ ସେବାକୁ ଆହୁରି ସୁଦୃଢ କରିବା ଓ ସମସ୍ତ ସ୍ତରରେ ଗୁଣାତ୍ମକ ଚିକିତ୍ସା ସୁନିଶ୍ଚିତ କରିବା ଲକ୍ଷ୍ୟରେ ସ୍ୱାସ୍ଥ୍ୟ ବିଭାଗ କମିଶନର ତଥା ଶାସନ ସଚିବ ଅଶ୍ୱତୀ ଏସ. ମଙ୍ଗଳବାର ସ୍ୱାସ୍ଥ୍ୟ ବିଭାଗ ସମ୍ମିଳନୀ କକ୍ଷରେ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ କରିଥିଲେ। ବୈଠକରେ ଜାତୀୟ ସ୍ୱାସ୍ଥ୍ୟ ମିଶନ ମ୍ୟାନେଜିଂ ଡାଇରେକ୍ଟର ଡ଼ ବୃନ୍ଦା ଡି., ସ୍ୱତନ୍ତ୍ର ସଚିବ ଡ଼. ବିଜୟ ମହାପାତ୍ର , ସମସ୍ତ ବିଭାଗୀୟ ସ୍ୱାସ୍ଥ୍ୟ ନିର୍ଦ୍ଦେଶକ , ଅତିରିକ୍ତ ଶାସନ ସଚିବ ଓ ବରିଷ୍ଠ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ । ଆଭାସୀ ମଧ୍ୟମରେ ସମସ୍ତ ମେଡିକାଲ କଲେଜ ଡିନ,ସୁପେରିଟେଣ୍ଡେଂଟ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଓ ଜିଲ୍ଲାସ୍ତରୀୟ ସ୍ୱାସ୍ଥ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

# ଶାନ୍ତିସ୍ତୁପ ଖବର କାଗଜର ୫ମ ସ୍ୱନକ୍ଷତ୍ର ଅନୁଷ୍ଠିତ




ଭୁବନେଶ୍ୱର, ୧୨/୫ (ନି.ପ୍ର): ମାସିକ ଓଡ଼ିଆ ଖବରକାଗଜ 'ଶାନ୍ତିସ୍ତୂପ'ର ପଞ୍ଚମ ସ୍ୱନକ୍ଷତ୍ର ଉତ୍ସବ ସ୍ଥାନୀୟ ଗୀତଗୋବିନ୍ଦ ସଦନଠାରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ଶାନ୍ତିସ୍ତୂପର ସମ୍ପାଦକ ରଞ୍ଜନ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ ଯୋଗଦେଇ ଏହାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ସେ ନିଜ ଅଭିଭାଷଣରେ କହିଥିଲେ ଯେ, ଶାନ୍ତିସ୍ତୂପ ରାଜ୍ୟବାସୀଙ୍କ ସାମାଜିକ ଓ ରାଜନୈତିକ ଜୀବନରେ ଏକ ସ୍ୱତନ୍ତ୍ର ପ୍ରଭାବ ବିସ୍ତାର କରିପାରିଛି। ଏହି ଅବସରରେ ପୂର୍ବତନ ମନ୍ତ୍ରୀ ତଥା ବରିଷ୍ଠ ବିଜେପି ନେତା ଡ. ଅରବିନ୍ଦ ଢାଲି ମୁଖ୍ୟବକ୍ତା ଭାବେ ଯୋଗଦେଇ ସମ୍ବାଦପତ୍ରର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ଉତ୍କଳ ସାମ୍ବାଦିକ ସଂଘର ସଭାପତି ବିଭୂତି ଭୂଷଣ କର, ପୂର୍ବତନ ବିଧାୟକ ଡ. ଦିଲ୍ଲୀପ ଶ୍ରୀଚନ୍ଦନ, ବରିଷ୍ଠ ସାମ୍ବାଦିକ ଚୌଧୁରୀ ଅମିତାଭ ଦାସ, ପ୍ରକାଶକ ତଥା ଉଦ୍ୟୋଗପତି ଅମିତ ମଲ୍ଲିକ, ସଂସ୍କୃତି ଗବେଷକ ଭାଗ୍ୟଲିପି ମଲ୍ଲ, ବିଶିଷ୍ଟ ସଂଳାପକାର ତଥା ଶିକ୍ଷାବିତ୍ ଡ. ରଜନୀ ରଞ୍ଜନ ଦାଶ ଏବଂ ସମାଜସେବୀ ସୁଚିସ୍ମିତା ପୃଷ୍ଟି ପ୍ରମୁଖ ଯୋଗ ଦେଇଥିଲେ। ଆଜିର ଡିଜିଟାଲ ଯୁଗରେ ସୋସିଆଲ ମିଡିଆର ପ୍ରଭାବ ସତ୍ତ୍ୱେ ଖବରକାଗଜର ବିଶ୍ୱସନୀୟତା ଓ ଭୂମିକା ଅପରିହାର୍ଯ୍ୟ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ସମ୍ପାଦକ ଶ୍ରୀ ମହାପାତ୍ର କହିଥିଲେ ଯେ, ସମାଜର ଅବହେଳିତ ଓ ନିଷ୍ପେଷିତ ଜନସାଧାରଣଙ୍କ ସମସ୍ୟାକୁ ଲୋକଲୋଚନକୁ ଆଣିବା ସହ ସରକାରଙ୍କ ନିକଟରେ ପହଞ୍ଚାଇବା ପାଇଁ 'ଶାନ୍ତିସ୍ତୂପ' ସର୍ବଦା ଚେଷ୍ଟା ଜାରି ରଖିବ। ଏହି କାର୍ଯ୍ୟକ୍ରମରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ୧୨ ଜଣ ପ୍ରତିଭାଧାରୀ ମହିଳାଙ୍କୁ 'ଶାନ୍ତିସ୍ତୂପ ସମ୍ମାନ'ରେ ସମ୍ମାନିତ କରାଯାଇଥିଲା। ଏଥିସହ ପତ୍ରିକାର 'ମେ' ମାସ ସ୍ୱତନ୍ତ୍ର ସଂଖ୍ୟାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଉତ୍ସବର ଦ୍ୱିତୀୟ ଅଧିବେଶନରେ 'ଚଉଷଠି ଯୋଗିନୀ: ପ୍ରାଚୀନ ଓଡ଼ିଶାରେ ନାରୀ ଶକ୍ତିର ଆରାଧନା' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ବିଶିଷ୍ଟ ଲେଖିକା ଶୁଚକ୍ରାନ୍ତି ତ୍ରିପାଠୀ, ଓଡ଼ିଶୀ ନୃତ୍ୟାଙ୍ଗନା ପ୍ରତିଭା ପଣ୍ଡା, ମାର୍କଫେଡ୍ ଅଧ୍ୟକ୍ଷା କବିତା ମଞ୍ଜରୀ ପରିଡ଼ା, ବରିଷ୍ଠ ସାମ୍ବାଦିକା ଅରୁନ୍ଧତୀ ମଲ୍ଲିକ ଏବଂ ଉମାଦେଇ ବ୍ରହ୍ମପୁର ସରପଞ୍ଚ ରମାଲତା ନାୟକ ପ୍ରମୁଖ ଯୋଗଦେଇ ନାରୀଶକ୍ତିର ବିବିଧ ଦିଗ ଉପରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମର ପ୍ରାରମ୍ଭରେ ସହ-ସମ୍ପାଦକ ତାପସ ରଞ୍ଜନ ମଲ୍ଲିକ ସ୍ୱାଗତ ଭାଷଣ ଦେଇଥିବା ବେଳେ ଶୁଭୋଜିତ ପଣ୍ଡା ମଞ୍ଚ ପରିଚାଳନା କରିଥିଲେ। ଗୋପାଳ ବେହେରା, ମୃତ୍ୟୁଞ୍ଜୟ ମହାନ୍ତି ଏବଂ ତପନ କୁମାର ସ୍ୱାଇଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ଟ୍ରମ୍ପ ପାକିସ୍ତାନ ଗସ୍ତ...

ଏହାର ପ୍ରାଥମିକ ଉଦ୍ଦେଶ୍ୟ ହେବ ଚୀନ୍ ସହିତ ସମ୍ପର୍କକୁ ପୁନଃସନ୍ତୁଳିତ କରିବା ଏବଂ ଆମେରିକୀୟ ଆର୍ଥିକ ସ୍ୱାଧୀନତାକୁ ପୁନଃସ୍ଥାପିତ କରିବା ପାଇଁ ପାରସ୍ପରିକ ଦାନ-ନେବା ଏବଂ ନ୍ୟାୟକୁ ପ୍ରାଥମିକତା ଦେବା। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବୁଧବାର ସନ୍ଧ୍ୟାରେ ଚୀନ୍‌ରେ ପହଞ୍ଚିବେ। ସେ ବେଜିଂରେ ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ସହ ସାକ୍ଷାତ କରିବାର କାର୍ଯ୍ୟକ୍ରମ ରହିଛି। ହ୍ୱାଇଟ୍ ହାଉସର ପ୍ରମୁଖ ଉପ-ପ୍ରେସ୍ ସଚିବ ଆନ୍ନା କେଲି ମେ' ୧୩ ରୁ ୧୫ ପର୍ଯ୍ୟନ୍ତ ଡୋନାଲ୍ଡ ଟ୍ରମ୍ପଙ୍କ ଚୀନ୍ ଗସ୍ତ ଏବଂ ସି ଜିନପିଙ୍ଗଙ୍କ ସହ ତାଙ୍କର ସାକ୍ଷାତ ସମ୍ପର୍କରେ ସୂଚନା ପ୍ରଦାନ କରିଛନ୍ତି। ତାଙ୍କର ଚୀନ୍ ଗସ୍ତ ଶୁକ୍ରବାର ଶେଷ ହେବ। ଟ୍ରମ୍ପ ମାର୍ଚ୍ଚ ମାସରେ ଚୀନ ଗସ୍ତ କରିବାର କାର୍ଯ୍ୟକ୍ରମ ଥିଲା, କିନ୍ତୁ ପଶ୍ଚିମ ଏସିଆରେ ସଂଘର୍ଷ ଯୋଗୁଁ ତାଙ୍କର ଯାତ୍ରା ସ୍ଥଗିତ ରଖାଯାଇଥିଲା। ତାଙ୍କ ଗସ୍ତ ଏବେ ଗୁରୁତ୍ୱପୂର୍ଣ୍ଣ କାରଣ ନଅ ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ କୌଣସି କାର୍ଯ୍ୟରତ ଆମେରିକା ରାଷ୍ଟ୍ରପତି ଭାବେ ଚୀନ୍ ଗସ୍ତ କରୁଛନ୍ତି। ଇରାନର ଏବଂ ୟୁକ୍ରେନରେ ଯୁଦ୍ଧ ସମୟରେ ଏହି ଗସ୍ତ ଉପରେ ବିଶ୍ୱର ନଜର ରହିଛି।

### ନିଟ୍-ୟୁଜି ୨୦୨୬ ପରୀକ୍ଷା...

ହସ୍ତାନ୍ତର କରିବାକୁ ନିଷ୍ପତି ନେଇଛନ୍ତି ଏବଂ ଏନଟିଏ ସମସ୍ତ ଆବଶ୍ୟକୀୟ ଡକ୍ୟୁମେଂଟ, ରେକର୍ଡ ଏବଂ ଅନୁସନ୍ଧାନକାରୀ ସଂସ୍ଥାକୁ ସହଯୋଗ ପ୍ରଦାନ କରିବ ବୋଲି ବିବୃତିରେ କୁହାଯାଇଛି। ଏନଟିଏ ଏହା ମଧ୍ୟ ସ୍ପଷ୍ଟ କରିଛି ଯେ, ମଇ ୨୦୨୬ ଚକ୍ରରେ ପଞ୍ଜୀକୃତ ହୋଇଥିବା ପ୍ରାର୍ଥୀଙ୍କ ତଥ୍ୟ, ପ୍ରାର୍ଥୀ ସ୍ଥିତି ଏବଂ ଚୟନ କରାଯାଇଥିବା ପରୀକ୍ଷା କେନ୍ଦ୍ର ଆଗାମୀ ପୁନଃ ପରୀକ୍ଷା ପାଇଁ ବୈଧ ହେବ। କୌଣସି ପୁନଃ ପଞ୍ଜିକରଣର ଆବଶ୍ୟକତା ପଡ଼ିବ ନାହିଁ ଏବଂ କୌଣସି ଅତିରିକ୍ତ ପରୀକ୍ଷା ଶୁଳ୍କ ଆଦାୟ କରାଯିବ ନାହିଁ। ଏଜେନ୍ସି କହିଛି ଯେ, ଛାତ୍ରମାନଙ୍କ ଦ୍ୱାରା ପୂର୍ବରୁ ଜମା କରାଯାଇଥିବା ପରୀକ୍ଷା ଶୁଳ୍କ ଫେରସ୍ତ କରାଯିବ ଏବଂ ଏହାର ଆଭ୍ୟନ୍ତରୀଣ ସମ୍ବଳ ମାଧ୍ୟମରେ ଏନଟିଏ ଦ୍ୱାରା ପୁନଃ ପରୀକ୍ଷା ପରିଚାଳିତ ହେବ। ଏନ୍. ଟି. ଏ. ସ୍ୱୀକାର କରିଛି ଯେ, ପୁନଃପରୀକ୍ଷା ଛାତ୍ରଛାତ୍ରୀ ଏବଂ ସେମାନଙ୍କ ପରିବାର ପାଇଁ ଅସୁବିଧା ସୃଷ୍ଟି କରିବ, କିନ୍ତୁ ପରୀକ୍ଷା ବ୍ୟବସ୍ଥା ଉପରେ ବିଶ୍ୱାସ ବଜାୟ ରଖିବା ପାଇଁ ଏହି ପଦକ୍ଷେପ ଆବଶ୍ୟକ ଥିଲା। ମେଡିକାଲ୍ ପ୍ରବେଶ ପାଇଁ ଆୟୋଜିତ ନିଟ ପରୀକ୍ଷା ୨୦୨୬ ପ୍ରଶ୍ନପତ୍ର ଲିକ୍ ମାମଲାରେ ମହାରାଷ୍ଟ୍ରର ନାଶିକ କନେକ୍ସନ ସାମନାକୁ ଆସିଛି। ଏହି ମାମଲାରେ ନାଶିକର ଏକ ପ୍ରିଂଟିଂ ପ୍ରେସ ମାଲିକଙ୍କ ସଂଲିପ୍ତତା ସ୍ପଷ୍ଟ ହେବା ପରେ ତାଙ୍କୁ ପୋଲିସ ଗିରଫ କରିଛି। ଏକ ମିଳିତ ସାମ୍ବାଦିକ ସମ୍ମିଳନୀରେ ନାଶିକ ପୋଲିସ କମିଶନରେଟ୍ କ୍ରାଇମ୍ ବ୍ରାଂଚର ପୋଲିସ ଉପାୟୁକ୍ତ କିରଣ ଚଭନ, ସହାୟକ ପୋଲିସ ଆୟୁକ୍ତ ସନ୍ଦୀପ ମିଟକେ ଏବଂ ପୋଲିସ ଉପାୟୁକ୍ତ କିଶୋର କାଲେ ସଂଯୁକ୍ତ ସାମ୍ବାଦିକ ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି । ସେମାନେ କହିଛନ୍ତି ଯେ, ୩ ମଇରେ ଦେଶବ୍ୟାପୀ ଭାବେ ନିଟ ପରୀକ୍ଷା ଆୟୋଜିତ ହୋଇଥିଲା, କିନ୍ତୁ ତା'ପୂର୍ବରୁ ପ୍ରଶ୍ନପତ୍ର ଲିକ୍ ହେବା ସୂଚନା ମିଳିବା ପରେ ପରୀକ୍ଷା ବାତିଲ କରାଯାଇଥିଲା।

### ଅପରାଧ ଉପରମୁହାଁ...

ହାଣିଥିବା ୨ ମୁଖ୍ୟ ଅଭିଯୁକ୍ତ- ବୁର୍ଲାର ସୁନୀଲ ଓରଫ୍ ଟାବୁ ଓ ଚାନ୍ଦ। ଆଜି ଭୋରରୁ ବେଲପାହାଡ଼ ଥାନା କର୍ଲାଖମନ ଜଙ୍ଗଲରେ ପୁଲିସ ଚଢ଼ାଉ କରିବା ବେଳେ, ସେମାନେ ୪ ରାଉଣ୍ଡ୍ ଗୁଳି ଚଳାଇଥିଲେ । ପୁଲିସ ଏହାର ପାଲଟା ଜବାବ ଦେଇଥିଲା । ଏନକାଉଣ୍ଟରରେ ଦୁଇ ଅଭିଯୁକ୍ତଙ୍କ ଜଙ୍ଘରେ ଗୁଳି ବାଜିଛି । ଦୁଇଜଣଙ୍କ ନାଁରେ ପୂର୍ବରୁ ଏକାଧିକ ଆପରାଧିକ ମାମଲା ରହିଛି । ଗତ କିଛି ଦିନ ହେଲା ଲଗାତାର ପଦାରେ ପଡୁଛି ଆଇନ ଶୃଙ୍ଖଳାର ବିପନ୍ନ ସ୍ଥିତି। ପୁଲିସ ଡିଜିଙ୍କୁ ମୁଖ୍ୟମନ୍ତ୍ରୀଙ୍କ ତାଗିଦ ପରେ, ତତ୍ପର ହୋଇ ଉଠିଛି ପୁଲିସ ବିଭାଗ । ନୟାଗଡ଼ ଓଡ଼ଗାଁର ଜଘନ୍ୟ ହତ୍ୟାକାଣ୍ଡ ମାମଲାରେ ବି ଦେଖିବାକୁ ମିଳିଛି ଏହାର ଝଲକ । ପଥର ଚାଲାଣକୁ ବିରୋଧ କରିବାରୁ ଯୁବକଙ୍କ ହାତ ଗୋଡ଼ ହାଣି ହତ୍ୟା ଘଟଣାରେ ୨ ଜଣଙ୍କୁ ପୂର୍ବରୁ ଗିରଫ କରାଯାଇଥିବା ବେଳେ, ଗତକାଲି କେନ୍ଦ୍ରାଞ୍ଚଳ ଆଇଜି ସତ୍ୟଜିତ ନାୟକ ପହଞ୍ଚି ଘଟଣାର ଅନୁଧ୍ୟାନ କରିଥିଲେ। ସନ୍ଧ୍ୟା ବେଳକୁ ଆଉ ୨ ଜଣ ଧରିବାରେ ସଫଳ ହୋଇଥିଲା ପୁଲିସ । ସେପଟେ ଗଣିଆରେ ଯୁବକଙ୍କ ହତ୍ୟା କରି ଜାଳିଦେବା ଅଭିଯୋଗ ମାମଲାରେ ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ ଆଗକୁ ବଢ଼ାଇଛି। କେନ୍ଦ୍ରାପଡ଼ା ଜିଲ୍ଲା ଜମ୍ବୁ ସାମୁଦ୍ରିକ ଥାନା ଖରୀନାସି ଗାଁରେ ଜ୍ୱାଇଁଙ୍କୁ ଶ୍ୱଶୁର ଘର ଲୋକ ମାଡ଼ ମାରିବା ଘଟଣାରେ ମୁଖ୍ୟ ଅଭିଯୁକ୍ତ ଗିରଫ ହୋଇଛି।

### ମୁଖ୍ୟମନ୍ତ୍ରୀ ହେବା ପରେ...

ସେମାନେ ବିଜୟଙ୍କ ନିଷ୍ପତ୍ତିକୁ ପ୍ରଶଂସା କରିବାରେ ଲାଗିଛନ୍ତି। ମକ୍କଲ ନିଧି ମୈୟମର ମୁଖ୍ୟ ତଥା ଅଭିନେତା କମଲ ହାସନ ସିଧାସଳଖ ବିଜୟଙ୍କ ମଦ ଦୋକାନ ବନ୍ଦ ନିଷ୍ପତ୍ତିକୁ ସ୍ୱାଗତ କରିଛନ୍ତି। ଏଥିସହ ଆହୁରି ଅଧିକ ଦୋକାନ ବନ୍ଦ କରିବାକୁ ସେ ପରାମର୍ଶ ଦେଇଛନ୍ତି। କଂଗ୍ରେସ ମଧ୍ୟ ଏହାକୁ ପ୍ରଶଂସା କରି ଦୀର୍ଘ ସମୟରୁ ଲୋକମାନେ ଏପରି ଦାବି କରୁଥିବା କହିଛି। ୫୧ ବର୍ଷୀୟ ବିଜୟ ରବିବାର ତାମିଲନାଡୁର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଛନ୍ତି। ତାଙ୍କ ଦଳ ଟିଭିକେ ୧୦୮ଟି ଆସନ ଜିତିଥିବା ବେଳେ କଂଗ୍ରେସ, ବାମଦଳ, ଭିସିକେ ଓ ମୁସଲିମ ଲିଗ ସହ ମିଶି ସରକାର ଗଠନ କରିଛି। ବିଜୟ ତାମିଲନାଡୁ ଇତିହାସର ପ୍ରଥମ ମେଣ୍ଟ ସରକାରର ନେତୃତ୍ୱ ନେଉଛନ୍ତି। ମଦ ଦୋକାନ ବନ୍ଦ ବ୍ୟତୀତ ବିଜୟ ଘରୋଇ ଉପଭୋକ୍ତାଙ୍କୁ ୨୦୦ ୟୁନିଟ ଯାଏ ମାଗଣା ବିଜୁଳି ଯୋଗାଇବା ନିଷ୍ପତ୍ତି ଉପରେ ମଧ୍ୟ ମୋହର ମାରିଛନ୍ତି। ମହିଳାଙ୍କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ଫୋର୍ସ ଓ ପ୍ରତି ଜିଲ୍ଲାରେ ଡ୍ରଗ ନିରୋଧୀ ସ୍କ୍ୱାଡ ଗଠନ ପାଇଁ ମଧ୍ୟ ପ୍ରକ୍ରିୟା ଆରମ୍ଭ କରିଛନ୍ତି।

### ମାଓ ଡମ୍ପ ଠାବ...

ଇନ୍‌ସାସ୍, ୩୦୩ ବନ୍ଧୁକ ସହ ବିସ୍ଫୋରକ, ଏଲ୍‌ଏମ୍‌ଜି, ବିଜିଏଲ, ରକେଟ୍ ଲଞ୍ଚର ଭଳି ଅସ୍ତ୍ରଶସ୍ତ୍ର ଉଦ୍ଧାର କରାଯାଇଛି। ଏଥିସହ ନଗଦ ୧ କୋଟି ୧ ଲକ୍ଷ ୬୪ ହଜାର ଟଙ୍କା ମଧ୍ୟ ଜବତ କରାଯାଇଛି। ପ୍ରକୃତରେ ଆତ୍ମସମର୍ପଣ କରିଥିବା ନକ୍ସଲମାନେ ଏହି ସୂଚନା ପ୍ରଦାନ କରିଥିବା ପୁଲିସ କହିଛି। ନକ୍ସଲ ଏହି ଅସ୍ତ୍ରଶସ୍ତ୍ରକୁ ସୁରକ୍ଷାକର୍ମୀଙ୍କ ବିରୋଧରେ ଏକ ବଡ଼ଧରଣର ଆକ୍ରମଣ କରିବାକୁ ଲୁଚାଇ ରଖିଥିଲେ। ସେହିପରି ନଗଦ ଟଂକାକୁ ସେମାନଙ୍କର ବିଭିନ୍ନ କାମ ପାଇଁ ସାଇତି ରଖିଥିବା କୁହାଯାଉଛି। ନାରାୟଣପୁର ଜିଲ୍ଲାରେ ନକ୍ସଲ କମିଥିଲେ ମଧ୍ୟ ଆବୁଝମାଡ ଜଂଗଲରେ ଏବେ ବି ଏଭଳି ବହୁ ଡମ୍ପ ରହିଥିବା ପୁଲିସ ସୂଚନା ପାଇଛି। ଏଥିସହ ଜଂଗଲରେ ନକ୍ସଲ ପାଦ ପାଦକେ ମାଇନ୍‌ସ ଓ ଆଇଇଡି ଖଞ୍ଜିଛନ୍ତି। ଯାହାକୁ ପୁଲିସ ବିଭିନ୍ନ ସମୟରେ ଠାବ କରି ନିଷ୍କ୍ରିୟ କରୁଛି।

### କବି ପ୍ରଭାତ ନଳିନୀଙ୍କ...

କଳ୍ପନା ଜେନା, ପ୍ରଭାତୀ ଜେନା, ହରିପ୍ରିୟା ସେଠୀ, ଦିପ୍ତୀମୟୀ ସାହୁ, ଶାନ୍ତିଲତା ବାରିକ, ସଂଯୁକ୍ତା ଯାଦବ, ଅନିଲ ନାୟକ, ଶିବ ନାରାୟଣ ପଣ୍ଡା, ନିହାର ରଂଜନ କର, ନାରାୟଣ ଚନ୍ଦ୍ର ପାଢ଼ୀ, ମୁକ୍ତିକାନ୍ତ ମଲ୍ଲିକ, ନିତ୍ୟାନନ୍ଦ ମିଶ୍ର, ମନୋରମା ଆଚାର୍ଯ୍ୟ, ଲକ୍ଷ୍ମୀକାନ୍ତ ବାରିକ, ବାବୁଲାଲ ଦାସ, ସୁଧାକର ରାଉତ, ଅଂଶୁମାନ ସ୍ୱାଇଁ, ଅମରେନ୍ଦ୍ର ପାଣିଗ୍ରାହୀ ଓ ରୂପକ ବିହାରୀ ରାୟ ପ୍ରମୁଖ ସ୍ମୃତିଚାରଣ କରିଥିଲେ । ଏହି ଅବସରରେ ସୋନମ ମିଶ୍ରଙ୍କ ଦ୍ୱାରା ଅନୁଦିତ ସ୍ୱର୍ଗତ ମହାପାତ୍ରଙ୍କ କବିତା ସଂକଳନ 'ଔର ଭି କୁଛ କହନା ହେ' ଲୋକାର୍ପିତ ହେବା ସହ ତାଙ୍କ ପରିବାର ତରଫରୁ ଗାନ୍ଧୀ ବାଳାଶ୍ରମକୁ ଝରଣା ପଟ୍ଟନାୟକଙ୍କ ଜରିଆରେ ପନ୍ଦର ହଜାର ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। ପ୍ରାରମ୍ଭରେ ଡ. ରାଧାରାଣୀ ମହାପାତ୍ର କବିଙ୍କ ସୃଜନ, ଶୈକ୍ଷିକ ଓ ବ୍ୟକ୍ତିଗତ ଜୀବନ ଉପରେ ସୂଚନା ପ୍ରଦାନ କରିଥିଲେ ଓ ଶୈଳେନ୍ଦ୍ର ନାରାୟଣ ପାଢ଼ୀ ବେଦପାଠ କରିଥିଲେ । ସ୍ୱାକୀ ଦାଶରଥୀ ଦାଶ, ଭଗ୍ନୀ ସରୋଜିନୀ ମହାପାତ୍ର, ପୁତ୍ର ପୂର୍ଣ୍ୟକାମ ଓ ସତ୍ୟକାମ ଏବଂ ବୋହୂ ଶୁଭଶ୍ରୀ ଓ ଜସ୍ମିନ୍ ସଭା ପରିଚାଳନାରେ ସହାୟତା କରିଥିଲେ। ଶେଷରେ କଣ୍ଠଶିଳ୍ପୀ ରୁଦ୍ର ମାଧବ ବାରିକ ଓ ଦେବେନ୍ଦ୍ର ପଣ୍ଡାଙ୍କ ଦ୍ୱାରା ଭକ୍ତି ସଂଗୀତ ପରିବେଷଣ କରିଥିଲେ ।

# ଏ ୱାନ ଛାତ୍ର ଛାତ୍ରୀମାନଙ୍କ ପାଇଁ ସମ୍ବର୍ଦ୍ଧନା ଉତ୍ସବ




ବାସୁଦେବପୁର, ୧୨/୫ (ନି.ପ୍ର): ବାସୁଦେବପୁର ବ୍ଲକ ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟ ପକ୍ଷରୁ ଚଳିତ ବର୍ଷ ମ୍ୟାଟ୍ରିକ ପରୀକ୍ଷାରେ ବାସୁଦେବପୁର ରେ ବିଭିନ୍ନ ବିଦ୍ୟାଳୟର ଏ ୱାନ ରେ ସଫଳତା ହାସଲ କରିଥିବା ଛାତ୍ର ଛାତ୍ରୀ ମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି । ଏହି ଉତ୍ସବରେ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ମଧୁସ୍ମିତା ଗିରି ସଭାପତିତ୍ୱ କରିଥିଲେ। ଏହି ଉତ୍ସବରେ ବାସୁଦେବପୁର ନିର୍ବାଚନ ମଣ୍ଡଳୀର ମାନ୍ୟବର ବିଧାୟକ ଅଶୋକ କୁମାର ଦାସ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛାତ୍ର ଛାତ୍ରୀ ମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଏହି ଉତ୍ସବରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ଏ ବି ଇ ଓ ଉର୍ମିଳା କର, ଏ ବି ଇ ଓ ତପନ ଦ୍ୱିବେଦୀ, ଅମୀୟ କୁମାର ମହାଳିକ ପ୍ରମୁଖ । ଏହି ଉତ୍ସବରେ ମାନ୍ୟବର ବିଧାୟକ ଶ୍ରୀ ଦାସ ଓ ସମସ୍ତ ଅତିଥି ଛାତ୍ର ଛାତ୍ରୀ ମାନଙ୍କ ଭବିଷ୍ୟତ ଉଜ୍ଜ୍ୱଳ କାମନା କରିଥିଲେ। ଏହି ଉତ୍ସବରେ ଅମୀୟ କୁମାର ପାଣିଗ୍ରାହୀ ମଞ୍ଚ ସଂଯୋଜନା କରିଥିଲେ। ସମସ୍ତ ସି ଆର ସି ସି, ଛାତ୍ର ଛାତ୍ରୀ ମାନଙ୍କ ଅଭିଭାବକ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଉତ୍ସବରେ ଶେଷରେ ଛାତ୍ର ଛାତ୍ରୀ ମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରା ଯାଇଥିଲା।

ବୁଧବାର, ମଇ ୧୩, ୨୦୨୬

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ଅବକାରୀ ବିଭାଗ ପକ୍ଷରୁ ବିପୁଳ ପରିମାଣରେ ପୋଚ ଓ ରନ୍ଧା ମଦ ଜବତ



ବୈଶିଙ୍ଗା, ୧୨/୫ (ନି.ପ୍ର): ଅବକାରୀ ବିଭାଗ ତରଫରୁ ଅପ୍ରତ୍ୟାଶିତ ଭାବେ ଚଢ଼ାଉ କରାଯାଇ ବିପୁଳ ପରିମାଣର ପୋଚ ଓ ରନ୍ଧା ମଦ ଜବତ କରାଯାଇଛି । ଏହି ଚଢ଼ାଉରେ ଜିଲ୍ଲା ଅବକାରୀ ଅଧିକ୍ଷକ ପ୍ରଶାନ୍ତ କୁମାର କହଁର ଙ୍କ ନେତୃତ୍ୱରେ ବେତନଟୀ ଅବକାରୀ ଇନିସପେକଟର ପ୍ରଦୀପ କୁମାର ବେହେରା , ଖୁଣ୍ଟା ଅବକାରୀ ଅଧିକାରୀ କୃଷ୍ଣ ଚନ୍ଦ୍ର ସେଠୀ ଙ୍କ ସମେତ ଅନ୍ୟ କମିଚାରୀ ମାନେ ସହଯୋଗ କରିଥିଲେ ।ବଡସାହି ଥାନା ଅଧିନ ଅସ୍ତଝରଣ ଗ୍ରାମରୁ ୪୮୦୦ କିଗ୍ରା ପୋଚ ସମେତ ୪୨୦ ଲିଟର ରନ୍ଧା ମଦ ଜବତ କରା ଯାଇଛି । ସେହିଭଳି ଏହି ଥାନା ଅଧିନ କମଳାଶୋଳ ଗ୍ରାମରୁ ୩୯୦୦ କିଗ୍ରା ପୋଚ ସମେତ ୩୮୦ ଲିଟର ରନ୍ଧା ମଦ ଜବତ କରାଯାଇଛି । ବାରମ୍ଵାର ଅବକାରୀ ବିଭାଗ ଦ୍ୱାରା ବେଆଇନ ଦେଶୀ ମଦ ପ୍ରସ୍ତୁତ ଅଞ୍ଚଳରୁ ବିପୁଳ ପରିମାଣର ରନ୍ଧା ମଦ ଓ ପୋଚ ନଷ୍ଟ କରାଯାଉଥିଲେ ମଧ ଲାଭ ଖୋର ମଦ ବେପାରୀ ମାନେ ଏଥିରୁ ନିବୃତ ହେଉନାହାନ୍ତି ।

## ବାଲେଶ୍ୱରରେ ୩ ଦିନିଆ ଜିଲ୍ଲାସ୍ତରୀୟ ବାସଗୃହ ଭିତ୍ତିକ କ୍ଷମତା ବିକାଶ ଓ ବଜାର ସଚେତନତା କର୍ମଶାଳା ଉଦ୍‌ଘାଟିତ

ବାଲେଶ୍ୱର, ୧୨/୫ (ନି.ପ୍ର): ବାଲେଶ୍ୱର ଜିଲ୍ଲାରେ ଓରମାସ ଓ ମିଶନ ଶକ୍ତିର ସହଯୋଗରେ ୩ ଦିନିଆ ଜିଲ୍ଲାସ୍ତରୀୟ ବାସଗୃହ ଭିତ୍ତିକ "କ୍ଷମତା ବିକାଶ ଓ ବିପଣନ ସଚେତନତା କର୍ମଶାଳା" ଆଜି ଜିଲ୍ଲାପାଳ ଓ ଜିଲ୍ଲା ମଜିଷ୍ଟ୍ରେଟ, ବାଲେଶ୍ୱର ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କ ଦ୍ୱାରା ଉଦଘାଟିତ ହୋଇଛି । ଏହି କର୍ମଶାଳାରେ ଜିଲ୍ଲାର ବିଭିନ୍ନ କମ୍ୟୁନିଟି ଭିତ୍ତିକ ସଂଗଠନ, ପ୍ରୋଡ୍ୟୁସର ଗ୍ରୁପ୍, ପ୍ରୋଡ୍ୟୁସର କମ୍ପାନୀ, ଫାର୍ମର ପ୍ରୋଡ୍ୟୁସର ଅର୍ଗାନାଇଜେସନ୍ ଏବଂ ରୁରାଲ ପ୍ରୋଡ୍ୟୁସର ଇନଷ୍ଟିଟ୍ୟୁସନ/କ୍ଲଷ୍ଟରରୁ ମୋଟ ୬୦ ଜଣ ପ୍ରତିନିଧି ଅଂଶଗ୍ରହଣ




କରିଛନ୍ତି । ଏହି କର୍ମଶାଳାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଗ୍ରାମୀଣ ଉତ୍ପାଦକ ଓ କାରିଗରମାନଙ୍କର ବିପଣନ କ୍ଷମତା ଏବଂ ଉଦ୍ୟମ ପରିଚାଳନା ଦକ୍ଷତାକୁ ସୁଦୃଢ଼ କରିବା । କର୍ମଶାଳାରେ ହିସାବ ରକ୍ଷଣ ପ୍ରଣାଳୀ, ପ୍ୟାକେଜିଂ ଓ ବ୍ରାଣ୍ଡିଂ, ବିକ୍ରୟ କୌଶଳ, ଏବଂ ଡିଜିଟାଲ/ଇ-କମର୍ସ ମାଧ୍ୟମରେ ବିପଣନ ସମ୍ବନ୍ଧୀୟ ବିଭିନ୍ନ ବିଷୟରେ ପ୍ରଶିକ୍ଷଣ ପ୍ରଦାନ କରାଯାଉଛି । ଏହି ପ୍ରଶିକ୍ଷଣ ମାଧ୍ୟମରେ ଗ୍ରାମୀଣ ଉତ୍ପାଦକ ଗୋଷ୍ଠୀମାନଙ୍କୁ ବ୍ୟବହାରିକ ଜ୍ଞାନ ଓ କୌଶଳ ଯୋଗାଇ ସେମାନଙ୍କର ଉତ୍ପାଦକୁ ବଜାର ସହଯୋଗୀ କରାଇବା ସହ ଗ୍ରାମୀଣ ବିକାଶକୁ ପ୍ରୋତ୍ସାହିତ କରାଯିବ ।

## କର୍ମଚାରୀ ଛଟେଇକୁ ବିରୋଧ କରି ଓଡ଼ିଶା ବିଦ୍ୟୁତ କର୍ମଚାରୀ ମହାସଂଘର ଆନ୍ଦୋଳନ

ବସ୍ତା , ୧୨/୫ (ନି.ପ୍ର): ଖର୍ଚ୍ଚ କାଟ ଆଳ ଦେଖାଇ ଟାଟା ଟିପିଏନଓଡିଏଲ କମ୍ପାନୀର ଶ୍ରମିକ ମାନଙ୍କୁ ଛୋଟେଇକୁ ବିରୋଧ କରି ବସ୍ତା ଓଡିଶା ବିଦ୍ୟୁତ କର୍ମଚାରୀ ମହାସଂଘ ପକ୍ଷରୁ ଧାରଣା । ସାରା ରାଜ୍ୟବାପି ଧାରଣା ବିକ୍ଷୋବ ଚାଲିଥିବେଳେ ଆଜି ବସ୍ତା ବିଦ୍ୟୁତ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ବସ୍ତାଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସଂଘ ପକ୍ଷରୁ ଧାରଣା ଦିଆଯାଇ ଏକ ଦାବୀପତ୍ର କାର୍ଯ୍ୟାନିର୍ବାହୀ ଯନ୍ତ୍ରୀଙ୍କୁ ଦୀଆଯାଇଥିଲା । ଏହି ପ୍ରତିବାଦରେ ଶତାଧିକ କର୍ମଚାରୀ ଯୋଗ ଦେଇଥିଲେ । ନିଜର ଦରକାର ସମୟ ରେ କମ୍ପାନୀ ତାର ସ୍ୱାର୍ଥ ପାଇଁ ଆମକୁ କାମରେ ଲଗାଇ ପରେ କହୁଛି ଆମକୁ କାଢି ଦେବ । ଝିଣ୍ଟିକା ମାରି ବଣୀ ପୋଷିବା ଚଳିବ ନାହିଁ ର ନାରା ରେ କମ୍ପୁଥିଲା ବସ୍ତା ସବ ଡିଭିଜନ୍ ରେ । ଏହି ଧାରଣା ରେ ଡିଭିଜନାଲ ସମ୍ପାଦକ ବ୍ରଜ ବିହାରୀ ବାଗ, ଓର୍ଡ଼ିଶା ବିଦ୍ୟୁତ ବିଭାଗ କରମ୍ଚାରି ସଂଘ ର ଯୁଗ୍ମ ସମ୍ପାଦକ ନିଗମାନନ୍ଦ ରାଉତ, ଅତିରିକ୍ତ ଡିଭିଜନାଲ ସମ୍ପାଦକ ବସ୍ତା ଚନ୍ଦନ କୁମାର ଦାସ, ବି ଏସ ଏଲ୍ ସମ୍ପାଦକ ସନ୍ୟାସୀ ଜେନା, ସମ୍ପାଦକ ବସ୍ତା ଶାଖା ପ୍ରଦୀପ କୁମାର ଦାସଙ୍କ ପ୍ରମୁଖ ଉପସ୍ଥିତ ଥିଲା ବେଳେ ଅନ୍ୟ




ମାନଙ୍କ ମଧ୍ୟରେ ପ୍ରଦୀପ, ଅଶୋକ, ରାଜେଶ, ରବିନ୍ଦ୍ର, ଶୁଭେନ୍ଦୁ, ବିଶ୍ୱରଞ୍ଜନ ପ୍ରଧାନ, ନରୋତ୍ତମ ନାୟକ, ଦେବେନ୍ଦ୍ର ମିସ୍ତ୍ରୀ, ଗଣେଷ ଦତ୍ତ, ନିତ୍ୟାନନ୍ଦ ନାୟକ ଶହ ଶତାଧିକ କର୍ମଚାରୀ ଉପସ୍ଥିତ ଥିଲେ । ଏଥି ସହ ଶ୍ରମିକ ଛୋଟେଇ ନ କରିବା ପାଇଁ ଦାବୀପତ୍ର ମୁଖ୍ୟମନ୍ତ୍ରୀ, ଚରୋଟି ଜୋନର ସିଓ, ଏସ ସି ଙ୍କ ସହ ଆଜି କାର୍ଯ୍ୟନିର୍ବାହୀ ଅଧିକାରୀ ବସ୍ତା ଙ୍କୁ ମଧ ଦାବି ପତ୍ର ଦେଇଛନ୍ତି । ଆଗାମୀ ଦିନରେ ଛଟେଇ ଉଠାଇ ଶ୍ରମିକ ଙ୍କୁ ପୂର୍ବ ଭଳି କାମରେ ନ ରଖିଲେ ବହୁ ମାତ୍ରା ରେ ଶ୍ରମିକ ଆନ୍ଦୋଳନ ର ଚେତାବନୀ ଦେଇଛନ୍ତି ସମସ୍ତେ ।

## ରାଜ୍ୟରେ ପେଟ୍ରୋଲ ଓ ଡିଜେଲର ଅଭାବ ନାହିଁ

ଭୁବନେଶ୍ୱର, ୧୨/୫ (ନି.ପ୍ର): ରାଜ୍ୟରେ ପେଟ୍ରୋଲ ଏବଂ ଡିଜେଲର ଅଭାବ ନାହିଁ । ତୈଳ କମ୍ପାନୀଗୁଡ଼ିକ ପାଖରେ ପର୍ଯ୍ୟାପ୍ତ ତେଲ ମହଜୁଦ ରହିଛି । କୌଣସି ପ୍ରକାର ସଙ୍କଟଜନକ ସ୍ଥିତି ନାହିଁ । ତେଣୁ ଲୋକମାନେ କୌଣସି ଗୁଜବରେ ବିଶ୍ୱାସ କରନ୍ତୁ ନାହିଁ ବୋଲି ପେଟ୍ରୋଲିୟମ ଡିଲର୍ସ ସଂଘର ସାଧାରଣ ସମ୍ପାଦକ ସଞ୍ଜୟ ଲାଠ କହିଛନ୍ତି । ସେ କହିଛନ୍ତି ବ୍ୟାଙ୍କ ବନ୍ଦ ରହିବା କାରଣରୁ ପେଟ୍ରୋଲ ପମ୍ପ ମାଲିକମାନେ ତୈଳ କମ୍ପାନୀଗୁଡିକୁ ନଗଦ ଟଙ୍କା ପୈଠ କରି ପାରିନଥିବାରୁ କିଛି ସ୍ଥାନରେ ସାମୟିକ ଭାବେ ପେଟ୍ରୋଲ ସରିଯାଇଥିଲା । ସେଥିପାଇଁ ସାସମାନ୍ୟ କଟକଣା ଲାଗୁ କରାଯାଇଥିଲା । ବର୍ତ୍ତମାନ ରାଜ୍ୟରେ ଥିବା ୩ହଜାରରୁ ଉର୍ଦ୍ଧ୍ୱ ପେଟ୍ରୋଲ ପମ୍ପରେ ସୁରୁଖୁରୁରେ କାର୍ଯ୍ୟ ଚାଲିଛି । ଓଡ଼ିଶାରେ ଦୈନିକ ୨,୬୦୦ କିଲୋ ଲିଟର ପେଟ୍ରୋଲ ଏବଂ ୮, ୬୦୦ କିଲୋ ଲିଟରର ଆବଶ୍ୟକତା ରହିଛି । ବର୍ତ୍ତମାନ ସମୟରେ ତୈଳ ଦର ବୃଦ୍ଧି ହେବାର କୌଣସି ସମ୍ଭାବନା ନାହିଁ । ତେଣୁ ଖାଉଟିମାନେ ଆଦୌ ଆତଙ୍କିତ ନହେବାକୁ ସେ ପରାମର୍ଶ ଦେଇଛନ୍ତି ।

## ବାରିପଦାରେ ମନ୍ତ୍ରୀ ରବି ନାରାୟଣ ନାଏକଙ୍କ ସାମ୍ବାଦିକ ସମ୍ମିଳନୀ

### ଓଡ଼ିଶା ୧୬,୯୯୦ଟି ଜନବସତିକୁ ସଡ଼କ ସଂଯୋଗ କରି ଦେଶରେ ତୃତୀୟ ସ୍ଥାନ ଅଧିକାର କରିଛି

ବାରିପଦା , ୧୨/୫ (ନି.ପ୍ର): ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାର ସଫଳ କାର୍ଯ୍ୟାନ୍ୱୟନ ଏବଂ ଗ୍ରାମୀଣ ସଂଯୋଗ କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଓଡ଼ିଶାକୁ କେନ୍ଦ୍ର ଗ୍ରାମୀଣ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ଜାତୀୟସ୍ତରରେ ସମ୍ମାନିତ କରାଯାଇଛି । ଏହି ଅବସରରେ ମଧ୍ୟପ୍ରଦେଶର ସିହୋର ଠାରେ ଆୟୋଜିତ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାର ୨୫ ବର୍ଷ ପୂର୍ତ୍ତି ଉତ୍ସବରେ ଓଡ଼ିଶା ୧୬,୯୯୦ଟି ଜନବସତିକୁ ସଡ଼କ ସଂଯୋଗ ପ୍ରଦାନ କରି ଦେଶରେ ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ ପାହାଡ଼ିଆ ଅଞ୍ଚଳରେ ୨,୧୩୨ଟି ଜନବସତିକୁ ସଂଯୋଗୀକରଣ କରି ମଧ୍ୟ ଜାତୀୟ ସ୍ତରରେ ତୃତୀୟ ସ୍ଥାନ ହାସଲ କରିଛି । ସେହିପରି ବସୁନ୍ଧରା ଯୋଜନାରେ ଆମ ରାଜ୍ୟ ୧ନମ୍ବର ସ୍ଥାନ ହାସଲ



କରିଛି । ବର୍ତ୍ତମାନର ସରକାର ଲୋକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ରାସ୍ତା ଘାଟ, ପାନୀୟ ଜଳ ଯୋଗାଣକୁ ଅଧିକ ଗୁରୁତ୍ୱ ଦେଉଛନ୍ତି । ଆଗାମୀ ଦିନରେ ସବୁ କ୍ଷେତ୍ରରେ ଆମ ସରକାର ଦେଶରେ ଏକ ନମ୍ବର ହେବା ପାଇଁ ଚେଷ୍ଟା ଜାରୀ ରହିଛି ବୋଲି ଆଜି ବାରିପଦା ସର୍କିଟ ହାଉସ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ପଞ୍ଚାୟତିରାଜ, ପନୀୟ ଜଳ ଏବଂ ଗ୍ରାମ୍ୟ ଉନ୍ନୟନ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ କହିଛନ୍ତି । ସେହିପରି ମୟୂରଭଞ୍ଜ ଜିଲ୍ଲାରେ ଜଙ୍ଗଲ ଜମି ଯୋଗୁଁ ଅନେକ ରାସ୍ତା ନିର୍ମାଣରେ ସମାସ୍ୟା ରହିଥିଲା ଯାହା ଆମ ସରକାର ଆସିବା ପରେ ଜୀବଜନ୍ତୁଙ୍କ ଯାତାୟାତ ଓ ସୁରକ୍ଷା ରଖାଯାଇ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ କରାଯାଉଛି । ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା-୪ ରେ ଆମ ରାଜ୍ୟ ରେ ୧୭୦୦ କିଲୋମିଟର ରାସ୍ତା ନିର୍ମାଣ ଯୋଜନା କରାଯାଇଛି । ଏଥିରେ ମୟୂରଭଞ୍ଜ ଜିଲ୍ଲାର ମଧ କିଛି ଅଂଶ ରହିଛି । ଡବଲ ଇଞ୍ଜିନ ସରକାର ଆସିବା ପରେ ମୟୂରଭଞ୍ଜ ଜିଲ୍ଲାରେ କିଛି ମେଗା ପାନୀୟ ଜଳ ପ୍ରକଳ୍ପ ଶୁଭାରମ୍ଭ ସରିଲାଣି , ଆଜି ୨ଟି ପ୍ରକଳ୍ପର ଶୁଭାରମ୍ଭ ହୋଇଥିବା ବେଳେ, ଆଗାମୀ ୨୦୨୭ସୁଦ୍ଧା ସମସ୍ତ ଗାଁ ତଥା ଘରକୁ ପାଇପ ପାଣି ଯୋଗାଇବା ପାଇଁ ବ୍ୟବସ୍ଥା କରିଛନ୍ତି. ସେହିପରି ସାମ୍ବାଦିକଙ୍କ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି,ପଞ୍ଚାୟତ ନିର୍ବାଚନ ନେଇ ସମୟ ସ୍ଥିର ହୋଇନାହିଁ । ତେବେ ମୋହନ ମାଝୀଙ୍କ ସରକାର ଶାସନରେ ଆସିବା ପରେ ଅନେକ ଉନ୍ନତିମୂଳକ କାର୍ଯ୍ୟ କରିଛନ୍ତି ତେଣୁ ପଞ୍ଚାୟତ ନିର୍ବାଚନରେ ବିଜେପିକୁ ଲୋକେ ବହୁମତ ଦେବେ ଏଥିରେ କୌଣସି ସନ୍ଦେହ ନାହିଁ । ବିଗତ ସରକାରଙ୍କ ଅମଳରେ ଲୋକମାନେ ମାସ ମାସ ଧାରଣାରେ ବସି ଆନ୍ଦୋଳନ କରୁଥିଲେ , ସେ ପରିସ୍ଥିତି ଏବେ ନାହିଁ । ଆଇନଶୃଙ୍ଖଳା ସମ୍ପୂର୍ଣ୍ଣ ଆୟତ୍ତାଧିନ ରହିଛି । ଦୋଷୀ ବିରୁଦ୍ଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିଆଯାଉଛି ବୋଲି କହିଛନ୍ତି ମନ୍ତ୍ରୀ ରବି ନାଏକ । ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟ ମାନଙ୍କ ମଧ୍ୟରେ ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ତଥା ଉଦଳା ବିଧାୟକ ଭାସ୍କର ମଢେଇ, ବିଜେପି ଜିଲ୍ଲା ସଭାପତି ନିହାର ରଞ୍ଜନ ମୋଦୀ, ବିଜେପି ଅନୁସୂଚିତ ଜନଜାତି ମୋର୍ଚ୍ଚାର ରାଜ୍ୟ ସଭାପତି କାନ୍ଦ୍ରା ସୋରେନ ପ୍ରମୁଖ ଉପସ୍ଥିତ ଥିଲେ ।

## ଖାଦ୍ୟ ଓ ସାମାଜିକ ସୁରକ୍ଷା ସବୁକିଛିରୁ ବଂଚିତ ଭିନ୍ନକ୍ଷମ ମା' ସାକ୍ର ବେଶ୍ରା



ଉଦଳା, ୧୨/୫ (ନି.ପ୍ର): କପ୍ତିପଦା ବ୍ଲକର ଜଡ଼ିଦା ପଂଚାୟତ ଅନ୍ତର୍ଗତ ଘୁଂଟିବିଲ ଗ୍ରାମର ବାସିନ୍ଦା ମଦନ ବେଶ୍ରାଙ୍କର ସହଧର୍ମିଣୀ ସାକ୍ର ବେଶ୍ରା ପିଲାଟି ଦିନରୁ ଭିନ୍ନକ୍ଷମ ଅଟନ୍ତି । ଜନ୍ମରୁ ତାଙ୍କର ଦୁଇଟିଯାକ ପାଦ ନଥିବାରୁ ସେ ଭଲଭାବରେ ଚାଲବୁଲ କରିପାରନ୍ତି ନାହିଁ । 'ସାକ୍ର'ଙ୍କୁ ବର୍ତ୍ତମାନ ବୟସ ୫୦ ବର୍ଷ ଛୁଇଁଥିବା ବେଳେ ସେ ଖାଦ୍ୟ ଓ ସାମାଜିକ ସୁରକ୍ଷା ସବୁକିଛିରୁ ବଂଚିତ ଥିବାର ଜଣାଇଛନ୍ତି । ଏ ବାବଦରେ ସେ ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟର ଦ୍ୱାରସ୍ଥ ହୋଇ ବାରମ୍ବାର ଗୁହାରି ଜଣାଇଥିଲେ ମଧ କେହି ଶୁଣୁନଥିବାର ଅଭିଯୋଗ କରିଛନ୍ତି । ତାଙ୍କର ଆଧାରକାର୍ଡ଼ ନଥିବା ଯୋଗୁଁ ସେ ଏ-ସମସ୍ତ ସୁବିଧା ପାଇପାରୁ ନଥିବାର ଜଣାଯାଇଛି । ତେବେ ଆଧାର କାର୍ଡ଼ ପାଇଁ ସେ ବାରମ୍ବାର ଫଟୋ ଉଠାଉଥିଲେ ମଧ ତାଙ୍କର ଆଧାରକାର୍ଡ଼ କାହିଁକି ଆସୁନାହିଁ ତାହା ତାଙ୍କୁ ଜଣାନଥିବାର କହିଛନ୍ତି । ତାହାଉଡ଼ା ଆଦିବାସୀ ଭାଇ ଭଉଣୀ ମାନଙ୍କର ସବୁ ପ୍ରକାର ସୁଖ ଦୁଃଖ ବୁଝିବା ପାଇଁ ଏଠାରେ ସମନ୍ୱିତ ଆଦିବାସୀ ଉନ୍ନୟନ ପ୍ରକଳ୍ପ କାର୍ଯ୍ୟ କରୁଛି । ଯାହାର କାର୍ଯ୍ୟାଳୟ ଉଦଳା ଠାରେ ରହିଛି । ତେବେ ସାକ୍ର ବେଶ୍ରା ଜଣେ ଆଦିବାସୀ ଭିନ୍ନକ୍ଷମ ମା' ହୋଇଥିବା ବେଳେ ଉକ୍ତ ପ୍ରକଳ୍ପ ତାଙ୍କୁ କୌଣସି ସହଯୋଗ ନକରି କାହିଁକି ଚୁପ ମାରି ବସିଛି ବୋଲି ଅନେକ ପ୍ରଶ୍ନ ଉଠାଇଛନ୍ତି । ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେବାକୁ ଅନେକ ଗୁଡ଼ିଏ ସ୍ୱେଚ୍ଛାସେବି ସଂଗଠନ ଦାବି ଜଣାଇଛନ୍ତି ।

## ୧୮ରେ ଓଡ଼ିଶା ଆସିବେ ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ନିତିନ ନବୀନ

ଭୁବନେଶ୍ୱର, ୧୨/୫ (ନି.ପ୍ର): ବିଜେପିର ରାଷ୍ଟ୍ରୀୟ ଅଧ୍ୟକ୍ଷ ନିତିନ ନବୀନ ଆସନ୍ତା ୧୮ ତାରିଖରେ ଓଡ଼ିଶା ଗସ୍ତରେ ଆସିବେ । ଅଧ୍ୟକ୍ଷ ହେବା ପରେ ପ୍ରଥମଥର ପାଇଁ ଓଡ଼ିଶା ଗସ୍ତରେ ଆସିବେ ନିତିନ । ଓଡ଼ିଶା ଗସ୍ତ ବେଳେ ସେ ବିଜେପି ସାଂଗଠନିକ ଜିଲ୍ଲା ପ୍ରଶିକ୍ଷଣ ଶିବିରରେ ଯୋଗଦେବେ ବୋଲି ସୂଚନା ମିଳିଛି । ଅନ୍ୟପକ୍ଷରେ ନିତିନ ନବୀନଙ୍କ ଗସ୍ତ ନେଇ ରାଜ୍ୟ ବିଜେପି ସଭାପତି ତଥା ସାଂସଦ ମନମୋହନ ସାମଲ ପ୍ରତିକ୍ରିୟା ରଖି କହିଛନ୍ତି ଯେ ପଂଚାୟତ, ପୌର ନିର୍ବାଚନ ପୂର୍ବରୁ ନିତିନଙ୍କ ଓଡ଼ିଶା ଗସ୍ତ ଗୁରୁତ୍ୱ ବହନ କରେ । ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କ ଗସ୍ତ ଦଳୀୟ କାର୍ଯ୍ୟକର୍ତ୍ତାଙ୍କ ମନରେ ଉତ୍ସାହ ଭରିବ । ତାଙ୍କ ପ୍ରଶିକ୍ଷଣ ଓ ମାର୍ଗ ଦର୍ଶନ ଆମ ପାଇଁ ଉପଯୋଗୀ ହେବ ।

## ବାଲେଶ୍ୱରରେ ନିର୍ମିତ ହେବ ଅତ୍ୟାଧୁନିକ ବାୟୁମଣ୍ଡଳୀୟ ମହାକାଶ ଗବେଷଣା ସୁବିଧା କେନ୍ଦ୍ର

**ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ, ପ୍ରତିରକ୍ଷା ମନ୍ତ୍ରୀ ଓ କେନ୍ଦ୍ରମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲେ ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ**




ବାଲେଶ୍ୱର, ୧୨/୫ (ନି.ପ୍ର): ବାଲେଶ୍ୱରରେ ନିର୍ମିତ ହେବ ଅତ୍ୟାଧୁନିକ ବାୟୁମଣ୍ଡଳୀୟ ମହାକାଶ ଗବେଷଣା ସୁବିଧା କେନ୍ଦ୍ର । ଏନେଇ ସର୍କିଟ ହାଉସଠାରେ ବାଲେଶ୍ୱର ଲୋକସଭା ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି । ଭାରତ ସରକାରଙ୍କ ପ୍ରତିରକ୍ଷା ମନ୍ତ୍ରଣାଳୟ ଅଧୀନସ୍ଥ ଡିଆରଡିଓ ଦ୍ୱାରା ବିନା ପ୍ରିମିୟମରେ ଅନୁମୋଦନ ହୋଇଛି ଜମି ।ବାଲେଶ୍ୱର ଚାନ୍ଦିପୁର ସ୍ଥିତ ଡିଆରଡିଓ ଅଧୀନରେ ଥିବା ପ୍ରାୟ ୧୯.୨୫ ଏକର ପ୍ରତିରକ୍ଷା ଜମିକୁ ଇସ୍ରୋକୁ ଲିଜ୍‌ରେ ପ୍ରଦାନ କରାଯାଇଛି । ଏଥିପାଇଁ ବାର୍ଷିକ ମାତ୍ର ୧ ଟଙ୍କା ନାମମାତ୍ର ଲିଜ୍ ଭଡ଼ା ଧାର୍ଯ୍ୟ କରାଯାଇଛି । ଏହି ଲିଜ୍ ପ୍ରାରମ୍ଭିକ ୩୦ ବର୍ଷ ପାଇଁ ଏବଂ ପରେ ୩୦ ବର୍ଷ ଲେଖାଏଁ ଦୁଇଥର ସମୁଦାୟ ୯୦ ବର୍ଷ ବୃଦ୍ଧି କରାଯାଇପାରିବ ।ପ୍ରମାଣଭିତ୍ତିକ ଗବେଷଣା ତଥ୍ୟ ସଂଗ୍ରହ, ଜ୍ଞାନ ବିନିମୟ ଏବଂ ବୈଜ୍ଞାନିକ ସହଯୋଗକୁ ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଏପରି ଏକ ପଦକ୍ଷେପ ନିଶ୍ଚିତ ଭାବେ ଦେଶର ଗବେଷଣା କ୍ଷେତ୍ରକୁ ନୂଆ ଦିଗ ଦେବ ।ଏହି ପ୍ରକଳ୍ପ ଉପକୂଳ ଅଞ୍ଚଳର ଜନଜୀବନ ଓ ପରିବେଶ ସୁରକ୍ଷା ସହିତ ଜଳବାୟୁ ପରିବର୍ତ୍ତନ, ମହାକାଶରେ ଉପଗ୍ରହ ସମ୍ବନ୍ଧୀୟ ଚ୍ୟାଲେଞ୍ଜକୁ ମୁକାବିଲା କରିବାରେ ବେଶ ସହାୟକ ହେବ ବୋଲି ସାଂସଦ ଶ୍ରୀ ଯୁକ୍ତ ଷଡ଼ଙ୍ଗୀ କହିଛନ୍ତି । । ଭୁବିଜ୍ଞାନ, ଡିଆରଡିଓ ଓ ଇସ୍ରୋର ମିଳିତ ସହଯୋଗରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ କରାଯିବ । ଏ ନେଇ ଏକ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଏଭଳି ମହତ୍ୱାକାଂକ୍ଷୀ ପ୍ରକଳ୍ପକୁ ସମର୍ଥନ ଓ ପ୍ରୋତ୍ସାହନ ପ୍ରଦାନ କରିଥିବାରୁ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ପ୍ରତିରକ୍ଷାମନ୍ତ୍ରୀ ରାଜନାଥ ସିଂହ, କେନ୍ଦ୍ରମନ୍ତ୍ରୀ ଜିତେନ୍ଦ୍ର କୁମାର ସିଂହ ଙ୍କୁ ବିଶେଷ ଧନ୍ୟବାଦ ଜଣାଇଛନ୍ତି । ସାମ୍ବାଦିକ ସମ୍ମିଳନୀରେ ବିଜେପି ରାଜ୍ୟ ପ୍ରବକ୍ତା ଇଂ ବିଭୂପଦ୍ ଦାସ ପ୍ରାରମ୍ଭିକ ସୂଚନା ସହ ମଞ୍ଚ ସଞ୍ଚାଳନ କରିଥିଲେ । ବାଲେଶ୍ୱର ସଦର ବିଧାୟକ ମାନସ କୁମାର ଦତ୍ତ ଓ ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ଉପସ୍ଥିତ ଥିଲେ ।

## ସରକାରୀ ଯୋଜନା କାର୍ଯ୍ୟକାରୀ ନାରେ ଶହ ଶହ ଟ୍ରିପ ମୋରମ ଅନ୍ୟତ୍ର ଚାଲାଣ

ଖୋରଧା , ୧୨/୫ (ନି.ପ୍ର): ନିକଟରେ ରାଜ୍ୟ ସରକାରଙ୍କ ପକ୍ଷରୁ ଖୋରଧା ଜିଲ୍ଲା ବେଗୁନିଆ ଭୁଇଁପୁର ଠାରେ ପ୍ରାୟ ୪୦,୮୦୦ କୋଟି ବ୍ୟୟ ଅଟକଳ ରେ ୩୬ ଗୋଟି ଶିକ୍ଷ ଅନୁଷ୍ଠାନ ପ୍ରତିଷ୍ଠା ନିମନ୍ତେ ମୁଖ୍ୟମନ୍ତ୍ରୀ ଶିଳାନ୍ୟାସ କରିଥିବା ବେଳେ କିଛି ମୁଷ୍ଟିମେୟ ରାଜନେତା, ଆସାଧୁ ସରକାରୀ ଅଧିକାରୀ ଏବଂ କର୍ମଚାରୀ ଚଳଚଞ୍ଚଳ ହୋଇ ପଡିଛନ୍ତି । ବେଗୁନିଆ ତହସିଲ ଅଧିନସ୍ଥ କୁଶପଲ୍ଲୀ ଗ୍ରାମରେ ଥିବା ଗୁଡ଼ିଆ ପୋଖରୀ ର ପୁନଃରୁଦ୍ଧାର ନିମନ୍ତେ ବେଗୁନିଆ ବିଧାୟକଙ୍କ ଆଞ୍ଚଳିକ ଉନ୍ନୟନ ପାଣ୍ଠି ରୁ ୫ ଲକ୍ଷ ଟଙ୍କା ଅନୁଦାନ ରେ ପୋଖରି ଖୋଳା କାର୍ଯ୍ୟ ଚାଲୁଥିବା ବେଳେ ସେଥିରୁ ବାହାରୁଥିବା ମାଟି ଓ ମୋରମ ଗୁଡିକ ପୋଖରୀ ହୁଡା ରେ ପକାଇବା ପାଇଁ ନିୟମ ରହିଛି । କିନ୍ତୁ ସ୍ଥାନୀୟ ଅଞ୍ଚଳର ଜଣେ ମୁଷ୍ଟିମେୟ ନେତାଙ୍କ ପ୍ରତେକ୍ଷ ତତ୍ତ୍ୱାବଧାନ ରେ ଗୁଡ଼ିଆ ପୋଖରୀ ରୁ ଖନନ ସମୟରେ ବାହାରୁଥିବା ଶହ, ଶହ ଟ୍ରିପ ମୋରମ ଓ ମାଟି ପୋଖରୀ ହୁଡା ରେ ନ ପକାଇ ମଧ ରାତ୍ରୀ ରେ ହାଓ୍ୱାଇ ଟ୍ରକ ସାହାଯ୍ୟ ରେ ସ୍ଥାନୀୟ ଅଞ୍ଚଳରେ ନୂତନ ଭାବରେ ନିର୍ମାଣ କରାଯାଉଥିବ ଶିକ୍ଷାନୁଷ୍ଠାନ ଗୁଡ଼ିକୁ ଚଢ଼ା ଦର ରେ ବିକ୍ରୀ କରାଯାଉଛି । ଠିକ ସେହିପରି ଭାବରେ କୁଶପଲ୍ଲୀ ଗ୍ରାମ ରେ ଥିବା ନାକଟିଚଣିଆ ପୋଖରୀକୁ ସରକାରୀ ଯୋଜନା ରେ ପୁନଃରୁଦ୍ଧାର କରିବା ଆଳ ରେ ଶହ ଶହ ଟ୍ରିପ ମାଟି ଓ ମୋରମ ରାତି ଅଧରେ ଅନ୍ୟତ୍ର ଚାଲାଣ ହେଉଥିବା ଖବର ପାଇ ସ୍ଥାନୀୟ ଅଞ୍ଚଳ ର କିଛି ଯୁବକ ଏହା କୁ ଘୋର ବିରୋଧ କରିବାରୁ ସେହି ମୋରମ ଓ ମାଟି ବୋଝେଇ ହାଓ୍ୱାଇ ଟ୍ରକ ଗୁଡିକ କୁଶପଲ୍ଲୀ ନିକଟରେ ଥିବା ମଙ୍ଗଳା ମନ୍ଦିର ନିକଟରେ ପକାଇ ଅନ୍ୟତ୍ର ଚାଲି ଯାଇଥିଲେ ଏବଂ ସୁଯୋଗ ଦେଖି ସେହି ମୋରମ ଓ ମାଟି ଗୁଡିକ ଅନ୍ୟତ୍ର ଚାଲାଣ କରାଯାଇଛି । ରାଜ୍ୟ ସରକାର ସ୍ଥାନୀୟ ଅଞ୍ଚଳ ରେ ଶିକ୍ଷାନୁଷ୍ଠାନ ସ୍ଥାପନ କରି ବେକାରୀ ସମସ୍ୟା ଦୂର କରିବା ସହିତ ଦେଶ ଓ ରାଜ୍ୟ ର ଆର୍ଥିକ ଅଭିବୃଦ୍ଧି ପାଇଁ ଉଦ୍ୟମ ଜାରି ରଖିଥିବା ବେଳେ କିଛି ମୁଷ୍ଟିମେୟ ରାଜନେତା, ଅସାଧୁ ପ୍ରଶାସନିକ ଅଧିକାରୀ ଓ କର୍ମଚାରୀ ମାନଙ୍କ ଯୋଗୁଁ ସ୍ଥାନୀୟ ଅଞ୍ଚଳ ଆଜି ମରୁଭୂମି ରେ ପରିଣତ ହେବାକୁ ଯାଉଛି । ଏପରିକି ଶ୍ମଶାନ, ଗୋଚର ଏବଂ ଅନ୍ୟ କିସମ ର ସରକାରୀ ଜମି, ପୋଖରୀ ରୁ ରାତି ଅଧିଆ ଶହ ଶହ ଟ୍ରିପ ମୋରମ, ମାଟି ଶିକ୍ଷାନୁଷ୍ଠାନ ଗୁଡିକ ପ୍ରତିଷ୍ଠା ନାଁ ରେ ସ୍ଥାନିୟ ପ୍ରସାଶନ ର ଦୃଷ୍ଟି ଆଢୁଆଳ ରେ ଚାଲାଣ ହେଉଥିବା ବେଳେ ଏହାକୁ ବିରୋଧ କଲେ ଜୀବନ ରେ ମାରି ଦେବାର ଧମକ ମଧ ଦିଆଯାଉଛି । ଏ ସମ୍ପର୍କ ରେ ବେଗୁନିଆ ତହସିଲଦାର ଙ୍କ ଦୃଷ୍ଟି ଆକର୍ଷଣ କରିବା ରୁ ସେ ତାଙ୍କର ଚିରା ଚରିତ ଢଙ୍ଗ ରେ ମାଟି ଓ ମୋରମ ସରକାରୀ ଯୋଜନା ରେ ବ୍ୟବହାର କରାଯାଉଛି ବୋଲି ସ୍ପଷ୍ଟୀକରଣ ଦେଇଥିଲେ । ପୋଖରୀ ଏବଂ ସରକାରୀ ଜମି ଗୁଡିକ ରୁ ଆବଶ୍ୟକ ଠାରୁ ଅଧିକ ଖୋଳା ଯାଉଥିବା ଯୋଗୁଁ ବିରାଟ ବିରାଟ ଗର୍ତ୍ତ ସୃଷ୍ଟି ହେଉଛି ଫଳରେ ଟିକିଏ ବର୍ଷା ହେବା ଦ୍ୱାରା ପାଣି ଭର୍ତ୍ତି ହୋଇ ରହୁଛି । ପୋଖରୀ କୁ ଶୌଚ ହେବା ପାଇଁ ଯାଉଥିବା ସ୍ଥାନୀୟ ଅଞ୍ଚଳ ର ଅଧିବାସୀ ମାନେ ପୋଖରୀ ର ଗଭୀରତା କୁ ଜାଣି ନ ପାରି ପାଣି ରେ ବୁଡି ମୃତ୍ୟୁ ବରଣ କରୁଥିବା ମଧ ନଜିର ରହିଛି । ନିକଟରେ ବେଗୁନିଆ ଗ୍ରାମ ର ପ୍ରତାପ କୁମାର ସାହୁ ପୋଖରୀ କୁ ଶୌଚ ହେବା ପାଇଁ ଯାଇଥିବା ସମୟରେ ପାଣି ରେ ବୁଡ଼ି ମୃତ୍ୟୁ ବରଣ କରିଥିଲେ । ସରକାରୀ ଯୋଜନା କାର୍ଯ୍ୟକାରୀ କରିବା ନା ରେ ବେଗୁନିଆ ଅଞ୍ଚଳ ରେ ଖଣିଜ ସମ୍ପଦ ଗୁଡିକ ଯେଉଁ ହରିଲୁଟ ଚାଲିଛି ତାକୁ ରୋକାନଗଲେ ଏକ ଭୟଙ୍କର ପରିସ୍ଥିତି ସୃଷ୍ଟି ହେବ ଏଥିରେ ତିଳେମାତ୍ର ସନ୍ଦେହ ନାହିଁ । ଖୋରଧା ଜିଲ୍ଲା ପ୍ରସାଶନ, ଖଣି ବିଭାଗ ଏବଂ ରାଜସ୍ୱ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

## ବୁର୍ଲାରେ ଏମସିଏଲର ସମୀକ୍ଷା ବୈଠକ ଅନୁଷ୍ଠିତ

ଭୁବନେଶ୍ୱର, ୧୨/୫ (ନି.ପ୍ର): ସମ୍ବଲପୁରର ବୁର୍ଲାଠାରେ ମହାନଦୀ କୋଲଫିଲ୍ଡସ୍ ଲିମିଟେଡ୍ (ଏମସିଏଲ) ର ଉଚ୍ଚ ଅଧିକାରୀମାନଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ସୁନ୍ଦରଗଡ ସାଂସଦ ଜୁଏଲ ଓରାମ ଯୋଗ ଦେଇଥିଲେ । ଏହି ଅବସରରେ ସୁନ୍ଦରଗଡ ଅଂଚଳରେ ଚାଲୁ ଥିବା ବିଭିନ୍ନ ପ୍ରକଳ୍ପ ଏବଂ ଅଗ୍ରଗତି ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା । ସ୍ଥାନୀୟ ବିକାଶ, ଭିତିଭୂମି ଉନ୍ନୟନ ଏବଂ ଜନ ସାଧାରଣଙ୍କ ଜୀବନ ମାନ ଉନ୍ନତ କରିବା ଲକ୍ଷ୍ୟରେ ଏମସିଏଲର ଭୂମିକା ନେଇ ଆଲୋଚନା ହୋଇଥିଲା ।

❐ ସଂପାଦିକା : ସୈରିନ୍ଧ୍ରୀ ସାହୁ
❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Editor: Sairindhree Sahoo
❐ Managing & Executive Editor : Srustidhar Parida